୬ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକାକୁ ୧୭ ରନ୍‌ରେ ହରାଇଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୦୩ ● ୧ ଡିସେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-303 ● 1st December 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ମନ୍ କି ବାତ : ଲୋକଙ୍କୁ କାଶୀ ତାମିଲ ସଙ୍ଗମମ ପାଇଁ ଆମନ୍ତ୍ରଣ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୩୦।୧୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ନିଜ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୧୨୮ତମ ଏପିସୋଡକୁ ସମ୍ବୋଧନ କରିବା ସମୟରେ ୨ ଡିସେମ୍ବରରେ ନୂଆ ଘାଟରେ ହେବାକୁ ଯାଉଥିବା ଚତୁର୍ଥ କାଶୀ-ତାମିଲ ସଂଗମମରେ ଲୋକମାନଙ୍କୁ ଯୋଗଦେବାକୁ ଆମନ୍ତ୍ରଣ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ସଂଗମ ତାମିଲ ଭାଷା ଓ ସଂସ୍କୃତି ସହ ସମ୍ବନ୍ଧିତ ଲୋକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଯାଇଛି ।

ପ୍ରଧାନମନ୍ତ୍ରୀ ଜି-୨୦ ଶିଖର ସମ୍ମିଳନୀ ସମୟରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କୁ ତଞ୍ଜାଭୁରର ଚୋଳକାଳୀନ କଳା ଉପରେ ଆଧାରିତ କାଶୀର ନଟରାଜ ପ୍ରତିମା ଉପହାର ଦିଆଯାଇଥିବା ବିଷୟର ମଧ୍ୟ ଉଲ୍ଲେଖ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନଭେମ୍ବର ମାସକୁ ଅତ୍ୟନ୍ତ ପ୍ରେରଣାଦାୟୀ କହି ସମ୍ବିଧାନ ଦିବସ, 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି, ରାମ ମନ୍ଦିରରେ ଧର୍ମଧ୍ୱଜା, କୁରୁକ୍ଷେତ୍ରରେ ପାଞ୍ଚଜନ୍ୟ ସ୍ମାରକ, ହାଇଦ୍ରାବାଦରେ ବିଶ୍ୱର ସବୁଠାରୁ ବଡ଼ ଲିପ୍ ଇଞ୍ଜିନ ଏମଆରଓ ସୁବିଧାର ଉଦ୍‌ଘାଟନ, ନୌସେନାରେ ଆଇଏନଏସ ମାହେର ସମ୍ମିଳନୀ ଏବଂ ସ୍କାଇରୁଟ୍‌ର 'ଇନ୍‌ଫିନିଟି କ୍ୟାମ୍ପସ୍' ଦ୍ୱାରା ଅନ୍ତରିକ୍ଷ ଅର୍ଥନୈତିକ ପରିକଳ୍ପନାରେ ମିଳିଥିବା ନୂତନ ବେଗ ଇତ୍ୟାଦି ଅପୂର୍ବ ସଫଳତାଗୁଡ଼ିକର ଉଲ୍ଲେଖ କରିଛନ୍ତି ।

ସେ କହିଛନ୍ତି ଯେ ଭାରତ ୩୫.୭ କୋଟି ଟନ୍ ଖାଦ୍ୟ ଉତ୍ପାଦନ ସହିତ ଏକ ନୂତନ ରେକର୍ଡ ସୃଷ୍ଟି କରିଛି, ଯାହା ଏକ ଦଶକ ପୂର୍ବ ତୁଳନାରେ ୧୦ କୋଟି ଟନ୍ ଅଧିକ ।

ଇସ୍ରୋ ଦ୍ୱାରା ଆୟୋଜିତ ଏକ ଅନନ୍ୟ ଡ୍ରୋନ୍ ପ୍ରତିଯୋଗିତାର ଉଲ୍ଲେଖ କରି କହିଛନ୍ତି ଯେ କିପରି ଭାରତର ଯୁବମାନେ ଅନ୍ତରିକ୍ଷ ଭଳି ଜଟିଳ ପରିସ୍ଥିତିରେ ମଧ୍ୟ ପରୀକ୍ଷଣ ଓ ଅନୁସନ୍ଧାନ ପ୍ରତି ଉତ୍ସାହିତ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସମ୍ପ୍ରତି ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଗୋଟିଏ ଭିଡିଓ ତାଙ୍କ ଧ୍ୟାନ ଆକର୍ଷଣ କରିଥିଲା, ଯେଉଁଥିରେ ଇସ୍ରୋର ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବମାନେ ମଙ୍ଗଳ ଗ୍ରହ ସଦୃଶ ପରିସ୍ଥିତିରେ ଡ୍ରୋନ୍ ଉଡ଼ାଇବାର ଚେଷ୍ଟା କରୁଥିଲେ । ସେ ପୁଣେର ଛାତ୍ରମାନଙ୍କ ଏକ ଦଳର ଉଦାହରଣ ଦେଇ କହିଛନ୍ତି ଯେ ସେମାନଙ୍କର ଡ୍ରୋନ୍ ଅନେକଥର ଖସିପଡ଼ିଥିଲା ଓ ଭାଙ୍ଗିଯାଇଥିଲା, କିନ୍ତୁ ସେମାନେ ହାର ମାନିନଥିଲେ । ଲଗାତାର ପ୍ରୟାସ ପରେ ସେହି ଦଳ ମଙ୍ଗଳ ସଦୃଶ ପୃଷ୍ଠଭୂମିରେ କିଛି ସମୟ ପାଇଁ ଡ୍ରୋନ୍ ଉଡ଼ାଇବାରେ ସଫଳ ହେଲା ।

ପ୍ରଧାନମନ୍ତ୍ରୀ ଏହାକୁ ଭାରତୀୟ ଯୁବମାନଙ୍କର ଜିଜ୍ଞାସା ଓ ଧୈର୍ଯ୍ୟର ପ୍ରମାଣ ବୋଲି କହି ସୂଚନା *(ପୃଷ୍ଠା ୭ରେ)*

ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ ଉଦ୍‌ଯାପନୀ ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ପୂର୍ବ ଭାରତର ଏମ୍ଏସ୍ଏମ୍ଇ ଗେଟ ୱେ



**ଭୁବନେଶ୍ୱର, ୩୦।୧୧**
**ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ରେଳ ସଦନ ଠାରେ ରବିବାର ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ : ୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ଏହି ସମାବେଶ ଆମର ଏମଏସଏମଇ କ୍ଷେତ୍ରରେ ଔଦ୍ୟୋଗିକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଆମ ରାଜ୍ୟ ଆଜି ଏମଏସଏମଇ କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇ ପାରିଛି । ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ ଏହି ପରିବର୍ତ୍ତନ ଆସିପାରିଛି । ଗତ କିଛି ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ । ଆମର ଗୋ ସ୍ୱିଫ୍ଟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ ବରଂ ଗୋଟିଏ ଦିନରେ ମଧ୍ୟ ପ୍ରକଳ୍ପ ଅନୁମୋଦିତ ହେଉଛି । ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ଆମ ରାଜ୍ୟ ଜିଡିପି ୬.୧ ପ୍ରତିଶତ ବିନିଯୋଗ କରାଯାଇଛି ଯାହାକି ଭାରତରେ ସର୍ବାଧିକ ।

ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ୯୮୦ ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ ବିଶେଷ ପ୍ରଶଂସାର ପାତ୍ର । ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ । ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି । ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ଓଡିଶା କଠିନ ପରିଶ୍ରମ, ନବସୃଜନ ଏବଂ ଉଦ୍ୟୋଗର ଏକ ରାଜ୍ୟ । 'ଲଘୁ ଉଦ୍ୟୋଗ ଭାରତୀ' ଭୁବନେଶ୍ୱରରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହା ଜିଲ୍ଲା ସ୍ତରରେ, ତୃଣମୂଳ ସ୍ତରରେ ଏବଂ ଉଦ୍ୟୋଗ ସ୍ତରରେ ଶିଳ୍ପ-ସରକାରୀ ସହଯୋଗକୁ ଆହୁରି ଦୃଢ଼ କରିବ । ଆମ ସରକାରର ପ୍ରମୁଖ କାର୍ଯ୍ୟକ୍ରମ, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' – ଏକ ସ୍ଲୋଗାନ ନୁହେଁ, ଏହା ଏକ ପ୍ରତିଶ୍ରୁତି । ଆମେ ଚାହୁଁଛୁ ଯେ ଓଡ଼ିଶା ପୂର୍ବ ଭାରତର ଏମଏସଏମଇ ଗେଟ ୱେ ଭାବରେ ଉଭା ହେଉ ।

ଶେଷରେ ଓଡିଶାର ଏମଏସଏମଇ କ୍ଷେତ୍ରରେ ସଫଳତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା । ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି । ଆମର ମହିଳା ନେତୃତ୍ୱାଧୀନ ଏସଏଚଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନୀ କରୁଛନ୍ତି । ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ । ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି । ସୁଭଦ୍ରା ଯୋଜନା ଏକ ସହାୟତା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ରାଜ୍ୟରେ ୨୦ଟି ବଡ଼ ପ୍ରକଳ୍ପ ଅନୁମୋଦିତ, ହଜାର ହଜାର ଲୋକଙ୍କୁ ନୂତନ କାମର ସୁଯୋଗ ।
- ସଡ଼କ ଦୁର୍ଘଟଣା କମେଇବା ପାଇଁ ରାସ୍ତାଗୁଡ଼ିକରେ ନୂଆ ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ ।
- ରାଜ୍ୟର କିଛି ଜିଲ୍ଲାରେ ନୂତନ ରୋଗ ଚିହ୍ନଟ ବଢ଼ିବାରୁ ସ୍ୱାସ୍ଥ୍ୟ ବିଭାଗ ସତର୍କ ।
- ଧାନ ଉଠାଣ ବନ୍ଦ ହେବାରୁ କୃଷକମାନଙ୍କ ଧାନ ବିକ୍ରି ଅଟକି ଯାଇ ଚିନ୍ତା ବଢ଼ିଲା ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୯୮୨ (+୦)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୦୦ (+୦)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୩୭ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୨ (+୦)

# ଆଜିଠୁ ସଂସଦର ଶୀତ ଅଧିବେଶନ, ଆଗତ ହେବ ୧୪ ବିଲ୍

**ନୂଆଦିଲ୍ଲୀ, ୩୦।୧୧**

ସଂସଦର ଶୀତକାଳୀନ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି । ଏହା ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ପୂର୍ବରୁ, ମୋଦୀ ସରକାର ଲୋକସଭା ଏବଂ ରାଜ୍ୟସଭାରେ ଆଗତ ହେବାକୁ ଥିବା ୧୪ ଟି ବିଲ୍‌ର ଏକ ତାଲିକା ପ୍ରସ୍ତୁତ କରିଛନ୍ତି ।



ଏହି ବିଲ୍ ସମେତ ଅନେକ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ବିରୋଧୀ ଦଳ ମଧ୍ୟରେ ହଟ୍ଟଗୋଳ ହେବାର ସମ୍ଭାବନା ରହିଛି । ଏଥିମଧ୍ୟରୁ ଚଣ୍ଡିଗଡ଼କୁ ନେଇ ଆସିବାକୁ ଥିବା ବିଲ୍‌କୁ ନେଇ ଏବେଠାରୁ ସ୍ଥିତି ବିବାଦୀୟ ରହିଛି । ଏହି ବିଲ୍‌କୁ ଆପ, କଂଗ୍ରେସ ଓ ଅକାଳୀ ଦଳ ବିରୋଧ କରୁଛନ୍ତି । ସୋମବାର ଅର୍ଥାତ୍ ଶୀତ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ରହିବ ।

# ଦାନ୍ତେୱାଡ଼ାରେ ୩୭ ମାଓବାଦୀଙ୍କ ଆତ୍ମସମର୍ପଣ



**ଦାନ୍ତେୱାଡା, ୩୦।୧୧**

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାରେ ୩୭ ଜଣ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ଉପରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ଏହି ମାଓବାଦୀମାନେ ବରିଷ୍ଠ ପୁଲିସ ଏବଂ ସିଆରପିଏଫ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏସପି ଗୌରବ ରାଏ କହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରେ ୧୨ ଜଣ ମହିଳା ରହିଛନ୍ତି ।

ଏହି ଗୋଷ୍ଠୀରେ ଅନେକ ହାଇପ୍ରୋଫାଇଲ କ୍ୟାଡରର ମାଓବାଦୀ ଅନ୍ତର୍ଭୁକ୍ତ । ସେମାନେ ହେଉଛନ୍ତି କୁମାଲି ଓରଫ ଅନିତା ମଣ୍ଡାଭି, ଗୀତା ଓରଫ ଲକ୍ଷ୍ମୀ ମାଡ଼କାମ, ରଞ୍ଜନ ଓରଫ ସୋମା ମଣ୍ଡାଭି ଏବଂ ଭୀମା ଓରଫ ଜାହାଜ କାଲମୁ । ପ୍ରତ୍ୟେକଙ୍କ ଉପରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରାଶି ରହିଥିଲା । ରାଜ୍ୟ ସରକାରଙ୍କ ଥଇଥାନ ଏବଂ ପୁନର୍ବାସ ନୀତି ଅନୁସାରେ ଆତ୍ମସମର୍ପଣ କରିଥିବା *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ୟୁଟ୍ୟୁବ୍ ଜ୍ଞାନୀ ବେଲଜ୍ଜ୍ୟ ଯେତକ
ଶୀର୍ଷରେ ସେ ଶୁଭଙ୍କର
ମୂର୍ଖ ନିର୍ଲଜ୍ଜ କିଛି ଜାଣିନାହିଁ
ଓଗାଳେ ଖାଲି ଜହର
ପୁଣି ପୁରୀ ଜଗନ୍ନାଥଙ୍କର
ନିନ୍ଦାକରି ଖସି ପାରିବୁନି
ପାଇବ ଫଳ ପାପର ।

# ଉପକୂଳରେ ଶୀତରୁ ଆଶ୍ୱସ୍ତି

**ଭୁବନେଶ୍ୱର, ୩୦।୧୧**
**ନ୍ୟୁଜ୍ ବ୍ୟୁରୋ**

ଏବେ ରାଜ୍ୟରେ ଥଣ୍ଡା ଜାରି ରହିଥିବା ବେଳେ ମଙ୍ଗଳ ଓ ବୁଧବାର ରାତି ଅପେକ୍ଷା ସାମାନ୍ୟ ଆଶ୍ୱସ୍ତି ମିଳିଛି । ତଥାପି ଦାରିଙ୍ଗବାଡ଼ି ଓ ଫୁଲବାଣୀର ରାତି ତାପମାତ୍ରା ୧୦ ଡିଗ୍ରୀରେ ରହିଥିବା ବେଳେ କୋରାପୁଟରେ ୧୦.୨ ଡିଗ୍ରୀ, ଝାରସୁଗୁଡ଼ାରେ ୧୦.୪ ଡିଗ୍ରୀ, ନବରଙ୍ଗପୁରରେ ୧୦.୮ ଡିଗ୍ରୀ ଓ ରାଉରକେଲାରେ ୧୧ ଡିଗ୍ରୀ ଲେଖାଏଁ ରାତି ତାପମାତ୍ରା ରେକର୍ଡ ହୋଇଛି । କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶାର ପାରଦ ନିମ୍ନଗାମୀ ରହିଥିବା ବେଳେ ଉପକୂଳ ଓଡ଼ିଶାର ପାରଦ ଉପରମୁହାଁ ହୋଇଛି । *(ପୃଷ୍ଠା ୭ରେ)*

# ସମ୍ପତ୍ତି ତାଲିକା ନଦେଲେ ପ୍ରମୋସନ ବନ୍ଦ

**ଭୁବନେଶ୍ୱର, ୩୦।୧୧ : ନ୍ୟୁଜ୍ ବ୍ୟୁରୋ**

ସରକାରୀ ବାବୁଙ୍କ ସମ୍ପତ୍ତି ତାଲିକାକୁ ନେଇ କଠୋର ହେଲେ ସରକାର । ସମ୍ପତ୍ତି ତାଲିକା ନଦେଲେ ସରକାରୀ କର୍ମଚାରୀଙ୍କର ହେବନାହିଁ ପଦୋନ୍ନତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଜାରି ହୋଇଛି ଚିଠି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏନେଇ ସବୁ ବିଭାଗକୁ ଚିଠି ଲେଖିଛନ୍ତି । ଜାନୁଆରୀ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ପୂର୍ବରୁ ବହୁବାର ଜିଏ ବିଭାଗ ପକ୍ଷରୁ ସମ୍ପତ୍ତି ତାଲିକା ଦେବାକୁ ଚିଠି ଲେଖାଯାଇଥିଲା । ହେଲେ ଅନେକ ବାବୁ ଦେଇନାହାନ୍ତି ସମ୍ପତ୍ତି ତାଲିକା । ଯେଉଁଥିରେ ସରକାର ଏବେ କଠୋର ହୋଇଛନ୍ତି ।

ବର୍ତ୍ତମାନ ସବୁ ବିଭାଗର ମୁଖ୍ୟ, ଆରଡିସି ଓ ଜିଲ୍ଲାପାଳଙ୍କୁ ଚିଠି ଲେଖି ବିଭାଗୱାରୀ ବାବୁଙ୍କର ସମ୍ପତ୍ତି କେତେ ତାହା ଏଚଆରଏମଏସ ପୋର୍ଟାଲରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଉ ଏଥିପାଇଁ ମେ ୩୧କୁ ଡେଡଲାଇନ ରଖାଯାଇଛି ।

# ସର୍ବଦଳୀୟ ବୈଠକ : ସଂସଦରେ ସହଯୋଗ କରିବାକୁ ବିରୋଧୀଙ୍କୁ ଅପିଲ

**ନୂଆଦିଲ୍ଲୀ, ୩୦।୧୧**

ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ପୂର୍ବରୁ ରବିବାର ହୋଇଥିବା ସର୍ବଦଳୀୟ ବୈଠକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରନ୍ ରିଜିଜୁ ବୈଠକ ପରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି ଯେ ଯେ ସଂସଦୀୟ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳିତ କରିବାକୁ ବିରୋଧୀ ଦଳ ମାନଙ୍କ ସହଯୋଗ ମିଳିବ ବୋଲି ସରକାର ଆଶା କରୁଛନ୍ତି ।

ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା ରକ୍ଷାମନ୍ତ୍ରୀ ରାଜନାଥ ସିଂହ କରିଥିଲେ । ସଂସଦୀୟ ସୌଧରେ ଆୟୋଜିତ ଏହି ବୈଠକରେ ରାଜ୍ୟସଭାରେ ନେତା ଜେ. ପି. ନଡା, ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରନ୍ ରିଜିଜୁ ଓ ତାଙ୍କ ସହଯୋଗୀ ଅର୍ଜୁନ ରାମ ମେଘୱାଲ, କଂଗ୍ରେସର ଲୋକସଭା ଉପନେତା ଗୌରବ ଗୋଗୋଇ ସହ ବିଭିନ୍ନ ଦଳର ଫ୍ଲୋର୍ ନେତା ମାନେ ଯୋଗ ଦେଇଥିଲେ । ବୈଠକରେ ୩୬ଟି ରାଜନୈତିକ ଦଳର ୫୦ ନେତା ଉପସ୍ଥିତ ଥିଲେ । ବିରୋଧୀ ଦଳର ନେତାମାନେ ଏସଆଇଆର ଅଭିଯାନକୁ ନେଇ ଅଭିମତ ଦେଇଥିଲେ । ଏଥିସହ ନିରାପତ୍ତା, ଗଣତନ୍ତ୍ର ଓ *(ପୃଷ୍ଠା ୭ରେ)*

## ସୁରକ୍ଷା ଓ ଗଣତନ୍ତ୍ର ପ୍ରସଙ୍ଗ ଉଠାଇଲେ ବିରୋଧୀ

**ନୂଆଦିଲ୍ଲୀ, ୩୦।୧୧**

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ହୋଇଥିବା ସର୍ବଦଳୀୟ ବୈଠକରେ ବିରୋଧୀ ପକ୍ଷରୁ ରବିବାର ସରକାରଙ୍କ ସମ୍ମୁଖରେ ଦେଶର ସୁରକ୍ଷା, ଲୋକତନ୍ତ୍ର ଓ ତାହାର ଗଠନାତ୍ମକ ଢାଞ୍ଚା ଉପରେ ହେଉଥିବା ଆକ୍ରମଣ ଭଳି ବିଷୟ ଉଠାଯାଇଛି ।

ଲୋକସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଶୀତକାଳୀନ ଅଧିବେଶନ ଛୋଟ ହେବା ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଛନ୍ତି ଯେ ଏହି ଅଧିବେଶନରେ କେବଳ ୧୫ଟି ବୈଠକ ହେବ । ଏହା ସମ୍ଭବତଃ ଏପର୍ଯ୍ୟନ୍ତର ସବୁଠାରୁ ଛୋଟ ଅଧିବେଶନ *(ପୃଷ୍ଠା ୭ରେ)*








### ବଡ଼ ଅଘଟଣ ଘଟିଲେ ବିଏମ୍‌ସି ଓ ବିଡ଼ିଏର ପଶିବ ଚେତା

# ରାଜଧାନୀରେ ବର୍ଷ ବର୍ଷ ଧରି ସର୍ଭେ ହେଉନି କୋଠା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସହିଦନଗର ଆଲୋକଭାରତୀ ଟାୱାରରୁ ପଲସ୍ତରା ଖସିଲାଣି । କୋଠା ସାରା ଗଛ ଉଠିଲାଣି । ଜୟଦେବ ବିହାର ଛକରେ ଏକ କୋଠା ବର୍ଷ ବର୍ଷ ହେଲା ବିପଦସଂକୁଳ ଅବସ୍ଥାରେ ରହିଛି । ଭୂକମ୍ପ ହେଲେ ଭୁଶୁଡ଼ିବା ଆଶଙ୍କା ରହିଛି । ରାଜଧାନୀରେ ଏମିତି ମାଳ ମାଳ କୋଠା ଏଭଳି ଅବସ୍ଥାରେ ରହିଛି । ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ସର୍ଭେ କରାଯାଉନାହିଁ । ବଡ଼ ଧରଣର ଅଘଟଣ ଘଟିଲେ ଚେତା ପଶିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି । ବିଡିଏ ପକ୍ଷରୁ ସହିଦନଗରରେ ୧୯୮୭ ମସିହାର ଆଲୋକଭାରତୀ ଟାୱାର(ମାର୍କେଟ କମ୍ପ୍ଲେକ୍ସ) ନିର୍ମାଣ କରାଯାଇଥିଲା । ଏହା ଭିତରେ ୩୯ ବର୍ଷ ବିତିଲାଣି । କୋଠା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି । ହେଲେ ଏହି ମାର୍କେଟ କମ୍ପ୍ଲେକ୍ସରେ ଏବେ ବି କିଛି ସରକାରୀ ଅଫିସ ଓ ବ୍ୟାଙ୍କ ଚାଲୁଛି । କୋଠାକୁ ଦେଖିଲେ ଅସୁରକ୍ଷିତ ମନେ ହେଉଛି । ହେଲେ ଏହା କେତେ ସୁରକ୍ଷିତ ସେ ନେଇ କୌଣସି ସର୍ଭେ କରାଯାଉନାହିଁ ବୋଲି ଅନେକ ଅଫିସ ଓ ବ୍ୟବସାୟୀ ପ୍ରଶ୍ନ ଉଠାଉଛନ୍ତି । ସିଆରପି ଛକରେ ଥିବା ପ୍ରିୟଦର୍ଶିନୀ ମାର୍କେଟ ଅବସ୍ଥା ବି ସମାନ । ଉକ୍ତ କୋଠାରେ କେଉଁଠାରେ ପାହାଚ ଭାଙ୍ଗି ଗଲାଣି ତ କେଉଁଠି ଛାତର କିଛି ଅଂଶ ଝଡ଼ି ପଡ଼ିଲାଣି ବୋଲି ମାର୍କେଟ ସଂଘର ସଭାପତି ଶରତ ରାଉତ କହିଛନ୍ତି । ଏହାକୁ ଭାଙ୍ଗି ସେଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ତିଆରି ଲାଗି ପ୍ରସ୍ତବ ଦିଆଯାଇଥିଲା । ଡିପିଆର ହେଲାଣି, କିନ୍ତୁ କଥା ଆଗଉନି ବୋଲି ସେ କହିଛନ୍ତି । ଜୟଦେବ ବିହାର ଛକରେ ଏକ ବିରାଟ କୋଠା ନିର୍ମାଣ ହୋଇଛି । ବିଲ୍ଡିଂ ପ୍ଲାନ ଆପ୍ରୁଭାଲର ତ୍ରୁଟି ଯୋଗୁଁ ଘର ନିର୍ମାଣ ହୋଇ ପଡ଼ିଛି । ସେଠାରେ କିଛି ଲୋକ ଘର ଭଡ଼ା ନେଇ ରହୁଛନ୍ତି । ଏବେ ଉକ୍ତ ଘରଗୁଡ଼ିକ ଭାଙ୍ଗିରୁଜି ଗଲାଣି । ଏହାର ଦୁଃସ୍ଥିତି ଆଖିକୁ ଜଳଜଳ ଦିଶୁଛି । ବିଏମ୍‌ସି ପକ୍ଷରୁ ତିଆରି ହୋଇଥିବା ଯାତ୍ରୀ ନିବାସକୁ ଅଘୋଷିତ ଘୋଷଣା ସତ୍ତ୍ୱେ ଏହା କାର୍ଯ୍ୟକାରୀ କରାଯାଉଛି । ପୁରୁଣା ଭୁବନେଶ୍ୱରରେ ଏପରି ଏକାଧିକ କୋଠା ରହିଛି । ଯାହା ପ୍ରାୟ ୬୦ରୁ ୭୦ ଦଶକରେ ନିର୍ମାଣ ହୋଇଥିଲା । କୋଠାଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲେ ମଧ୍ୟ ଏହାକୁ ବିଏମ୍‌ସି ପକ୍ଷରୁ ସର୍ଭେ କରାଯାଉନାହିଁ । ସେହିପରି ଶୈଳଶ୍ରୀ ବିହାରରେ ମଧ୍ୟ ବିଡିଏ ପକ୍ଷରୁ ଆବଣ୍ଟନ ହୋଇଥିବା ଘର ଉପରେ ଅନେକ ବେଆଇନ୍ ନିର୍ମାଣ କରିଛନ୍ତି । ମୂଳ ଘରର ଭିତ୍ତିଭୂମି ଉପରେ ସନ୍ଦେହ ରହିଥିବା ବେଳେ ଏହା ଉପରେ ନବୀକରଣ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓଡିଏ(ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରୁଲ-୨୦୨୦ ଅନୁସାରେ ସହରରେ ଏଭଳି ପୁରାତନ ବହୁତଳ ବିଶିଷ୍ଟ କୋଠାକୁ ଚିହ୍ନଟ କରାଯାଇ ବିଏମ୍‌ସି ଓ ବିଡିଏ ମିଳିତ ଭାବେ ସର୍ଭେ କରାଯିବା ଲାଗି ଅର୍ବାନ ପ୍ଲାନର ପିୟୁଷ ରାଉତ ମତ ଦେଇଛନ୍ତି । ହେଲେ ଦୁର୍ଭାଗ୍ୟର କଥା ଉଭୟ ବିଡିଏ ଏବଂ ବିଏମ୍‌ସି ପାଖରେ ଏହାର ହିସାବ ନାହିଁ । ବିଭାଗ ପକ୍ଷରୁ ଅଣଦେଖା କରାଯାଇଛି । ହାଇକୋର୍ଟର ନିର୍ଦ୍ଦେଶକ୍ରମେ କଟକରେ କୋଠା ଚିହ୍ନଟ ହୋଇଥିଲେ ମଧ୍ୟ ଭୁବନେଶ୍ୱରେ ଏହାକୁ ଚିହ୍ନଟ କରାଗଲା ନାହିଁ । ପୁରୁଣା କୋଠାଗୁଡ଼ିକ ବିଡିଏ ଚିହ୍ନଟ କରିବାର ଆବଶ୍ୟକ ରହିଛି ।

# ସୁପ୍ରିମକୋର୍ଟଙ୍କ ଗ୍ରୀନ ସିଗ୍‌ନାଲ୍ : ବାରିପଦାରେ ଖୋଲିବ ବିଶ୍ୱର ପ୍ରଥମ କଳାବାଘ ସଫାରୀ

**ରାଇରଙ୍ଗପୁର (ମୟୂରଭଞ୍ଜ), ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଖୋଲିବ ବିଶ୍ୱର ପ୍ରଥମ କଳାବାଘ ସଫାରୀ । ମୟୂରଭଞ୍ଜ ଜିଲ୍ଲା ବାରିପଦାର ମଞ୍ଚାବନ୍ଧା ଠାରେ ଆସନ୍ତା ୬ ମାସ ମଧ୍ୟରେ ଖୋଲିବାକୁ ଯାଉଛି ବିଶ୍ୱର ପ୍ରଥମ କଳାବାଘ ସଫାରୀ । ଯାହାର ମଜା ନେଇ ପାରିବେ ପର୍ଯ୍ୟଟକମାନେ । କଳାବାଘ ସଫାରୀ ନେଇ ବହୁ ଦିନର ପ୍ରତୀକ୍ଷା ଅନ୍ତ ହେବାକୁ ଯାଉଛି । କଳାବାଘ ସଫାରୀ ଖୋଲିବା ପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସବୁଜ ସଂକେତ ମିଳି ସାରିଥିବା ବେଳେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ମଧ୍ୟ ଏହାକୁ ଅନୁମତି ଦେଇଛନ୍ତି । ହେଲେ ସୁପ୍ରିମକୋର୍ଟରେ ହୋଇଥିବା ପିଟିସନ ଯୋଗୁଁ ଦୀର୍ଘଦିନ ଧରି କଳାବାଘ ସଫାରୀ ଖୋଲା ହୋଇ ପାରୁନଥିଲା । ଗତ ୧୮ ତାରିଖରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ବି ଆର ଗଭଇ ଏନେଇ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଅଣ-ଜଙ୍ଗଲ ଜମି କିମ୍ବା ବଫର ଅଞ୍ଚଳରେ ଅବନତି ହେଉଥିବା ଜଙ୍ଗଲ ଜମିରେ ବାଘ ସଫାରୀ କରାଯାଇ ପାରିବ । କିନ୍ତୁ ବାଘ ସଫାରୀ ଯୋଗୁଁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପରେ କୌଣସି ପ୍ରଭାବ ନ ପଡିବା ଦରକାର । କୌଣସି ଅଭୟାରଣ୍ୟର ବଫର ଜୋନରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରାଗଲେ, ପରିବେଶ (ସଂରକ୍ଷଣ) ଆଇନ ୧୯୮୬ର ଇସିଜେଡ ବିଜ୍ଞପ୍ତିକୁ ମାନିବାକୁ ପଡ଼ିବ । ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ କହିଛନ୍ତି, 'ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ବାରିପଦାର ମଞ୍ଚାବନ୍ଧାରେ କଳାବାଘ ସଫାରି ଖୋଲିବାର ବାଟ ଫିଟିଛି । ପ୍ରସ୍ତାବିତ କଳାବାଘ ସଫାରୀ ଶିମିଳିପାଳ ଜଙ୍ଗଲର ସୀମାଠାରୁ ୧୦ କିମି ଦୂରରେ ଅବସ୍ଥିତ । ଏହାଦ୍ୱାରା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ପୂର୍ବରୁ ମଞ୍ଚାବନ୍ଧା ଠାରେ ୨୦୦ ହେକ୍ଟର ଜମି ଚିହ୍ନଟ ହୋଇ ସାରିଛି । ପ୍ରାୟ



୧୦୦ ହେକ୍ଟରରେ ହେବ ବାଘଙ୍କ ରହଣି ସ୍ଥଳ । ବାକି ୧୦୦ ହେକ୍ଟରରେ ଉଦ୍ଧାର କେନ୍ଦ୍ର, କର୍ମଚାରୀ ଭିତ୍ତିଭୂମି, ପାର୍କିଂ ଓ ପ୍ରାଣୀ ଚିକିତ୍ସାଳୟ କରାଯିବ । ପ୍ରାଥମିକ ଭାବେ ନନ୍ଦନକାନନର ୩ଟି କଳା ବାଘ ଓ ରାଞ୍ଚି ଚିଡ଼ିଆଖାନାରୁ ୨ଟି କଳା ବାଘଙ୍କୁ ଆଣି ଏଠାରେ ଛଡ଼ାଯିବ । ଆସନ୍ତା ୬ ମାସ ମଧ୍ୟରେ ପର୍ଯ୍ୟଟକ କଳାବାଘ ସଫାରୀକୁ ଯାଇ ପାରିବେ ।' ଏଭଳି ସଫାରୀ ଓଡ଼ିଶାର ବନ୍ୟପ୍ରାଣୀ ପର୍ଯ୍ୟଟନ କ୍ଷେତ୍ରକୁ ନୂଆ ଉଚ୍ଚତାରେ ପହଞ୍ଚାଇବାକୁ ଯାଉଛି । ଏହି ପଦକ୍ଷେପ ଦ୍ୱାରା ସଂରକ୍ଷକ, ଗବେଷକ ଓ ପର୍ଯ୍ୟଟକ ଏବଂ ସାଧାରଣ ଜନତା ଏହି ବିରଳ କଳା ବାଘଙ୍କୁ ଅତି ନିକଟରୁ ଦେଖିପାରିବେ । ବାଘଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି ହୋଇପାରିବ । ଜାତୀୟ ରାଜପଥ ଓ ବାରିପଦା ସହର ନିକଟରେ ଅବସ୍ଥିତ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ । ଏହା ବ୍ୟତୀତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଅତିରିକ୍ତ ଆକର୍ଷଣ କେନ୍ଦ୍ର ପାଲଟିବ । ଏନେଇ ମୟୂରଭଞ୍ଜ ଆରସିସିଏଫ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, '୨୦୨୪ ମସିହାରେ କଳାବାଘ ସଫାରୀ ନେଇ ପ୍ରସ୍ତାବ ଦିଆଯାଇଥିଲା । ଏନ୍‌ଟିସିଏ ତରଫରୁ ଏକ କମିଟି ଦଳ ଆସି କଳାବାଘ ସଫାରୀ ନେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଉକ୍ତ କମିଟି ସମସ୍ତ ତଥ୍ୟ ନେଇ ସାରିବା ପରେ ମଞ୍ଚାବନ୍ଧା ଠାରେ ମାଷ୍ଟର ପ୍ଲାନ୍ ଦାଖଲ କରିବା ପାଇଁ କହିବାରୁ ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ମାଷ୍ଟର ପ୍ଲାନ୍ ଦାଖଲ କରାଯାଇଥିଲା । ମଞ୍ଚାବନ୍ଧାର ୧୦୦୦ ହେକ୍ଟର ଏରିଆରୁ ୨୦୦ ହେକ୍ଟର ଏରିଆରେ ପ୍ରସ୍ତାବ ଦିଆଯାଇଥିଲା । ପରେ ସୁପ୍ରିମକୋର୍ଟରେ ଏହି ପ୍ରସ୍ତାବ ଜଙ୍ଗଲ ଜମିରେ ହୋଇ ପାରିବ ନାହିଁ ବୋଲି ଷ୍ଟେ ହୋଇଥିଲା । ସେହି ଦିନଠାରୁ ସମସ୍ତ କାର୍ଯ୍ୟ ଅଟକି ହୋଇ ରହିଥିଲା । ଏବେ ସୁପ୍ରିମକୋର୍ଟଙ୍କ ଠାରୁ ଅନୁମତି ମିଳିବା ପରେ ମଞ୍ଚାବନ୍ଧାଠାରେ କଳାବାଘ ସଫାରୀ ନିର୍ମାଣ କାର୍ଯ୍ୟ ପିସିସିଏଫଙ୍କ ନିର୍ଦ୍ଦେଶରେ ଆରମ୍ଭ କରାଯିବ ।'

## କଅଁଳ ବୟସରେ ବେସାହାରା

# ବାପା-ମା'ଙ୍କ ମୃତ୍ୟୁ ପରେ ଦୁଇ ପିଲାଙ୍କ ଭବିଷ୍ୟତ ଅନ୍ଧାର, ସହାୟତା ପାଇଁ ଦାବି

**ଖପ୍ରାଖୋଲ, ନ୍ୟୁଜ ବ୍ୟୁରୋ**

ଦଇବ ଦେଇଛି ଦାରୁଣ ଦୁଃଖ । ପ୍ରଥମେ ମାଆ ଅଜଣା ରୋଗରେ ଆରପାରିକୁ ଚାଲିଗଲେ । ପରେ ମାଆ ଛେଉଣ୍ଡ ପିଲାଙ୍କ ଠାରୁ ବାପାଙ୍କୁ ଛଡ଼େଇ ନେଲା ଦଇବ । ଦୁଇ ଦିନ ଜ୍ୱର ହେବା ପରେ ବାପାଙ୍କର ବି ଅକାଳ ବିୟୋଗ ଘଟିଲା । ଏବେ ଦୁଇ ନାବାଳକ ପିଲା ଅସହାୟ । ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ ନଥିବାରୁ ସମ୍ପର୍କୀୟଙ୍କ ଘରେ ଆଶ୍ରା ରହୁଛନ୍ତି । ଏଭଳି ହୃଦୟ ବିଦାରକ ଖବର ଆସିଛି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରୁ । ସୂଚନା ଅନୁଯାୟୀ, ବାଞ୍ଜିପାଲି ଗାଁର ଅଣ୍ଡା ମାଝୀ (୫୫), ସ୍ତ୍ରୀ ସୂର୍ଯ୍ୟ ମାଝୀ(୪୫), ପୁଅ ଦିନେଶ ମାଝୀ ଏବଂ ଦିନେଶ୍ୱରୀ ମାଝୀଙ୍କୁ ନେଇ ଖୁସିରେ ସଂସାର ଚଳାଉଥିଲେ । ଦୁଇ ପିଲାଙ୍କର ମଧ୍ୟ ପାଠ ଚାଲିଥିଲା । ମାତ୍ର ଦୁଇବ ଏହି ଖୁସି ପରିବାର ସୁଖ ଦେଖି ପାରିଲା ନାହିଁ । ୨୦୨୪ରେ ହଠାତ୍ ସ୍ତ୍ରୀ ସୂର୍ଯ୍ୟ ମାଝୀ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ । ଏହା ପରେ ସ୍ୱାମୀ ଅଣ୍ଡା ମାଝୀ ପୁଅ ଓ ଝିଅଙ୍କ ଭବିଷ୍ୟତ ଚିନ୍ତାରେ ଭାଙ୍ଗି ପଡ଼ିଥିଲେ । କିଛି ଦିନ ଭିତରେ ସେ ବି ଭୀଷଣ ଜ୍ୱରରେ ପୀଡ଼ିତ ହୋଇଥିଲେ । ମାତ୍ର ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ପାରିନଥିଲେ । ଫଳରେ ଜ୍ୱରରେ ପଡ଼ି ତାଙ୍କର ମଧ୍ୟ ଅକାଳ ବିୟୋଗ ହୋଇଥିଲା । ବାପା ଚାଲିଗଲା ପରେ ପୁଅ ଦିନେଶ ଏବଂ ଝିଅ ଦିନେଶ୍ୱର ଅସହାୟ ହୋଇଯାଇଥିଲେ । ରହିବାକୁ ଘର ନଥିବାର ଜଣେ ସହୃଦୟ ବ୍ୟକ୍ତିଙ୍କ ଘରେ ରହୁଥିଲେ । ଏବେ ଦୁଇ ନାବାଳକ ପିଲାଙ୍କ ଏକ ମାତ୍ର ଆଶ୍ରା ସମ୍ପର୍କୀୟ କାକା । ଦୁଇ ପିଲାଙ୍କ ଅଭିଷ୍ୟତ ଅନ୍ଧାର ହୋଇଥିବା ବେଳେ ଏନେଇ ସ୍ଥାନୀୟ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଆବଶ୍ୟକ ସହାୟତା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# 'ଧ୍ୱଜା କ୍ଷେତ୍ର'ରେ ସ୍ୱାଧୀନତା ସଂଗ୍ରାମୀଙ୍କ ବିକଳ ଚିତ୍ର

### ଷ୍ଟିଲ୍ ପ୍ଲେଟ୍‌ରେ ଦିଶୁନାହାନ୍ତି ନେହରୁ, ଭଗତ୍ ସିଂ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଷ୍ଟିଲ୍ ପ୍ଲେଟ୍‌ରେ ଅଙ୍କା ଯାଇଥିଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ବୀରଙ୍କ ଛବି । ପ୍ଲେଟକୁ କଂକ୍ରିଟ କାନ୍ଥରେ ଲଗାଯାଇଥିଲା । ତଳେ ଲାଇଟ୍ ଜଳିବା ପରେ ରାତିରେ ପ୍ଲେଟ୍‌ଟି ଝଲସୁଥିଲା । ଯେଉଁମାନେ ଆସୁଥିଲେ ସେମାନେ ସଂଗ୍ରାମୀଙ୍କ ବଳିଦାନ ବିଷୟରେ ଜାଣୁଥିଲେ, ଫଟୋରେ ଦେଖୁଥିଲେ । ହେଲେ ଯେଉଁମାନେ ଦିନେ ଦେଶରେ ସ୍ୱାଧୀନତା ଆଣିବାରେ ଜୀବନକୁ ଉତ୍ସର୍ଗ କରିଥିଲେ ସେମାନେ ଆଜି ଅପମାନ ସହୁଛନ୍ତି । ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟିଲ ପ୍ଲେଟଗୁଡ଼ିକ ନଷ୍ଟ ହୋଇଗଲାଣି । ସେଥିରେ ଥିବା ସଂଗ୍ରାମୀମାନଙ୍କ ଛବି ହଜିଗଲାଣି । ଗୋଟିଏ ସ୍ଥାନରେ ଲଗାଯାଇଥିବା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ କଳଙ୍କିରେ ହଜିଯାଇଥିବା ବେଳେ ବୀର ଭଗତ ସିଂଙ୍କ ଛବି ପ୍ଲେଟରୁ ଉଭାନ ହେଲାଣି । ଏଭଳି ଆହୁରି ଅନେକ ସଂଗ୍ରାମୀଙ୍କ ଫଟୋର ସ୍ଥିତି ସମାନ । ଆଉ କେଉଁଠି ନୁହେଁ, ରାଜଧାନୀ ଛାତି କୁହାଯାଉଥିବା



ଜୟଦେବ ବିହାର 'ଧ୍ୱଜା କ୍ଷେତ୍ର'ରେ ଏମିତି ଚିତ୍ର ଦେଖିବାକୁ ମିଳିଛି । ଗତବର୍ଷ ବିଶ୍ୱ ଭାଷା ସମ୍ମିଳନୀ ସରିବାର ଠିକ୍ ମାସେ ପରେ ଅର୍ଥାତ ମାର୍ଚ୍ଚ ୩ ତାରିଖରେ ଜନତା ମଇଦାନ ନିକଟ ମହାତ୍ମା ଗାନ୍ଧି ପାର୍କରେ ଜାତୀୟ 'ଧ୍ୱଜା କ୍ଷେତ୍ର' ଉନ୍ମୋଚନ ହୋଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧ୍ୱଜା କ୍ଷେତ୍ରକୁ ସାର୍ବଜନୀନ କରିଥିଲେ । ଏଠାରେ ୧୦୦ ଫୁଟ୍ ଉଚ୍ଚରେ ଥିବା ଏକ ମାଷ୍ଟ ଉପରେ ଜାତୀୟ ପତାକା ଅବସ୍ଥାପିତ କରାଯାଇଛି । ଏହି କ୍ଷେତ୍ର ଜାତୀୟ ପତାକାର ସୃଷ୍ଟିଠାରୁ ଆରମ୍ଭ କରି ଏହାର ଐତିହାସିକ ସଂଘର୍ଷର ସ୍ମରଣକାରୀ ଗାଥା ବର୍ଣ୍ଣନା କରୁଛି । ବଡ଼କଥା ହେଉଛି, କଳଙ୍କିହୀନ (ଷ୍ଟେନଲେସ) ଷ୍ଟିଲ ପ୍ଲେଟରେ ସଜ୍ଜିତ ବାଲୁକା ପଥର (ସ୍ୟାଣ୍ଡଷ୍ଟୋନ୍) ପ୍ୟାନେଲଗୁଡ଼ିକରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ସଂଗ୍ରାମୀଙ୍କ ଚିତ୍ର ଖୋଦିତ କରାଯାଇଥିଲା । ଯେଉଁଥିରେ ନେହରୁ, ଭଗତ ସିଂଙ୍କ ସମେତ ମହାତ୍ମା ଗାନ୍ଧୀ, ଚନ୍ଦ୍ରଶେଖର ଆଜାଦ, ସୁଭାଷ ଚନ୍ଦ୍ର ବୋଷ, ଡା. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଭଳି ବରପୁତ୍ର ରହିଛନ୍ତି । ପ୍ରତ୍ୟେକ ବରପୁତ୍ରଙ୍କ ଛବି ତଳେ ସେମାନଙ୍କ ନାମ ଓ ଜନ୍ମ-ମୃତ୍ୟୁର ସମୟ ଲେଖାଯାଇଛି । ପ୍ରଥମେ ଏଠାକୁ ଆସୁଥିବା ପରିଦର୍ଶକ ପ୍ୟାନେଲରେ ବରପୁତ୍ରଙ୍କୁ ଦେଖି ମୋବାଇଲରେ ଫଟୋ ଉଠାଉଥିଲେ । ଏବେ ଯେଉଁମାନେ ଏହି ପ୍ୟାନେଲ୍ ଦେଖୁଛନ୍ତି, ସେମାନେ ନାକ ଟେକୁଛନ୍ତି । ଧ୍ୱଜାକ୍ଷେତ୍ରର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିନ୍ଦା କରୁଛନ୍ତି । ଜଣେ ପରିଦର୍ଶକ ରୂପାଲି ଦାସ କହିଛନ୍ତି, ସେ ଧ୍ୱଜାକ୍ଷେତ୍ର ଆସିଥିଲେ । ବୁଲୁଥିବା ବେଳେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ର ଶେଖର ଆଜାଦଙ୍କ ଉପରେ ନଜର ପଡ଼ିଗଲା । ଦେଖିବା ବେଳକୁ ଫଟୋରେ ଚନ୍ଦ୍ରଶେଖର ଆଜାଦଙ୍କ ମଥା କଟିଯାଇଛି । ସମ୍ବିଧାନର ପ୍ରଣେତା ଡ. ବି.ଆର ଆମ୍ବେଦକରଙ୍କ ଚିତ୍ରରେ କଳଙ୍କି ଲାଗିଗଲାଣି । ରାତି ହେଲେ ଲାଇଟ୍ ବି ଜଳୁନି । ଯଦି ସମ୍ମାନ ନଦେବା ତେବେ ଏଭଳି ମହାପୁରୁଷଙ୍କ ଅପମାନ କ'ଣ ପାଇଁ କରିବା ବୋଲି ରୂପାଲି ପ୍ରଶ୍ନ କରିଛନ୍ତି । ପୂଜ୍ୟପୂଜା ସଙ୍ଗଠକ ତଥା ଉତ୍କଳ ସମ୍ମିଳନୀର ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର ଏହାକୁ ନିନ୍ଦା କରିଛନ୍ତି । ଦାୟିତ୍ୱରେ ଥିବା ବିଡିଏ ତୁରନ୍ତ ଏଦିଗରେ ଦୃଷ୍ଟି କେନ୍ଦ୍ରିତ କରିବାକୁ ସେ ଦାବି କରିଛନ୍ତି ।

# ଅପରେସନ ଚକ୍ର : ୩ ମାସରେ ୧୪୨ ନାବାଳିକା ଏବଂ ଯୁବତୀ ଉଦ୍ଧାର

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ପୁଲିସ ଦ୍ୱାରା ଚାଲିଥିବା ଅପରେସନ "ଚକ୍ର" ଅଭିଯାନରେ ଜିଲ୍ଲାରେ ହଜିଯାଇଥିବା ନାବାଳିକା ଓ ପ୍ରାପ୍ତ ବୟସ୍କଙ୍କ ଝିଅ ଉଦ୍ଧାର କରିବାରେ ଏକ ସଫଳତା ମିଳିଛି । ୩ ମାସରେ ୧୪୨ ନାବାଳିକା ଏବଂ ଯୁବତୀ ଉଦ୍ଧାର ହୋଇଛନ୍ତି । ଉଦ୍ଧାରଙ୍କ ମଧ୍ୟରେ ୬୨ ଜଣ ନାବାଳିକା ଥିବା ବେଳେ ୮୦ ଜଣ ଯୁବତୀ ରହିଛନ୍ତି । ପୁରୀ ଏସ୍‌ପି ପ୍ରତୀକ ସିଂ ସମଗ୍ର ପୁରୀ ଜିଲ୍ଲାରେ ଅପରେସନ ଚକ୍ର ଡ୍ରାଇଭ ଆରମ୍ଭ କରିଛନ୍ତି । ପ୍ରତ୍ୟେକ ହଜିଯାଇଥିବା ନାବାଳିକା ଏବଂ ପ୍ରାପ୍ତ ବୟସ୍କଙ୍କୁ ଶୀଘ୍ର ସମୟରେ ଉଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଥାନାମାନଙ୍କୁ ମିସିଂ କେସ ଟ୍ରାକିଂ, ରେଡ଼, ଇଣ୍ଟରସେପ୍ସନ, ଟେକ୍ନିକାଲ ଆନାଲିସିସ ଓ ଇଣ୍ଟରଷ୍ଟେଟ କୋଅର୍ଡିନେସନ ଜୋର ଦେବାକୁ ପରାମର୍ଶ ଦେଇଛନ୍ତି । ବୁଧବାର ମୋଟ ୪ ଜଣଙ୍କୁ ଉଦ୍ଧାର କରାଯାଇଛି । ବ୍ରହ୍ମଗିରି ଥାନା, ନିମାପଡା ଥାନା, କାକଟପୁର ଥାନା ଦ୍ୱାରା ୩ ନାବାଳିକା ଉଦ୍ଧାର କରାଯିବା ସହ ସତ୍ୟବାଦୀ ଥାନା ଜଣେ ପ୍ରାପ୍ତ ବୟସ୍କ ଝିଅଙ୍କୁ ଉଦ୍ଧାର କରାଯାଇଛି । ଏହା ସହ ଗତ ତିନି ମାସରେ ଅପରେସନ୍ ଚକ୍ର ଅଧୀନରେ ମୋଟ ୬୨ ନାବାଳିକା ଉଦ୍ଧାର ହୋଇଛନ୍ତି । ସେହିପରି ପୁରୀ ପୋଲିସ ମୋଟ ୮୦ ଜଣ ପ୍ରାପ୍ତ ବୟସ୍କ ଝିଅ ଦ୍ୱାରା ଉଦ୍ଧାର ହୋଇଛନ୍ତି ।




# କେନ୍ଦୁଝରରୁ ଖଣି ଲୁଟିଥିବା ବେପାରୀ ଓ ଅଧିକାରୀ ଜେଲ୍ ଯିବେ : ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ବିଜେଡି ସରକାର କେନ୍ଦୁଝରକୁ ଲୁଟ୍ କରି ଚାଲିଥିଲେ । କେନ୍ଦୁଝର ଖଣିରୁ ଲୁଟ୍‌ର ତତ୍କାଳୀନ ରାଜ୍ୟ ସରକାର ଓ ପ୍ରଶାସନ ସମ୍ପୃକ୍ତ ଥିଲା । ଆଜି ଓଡ଼ିଆ ସଙ୍କଟରେ ଥିବା ବେଳେ କେନ୍ଦୁଝରର ଅସ୍ମିତା ମଧ୍ୟ ସଙ୍କଟରେ ରହିଛି । କେନ୍ଦୁଝରକୁ ଲୁଟ୍ କରିଥିବା ଅଣ ଓଡ଼ିଆ, ଅଣ କେନ୍ଦୁଝରିଆ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଆମ ସରକାର ଛାଡ଼ିବେ ନାହିଁ । ସେମାନଙ୍କ ପାଇଁ ଝାରପଡା ଓ କେନ୍ଦୁଝର ଜେଲ ପ୍ରସ୍ତୁତ ହୋଇ ରହିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କେନ୍ଦୁଝରର ପୁଅ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଯାଇଥିବା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା । ନୂଆପଡା ଉପନିର୍ବାଚନରେ ବିଜେପିର ବିଜୟ ପାଇଁ ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରୁ ବିଜୟ ଏକତରଫା ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ହଜାର ହଜାର କେନ୍ଦୁଝରବାସୀ ଓ ବିଭିନ୍ନ ସଙ୍ଗଠନ ଉପସ୍ଥିତ ରହି ଶ୍ରୀ ମାଝୀଙ୍କୁ ଫୁଲତୋଡା ପ୍ରଦାନ



କରିବା ସହ ଅଭିନନ୍ଦନ ଜଣାଇଥିଲେ । ସମ୍ବର୍ଦ୍ଧନା ସଭାରେ ଶ୍ରୀ ମାଝୀ କହିଲେ ଖଣି, ପାଣି ଓ ବୈତରଣୀର କେନ୍ଦୁଝର ଆଉ ଗରିବ ହୋଇ ରହି ନାହିଁ । କେନ୍ଦୁଝରର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । କେନ୍ଦୁଝରକୁ ଦେଶରେ ଏକ ନମ୍ବର ଜିଲ୍ଲା କରି ଗଢି ତୋଳିବୁ । କେନ୍ଦୁଝରକୁ ସୁନାର କେନ୍ଦୁଝର ଓ ସ୍ମାର୍ଟ କେନ୍ଦୁଝରରେ ପରିଣତ କରାଯିବ । ରାଜ୍ୟର ଦୁର୍ନୀତିଗ୍ରସ୍ତ ସରକାରର ପତନ ହେବା ପାଇଁ ଲୋକେ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଡ଼ବଲ ଇଞ୍ଜିନ ସରକାର ଗଠନ ହୋଇଛି । କେନ୍ଦୁଝରର ଜଣେ ଆଦିବାସୀ ଲୋକଙ୍କୁ ରାଜ୍ୟର ନେତୃତ୍ୱ ନେବା ପାଇଁ ଆପଣମାନେ ଆଶୀର୍ବାଦ କରିଛନ୍ତି । ଆପଣଙ୍କ ଆଶୀର୍ବାଦକୁ ମୁଁ ଉଚିତ ସମ୍ମାନ ନିଶ୍ଚିତ ଦେବି । ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଓ ଶପଥ ଗ୍ରହଣର ଏକଘଣ୍ଟା ମଧ୍ୟରେ କ୍ୟାବିନେଟ୍ ନିଷ୍ପତ୍ତି କ୍ରମେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ଭାଉଚର ପ୍ରଦାନ କରାଯାଇଛି । ବିଗତ ଦଶ ବର୍ଷରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍ ବିଗତ ସରକାର ଦେଇ ପାରିନଥିବା ବେଳେ ମୋହନ ସରକାର ଚାଷୀଙ୍କ ଠାରୁ ୩୧୦୦ ଟଙ୍କାରେ କୁଇଣ୍ଟାଲ ପିଛା ଧାନ କ୍ରୟ କରିଛନ୍ତି । ଆଗାମୀ ଦିନରେ ଜିଲ୍ଲାର ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରେ ସର୍ବାଧିକ ରାଜସ୍ୱ ଆଦାୟ କରି କେନ୍ଦୁଝର ଭାରତ ବର୍ଷରେ ଏକ ନମ୍ବର ରହିଥିବା ସେ କହିଥିଲେ । ଏବେ ବି କେନ୍ଦୁଝର କୋଷାଗାରରେ ୨୫ ହଜାର କୋଟି ଟଙ୍କା ଜିଲ୍ଲାର ବିକାଶ ପାଇଁ ମହଜୁଦ ରହିଛି । ବିଗତ ସରକାର ଓ କେତେକ ପ୍ରଶାସନିକ ଅଧିକାରୀ ଡିଏମ୍ଏଫକୁ ଲୁଣ୍ଠନ କରିଛନ୍ତି । ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀକୁ ଜେଲ ପଠାଯିବ । ଲୋକଙ୍କ ବିକାଶରେ ଅନ୍ତରାୟ ସୃଷ୍ଟି କରୁଥିବା କାହାରିକୁ ଛଡା ଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ଆଉ ସ୍ୱପ୍ନ ନୁହେଁ ବାସ୍ତବରେ ପରିଣତ ହେବାକୁ ଯାଉଛି । ୪ ହଜାର କୋଟି ଟଙ୍କା ବିନିଯୋଗରେ ମେଗା ଷ୍ଟିଲ ପ୍ଲାଣ୍ଟ ହେବାକୁ ଯାଉଛି । ଜେ.ଏସ.ଡବ୍ଲୁ ଓ ପୋସ୍କୋ ସହିତ ଏମ୍ଓୟୁ କରାଯାଇଛି । ଉତ୍ତର ଓଡ଼ିଶାର କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେଲେ ପଡୋଶୀ ମୟୂରଭଞ୍ଜ ଜିଲ୍ଲା ମଧ୍ୟ ଉପକୃତ ହୋଇପାରିବ । ଜିଲ୍ଲାରେ ଦୈତାରୀ ଗନ୍ଧମାର୍ଦ୍ଦନ ଖଣି, ଯୋଡା ଓ ବଡ଼ବିଲରେ ଭରପୂର ଖଣିଜ ପଦାର୍ଥ ରହିଛି । ନରଣପୁରରେ ୪୦୦ ଏମଭିଏ ବିଦ୍ୟୁତ ଗ୍ରୀଡ୍ ମଧ୍ୟ ରହିଛି । ପରିବହନ ପାଇଁ ଉଭୟ ରେଳପଥ ଓ ରାଜପଥ ରହିଛି । ଶିଳ୍ପ ପାଇଁ ବୈତରଣୀ ନଦୀ ଜଳକୁ ବ୍ୟବହାର କରିବାର ସୁଯୋଗ ରହିଛି । ଆସନ୍ତା ମାସ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ପଲ୍ଲୀସଭା ଆରମ୍ଭ ହୋଇଯିବ । ଏହାସହିତ କେନ୍ଦୁଝରରେ ରିଂ ରୋଡ ପାଇଁ ଡିପିଆର ପ୍ରସ୍ତୁତ ସରିଛି । ୪୫୦ କୋଟି ଟଙ୍କାରେ ନେଙ୍କଡାଘର ଠାରୁ ଏକ ରିଂ ରୋଡ ନିର୍ମାଣ ହେବ । ଏହାସହିତ ଟେକ୍ସଟାଇଲ ପାର୍କ, ଆଇଟି ହବ୍ ସହିତ ୧ଲକ୍ଷ କୋଟି ଟଙ୍କା ବିନିଯୋଗରେ ଅନେକ ଶିଳ୍ପ ପ୍ରତିଷ୍ଠା କେନ୍ଦୁଝର ଜିଲ୍ଲାରେ ହେବା ପାଇଁ ଏମ୍ଓୟୁ ହୋଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ପାଟଣା ବିଧାୟକ, ଅଖିଳ ଚନ୍ଦ୍ର ନାଏକ, ନଗରପାଳ ନିକୁ ସାହୁ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଅଂଶୁମାନ ସବୁଜ ମହାନ୍ତ ବର୍ମା, ଦିଲ୍ଲୀପ ପଣ୍ଡା, ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିରଜା ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

# ଅବହେଳିତ ଶିଶୁବାଟିକା ଛାତ୍ରଛାତ୍ରୀ: ବର୍ଷ ସରିବ, ଏଯାଏ ମିଳିଲାନି ୟୁନିଫର୍ମ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷ ସରିବାକୁ ବସିଲାଣି, ଏ ଯାଏ ମିଳିଲାନି ସ୍କୁଲ ୟୁନିଫର୍ମ । ଅଙ୍ଗନବାଡ଼ିର ସେହି ପୁରୁଣା ପୋଷାକ ପିନ୍ଧି ଆସୁଛନ୍ତି ଶିଶୁ ବାଟିକା ପିଲା । ସେ ପୋଷାକ ବି ଚିରି ଫାଟି ଗଲାଣି । ନାମଲେଖା ହୋଇଥିଲା ଏପ୍ରିଲରେ । ନଭେମ୍ବର ଅଧା ହେଲାଣି, ସ୍କୁଲ ୟୁନିଫର୍ମର ଦେଖା ନାହିଁ । ଆଜିଯାଏ ପିଲାଙ୍କ ପୋଷାକ ମାପ ମଧ୍ୟ ନିଆ ହୋଇନି । ଏନେଇ ଉଭୟ ଶିକ୍ଷକ, ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି । ରାଜ୍ୟରେ ୪୫ ହଜାରରୁ ଅଧିକ ସ୍କୁଲରେ ଶିଶୁ ବାଟିକା ଖୋଲିଛି । ଏଠାରେ ୩ ଲକ୍ଷ ୧୬ ହଜାର ୮୩୯ ଜଣ ପିଲା ପାଠ ପଢୁଛନ୍ତି । ଶିଶୁ ବାଟିକା ଖୋଲିବାର ମୁଖ୍ୟ ଲକ୍ଷ୍ୟ ଥିଲା ରାଜ୍ୟରେ ପ୍ରାଥମିକ ଶିକ୍ଷାଦାନ କ୍ଷେତ୍ରକୁ ସୁଦୃଢ଼ କରିବା । ମାତ୍ର ପଢ଼ାଇବାକୁ ନାହାନ୍ତି ସ୍ୱତନ୍ତ୍ର ଶିକ୍ଷକ କି ଜଗିବାକୁ ସେବିକା । ଏପରିକି ଅନେକ ସ୍କୁଲରେ ଶିଶୁ ବାଟିକା ପିଲାଙ୍କ ପାଇଁ ଶ୍ରେଣୀ ଗୃହ ମଧ୍ୟ ନାହିଁ । ଏସବୁ ସମସ୍ୟାକୁ ବଳି ଯାଇଛି ୟୁନିଫର୍ମ ଅଭାବ । ଗତ ଏପ୍ରିଲ୍ ୨ ତାରିଖରେ ରାଜ୍ୟର ସମସ୍ତ ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଶ୍ରେଣୀ ଆରମ୍ଭ ହେଲା । ପିଲାଙ୍କ ୟୁନିଫର୍ମ ପାଇଁ ଓଡ଼ିଶା ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଗତ ଅଗଷ୍ଟ ୧୮ ତାରିଖରେ ପାଣ୍ଠି ଅନୁମୋଦନ ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖିଲା । ଚିଠିରେ ଉଲ୍ଲେଖ କରିଥିଲା, ଶିକ୍ଷାବର୍ଷ ୨୦୨୫-୨୬ରେ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୪୧ ଲକ୍ଷ ୩୧ ହଜାର ୨୪ଜଣ ପିଲା ନାମ ଲେଖାଇଛନ୍ତି । ସେମାନଙ୍କ ପାଇଁ ସମଗ୍ର ଶିକ୍ଷା ପକ୍ଷରୁ ସ୍କୁଲ ୟୁନିଫର୍ମ ପାଇଁ ମୁଣ୍ଡ ପିଛା ୬୦୦ ଟଙ୍କା ହିସାବରେ ଅନୁମୋଦନ ମିଳିଛି । ହେଲେ ଶିଶୁ ବାଟିକା ପିଲାଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି ନାହିଁ । କୁହାଯାଇଥିଲା, ପ୍ରଥମ ଶ୍ରେଣୀ ପିଲାଙ୍କ ପରି ଶିଶୁ ବାଟିକା ପିଲାଙ୍କୁ ମଧ୍ୟ ଦିଆଯିବ ସ୍କୁଲ ପୋଷାକ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ୍-ପାଣ୍ଟ, ଟୋପି ଓ ପରିଚୟ ପତ୍ର । ଏଥିପାଇଁ ଖର୍ଚ୍ଚ ହେବ ଜଣ ପିଛା ୧୦୦୦ ଟଙ୍କା । ଚଳିତ ଶିକ୍ଷାବର୍ଷରେ ମୋଟ ୩ ଲକ୍ଷ ୧୦ ହଜାର ୮୩୯ଜଣ ଶିଶୁ ବାଟିକା ପିଲାଙ୍କ ପାଇଁ ମୋଟ ୩୧ କୋଟି ୮ ଲକ୍ଷ ୩୯ ହଜାର ଟଙ୍କା ଖର୍ଚ୍ଚ ହେବ । ଏବେସୁଦ୍ଧା ପାଣ୍ଠି ମିଳିନି । ପ୍ରାଥମିକ ଶିକ୍ଷକ ନେତା ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ପିଲାଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ନକରି ସେମାନଙ୍କୁ ସରକାର ତୁରନ୍ତ ପୋଷାକ ଯୋଗାଇ ଦିଅନ୍ତୁ । ଏନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ କହିଛନ୍ତି, ଶିଶୁ ବାଟିକା ପିଲାଙ୍କ ୟୁନିଫର୍ମ ପାଇଁ ମୁଖ୍ୟ ବଜେଟରେ କୌଣସି ବ୍ୟବସ୍ଥା ନଥିଲା । ତେଣୁ ଏକ ଅତିରିକ୍ତ ବଜେଟରେ ୟୁନିଫର୍ମ ପାଇଁ ଟଙ୍କା ଯୋଗାଇ ଦେବାକୁ ଆମେ ଚିଠି ଲେଖିଛୁ । ଏହି ସମସ୍ୟାର ସମାଧାନ ଖୁବ୍ ଶୀଘ୍ର ହୋଇ ସ୍କୁଲକୁ ୟୁନିଫର୍ମ ବଣ୍ଟନ କରାଯିବ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଡିସେମ୍ବର ୨୦୨୫ ସୋମବାର





## ୬୩ ତମ ଜିଲ୍ଲା ସ୍ତରୀୟ ସିଙ୍ଗଲ ଉଇଣ୍ଡୋ ବୈଠକ

# ବିଭିନ୍ନ ଯୋଜନା ଉପରେ ଆଲୋଚନା : ୨ ପ୍ରକଳ୍ପକୁ ମଞ୍ଜୁରୀ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଦିପା ବିଭାଗ ତରଫରୁ ୬୩ ତମ ଜିଲ୍ଲା ସ୍ତରୀୟ ସିଙ୍ଗଲ ଉଇଣ୍ଡୋ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟାଳୟର ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରା ଯଇଥିଲା । ଏହି ବୈଠକରେ ୨ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ଏ.ବି ପ୍ଲାଏ ଫ୍ଲୋ ପ୍ରାଇଭେଟ ଲିମିଟେଡକୁ ପାଇପ ତିଆରି କରିବା ପାଇଁ ୬କୋଟି ୮୯ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି । ଏଥିରେ ଜିଲ୍ଲାର ୨୦୦ ଛାତ୍ରଛାତ୍ରୀ ନିଯୁକ୍ତି ପାଇବେ । ସେହିଭଳି ମିନର୍ଭା ଏଣ୍ଟର ପ୍ରାଇଜର୍ସକୁ କୁଲିଂ ଟାୱାର ନିର୍ମାଣ ଓ ଏଥିରେ ଲାଗୁଥିବା କେମିକାଲ ତିଆରି କରିବା ସହ ବ୍ୟବହୃତ ଜଳକୁ ବ୍ୟବହାର ଯୋଗ୍ୟ ଶୁଦ୍ଧ କରିବା ପାଇଁ ୮ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି। ଏହି ପ୍ରକଳ୍ପରେ ଜିଲ୍ଲାର ୧୩୮ ଜଣ ତାଲିମ ପ୍ରାପ୍ତ ଛାତ୍ରଛାତ୍ରୀ ନିଯୁକ୍ତି ପାଇବେ ବୋଲି ଜଣାପଡିଛି । ଏହି ବୈଠକରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡିଆଇସିର ଜିଏ, ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ଅଧିକାରୀ, ଟିପିସିଓଡିଏଲର ଅଧିକାରୀ, ଜିଏସଟିର ଅଧିକାରୀ ଓ ଦିପା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଗୋ-ସୁରକ୍ଷା ଆଇନ ଆଣିବାକୁ ସରକାର ବଦ୍ଧ ପରିକର : ଆଇନ୍ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ଗୋ-ମାତାର ସୁରକ୍ଷା ନେଇ କୌଣସି ପ୍ରକାର ସାଲିସ କରିପାରିବେ ନାହିଁ । ଏଥି ସହିତ ରାଜ୍ୟରେ ବେଆଇନ କଂସେଇ ଖାନା ଓ ଗୋଚାଲାଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କାରାଯିବ । ଏହାକୁ କାର୍ଯ୍ୟକାରି କରିବା ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଗୋ-ସୁରକ୍ଷା ଆଇନ ଆଣିବାକୁ ଗମ୍ଭୀରତା ସହ ଚିନ୍ତା କରୁଛନ୍ତି । ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଏହାର ସ୍ପଷ୍ଟ ଚିତ୍ର ଆସିବାର ସମ୍ଭାବନା ଅଛି ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାଜ୍ୟରେ ଗୋ-ସୁରକ୍ଷା ପାଇଁ ଅନଶନ ରତ ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ



କହିଲେ ଯେ, ଆମ ଦେଶର ପ୍ରତିଟି ନାଗରିକ ମଧ୍ୟରେ ଗୋ-ମାତା ପ୍ରତି ଯେଉଁ ଭାବନା ରହିଛି ତାହାକୁ କେବେ ବି କ୍ଷୁର୍ଣ୍ଣ ହେବାକୁ ଦିଆଯିବନି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗ ଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଓଡ଼ିଶାରେ ଚାଲିଥିବା ଡବଲ ଇଞ୍ଜିନ ସରକାର ଗୋ-ସୁରକ୍ଷା ନେଇ ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି । ଏ ସମ୍ପର୍କରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଓ ଗୋ-ସୁରକ୍ଷା ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା ହେବ ଏବଂ ଗୋ-ସୁରକ୍ଷା ନେଇ ଏକ ସର୍ବଶ୍ରେଷ୍ଠ ଆଇନ ପାଇଁ ସରକାର ବିଚାର ବିମର୍ଶ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୋ-ସୁରକ୍ଷା ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ୫ଦିନ ଧରି ଚାଲିଥିବା ଅନଶନ ପ୍ରତ୍ୟାହୃତ ହୋଇଥିଲା। ଗୋ-ସୁରକ୍ଷା ନେଇ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

## ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗ ଆଦେଶ ଅନୁଯାୟୀ ସତ୍ୟବ୍ରତ ପାଣିଗ୍ରାହୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଯାଜପୁର ରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବରିଷ୍ଠ ରାଜସ୍ୱ ସହାୟକ ଅମିୟ କୁମାର ତ୍ରିପାଠୀ, ଷ୍ଟୋର କିପର ସତ୍ୟଜିତ ନାୟକ, ସଞ୍ଚଳକ ଶାନ୍ତନୁ କୁମାର ସାହୁ, ରତିକାନ୍ତ ମହାନ୍ତି, ସାଗର ନାୟକ ଶ୍ରୀ ପାଣିଗ୍ରାହୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପାଣିଗ୍ରାହୀ ଙ୍କୁ ତାଙ୍କର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ପରେ ଶ୍ରୀ ପାଣିଗ୍ରାହୀ ଜିଲ୍ଲାପାଳ ଅମ୍ବର କୁମାର କର ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଙ୍କୁ ସାକ୍ଷାତ କରିଥିଲେ।

## ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷା କେନ୍ଦ୍ରରେ ନବାଗତ ଶିକ୍ଷାର୍ଥୀଙ୍କ ପରିଚୟ ସମାରୋହ

**କେନ୍ଦୁଝର , ନ୍ୟୁଜ**

ଧରଣୀଧର ବିଶ୍ୱବିଦ୍ୟାଳୟର ଆଇଡିପି ସଭା ଗୃହଠାରେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ରରେ ଜୁଲାଇ ୨୦୨୫ ଶିକ୍ଷା ବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇ ଥିବା ଶିକ୍ଷାର୍ଥୀମାନଙ୍କର ଏକ ବିଷୟ ପରିଚୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ଉଦ୍‌ଘାଟନ କରି ତାଙ୍କ ଅଭିଭାଷଣରେ କହିଥିଲେ ଶିକ୍ଷାର୍ଥୀମାନେ କେବଳ ପ୍ରମାଣ ପତ୍ର ପାଇଁ ପାଠ ପଢି ବ୍ୟକ୍ତିତ୍ୱ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଜୀବନ ଧାରାକୁ ଆପଣାଇବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ସଂଯୋଜକ ଡ଼କ୍ଟର କୃଷ୍ଣ ଚନ୍ଦ୍ର ପ୍ରଧାନ ପାଠ୍ୟକ୍ରମ ଗୁଡ଼ିକର ବ୍ୟାପକ ସୂଚନା ପ୍ରଦାନ କରିବା ସହିତ ଶିକ୍ଷାର୍ଥୀମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଶିକ୍ଷା କେନ୍ଦ୍ର ସବୁ ସମୟରେ ପିଲା ମାନଙ୍କର ପାଠ ପଢାରେ ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ। ଏହା ସହିତ ନବାଗତ ବିଇଡି ପିଲାମାନଙ୍କର ବୈଠକରେ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ ସହକାରୀ ପ୍ରାଧ୍ୟାପକ ବିଜୟ କୁମାର ଦାସ। ସେ ପାଠ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସହ ସଂଯୋଜକ ଡ଼କ୍ଟର ସୁମନ୍ତ୍ର ନାଏକ। କାର୍ଯକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ ଭୀମସେନ ବାସ୍କେ, ଭରତ କୁମାର ବାରିକ, ଅକ୍ଷୟ ବାରିକ, ଦେବୀପ୍ରସାଦ ସିଂ, କୈବର୍ତ୍ତ ଜେନା ଓ ନଟବର ନାଏକ ପ୍ରମୁଖଙ୍କ ସହ ଏହି କାର୍ଯ୍ୟକ୍ରମରେ ଶତାଧିକ ଶିକ୍ଷାର୍ଥୀ ଯୋଗ ଦେଇଥିଲେ।

# ଗ୍ରାମାଞ୍ଚଳ ହାଟରେ ସକ୍ରିୟ ଜୁଆ ଖେଳ

## ନୂଆ ବର୍ଷ ଓ ମକର ପୂର୍ବରୁ ସଜେଇଛି ଜୁଆ ଆଡ୍ଡା



**ବାରିପଦା, ନ୍ୟୁଜ ବ୍ୟୁରୋ**

ନୂଆ ବର୍ଷ ଓ ମକର ସଂକ୍ରାନ୍ତି ଆସୁଥିବା ବେଳେ ବାରିପଦା ସହର ଉପକଣ୍ଠ ଗ୍ରାମାଞ୍ଚଳ ହାଟ ଗୁଡିକରେ ଜୁଆ ଖେଳ ସକ୍ରିୟ ହୋଇଛି । ଜୁଆଡିମାନେ ତାଙ୍କ ଜୁଆ ଆଡ୍ଡା ଗୁଡ଼ିକ ସଜେଇ ଜୁଆ ଖେଳ ଜାରି ରହିଛି । ବିଭିନ୍ନ ସ୍ଥାନରେ ଜୁଆଡ଼ି ଟିମ୍ ସକ୍ରିୟ ଭାବେ ପୁଲିସର ନାକ ତଳେ ଜୁଆ ଖେଳ କରୁଛନ୍ତି। ଜୁଆ ଖେଳ ଦ୍ୱାରା ଲୋକ ନିଜର କଷ୍ଟ ଉପାର୍ଜିତ ଧନ ହରାଉଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ହୋଇଛି । ବାରିପଦା ସହର ନିକଟସ୍ଥ ବଡଯୋଡ଼ ହାଟରେ ସୋମବାର ଓ ଶୁକ୍ରବାର, ଟୁଙ୍ଗାଧୂଆ ହାଟରେ ବୁଧବାର ଓ ଶନିବାର ଏବଂ ଗୁହାଳଡ଼ିହି ହାଟରେ ମଙ୍ଗଳବାର ସମେତ ଅନ୍ୟାନ୍ୟ ସାପ୍ତାହିକ ହାଟରେ ଜୁଆ ଖେଳ ହେଉଛି । ଏବେ ଜୁଆଡ଼ିମାନେ ପରମ୍ପରାକୁ ଢାଲ କରି ଜୁଆ ଖେଳକୁ ଆହୁରି ବିସ୍ତାର କରୁଛନ୍ତି। ଆଦିବାସି ବହୁଳ ସ୍ଥାନରେ ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଗାଁ ମାନଙ୍କରେ ଫୁଟବଲ, ହକି, ତୀରନ୍ଦାଜ ପରି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୁଏ। ଏଥିସହିତ କୁକୁଡ଼ା ଲଢ଼େଇ ମଧ୍ୟ ଜୋରଦାର ହୋଇଥାଏ। ତେବେ ଉକ୍ତ ସ୍ଥାନ ଗୁଡିକୁ ଜୁଆଡ଼ିମାନେ ନିଜ ଲକ୍ଷ୍ୟରେ ରଖିଥାନ୍ତି । ଏକ ଚାରି ଚକିଆ ଗାଡିରେ ଜୁଆ ଓ ଦଣ୍ଡିମୁଣ୍ଡି ଖେଳର ସରଞ୍ଜାମ ନେଇ ହାଟ ଏବଂ ପ୍ରତିଯୋଗିତା ସ୍ଥାନ ଗୁଡିକରେ ପହଞ୍ଚି ପସରା ମେଲେଇ ଥାନ୍ତି । ତାଙ୍କ ନଜରରେ ନିଶାସକ୍ତ ଲୋକେ ବେଶୀ ରହିଥାନ୍ତି। ଅଳ୍ପ ଟଙ୍କା ଲଗାଇ ଅଧିକ ଟଙ୍କା ଜିତିବାର ପ୍ରଲୋଭନ ଦେଖାଇ ଜୁଆ ଖେଳିବାକୁ ବାଧ୍ୟ କରିଥାନ୍ତି। ଥରେ ଉକ୍ତ ଜୁଆ ଖେଳ ଆରମ୍ଭ କରିଲେ ସବୁ ଟଙ୍କା ହରାଇ ଲୋକେ ସର୍ବସାନ୍ତ ହୋଇଥାନ୍ତି। ଜୁଆ ଖେଳାଳି ଓ ପୁଲିସଙ୍କ ମଧ୍ୟ ସଲାସୁତୁରାରେ ଖେଳ ହେଉଥିବାରୁ ସ୍ଥାନୀୟ ଥାନା ଗୁଡିକ ସବୁ ଜାଣି ସୁଦ୍ଧା ଚଢ଼ଉ ନକରି ଚୁପ ହୋଇ ରହୁଛନ୍ତି। ବର୍ଷକୁ ଥରେ କାଁ ଭାଁ ଚଢ଼ଉ କରି ଗୋଟେ ଜୁଆଡ଼ି ଟିମ୍‌କୁ ଧରି ପୁଲିସ ଚୁପ୍ ହୋଇ ରହୁଛି। ଏବେ ଜୁଆଡ଼ିମାନେ ନୂଆ ଉପାୟ ଆରମ୍ଭ କରିଛନ୍ତି। ଯାହାକି ଅତି ସହଜରେ ପୁଲିସର ସନ୍ଦେହ ଘେରକୁ ମଧ୍ୟ ଆସୁନାହିଁ। କିଛି ଜୁଆ ଖେଳ ଜାରି ରହିଥିଲେ ହେଁ ସ୍ୱତନ୍ତ୍ର ପୁଲିସ ଟିମ୍ ଚଢ଼ଉ ଭୟରେ ବିଭିନ୍ନ ସମୟରେ ସ୍ଥାନ ପରିବର୍ତ୍ତନ କରି ଜୁଆଡ଼ିମାନେ ଖେଳ ଜାରି ରଖୁଛନ୍ତି। ଯାହାକି ସହଜରେ ପୁଲିସ ନଜରକୁ ନଆସି ଜୋରଦାର ଜୁଆ ଖେଳ କରୁଛନ୍ତି। ପୁଲିସ ଚଢ଼ଉକୁ ପ୍ରତିହତ କରିବା ପାଇଁ ଜୁଆଡ଼ିଙ୍କ ଏକ ଖବରଦାତା ଟିମ୍ ପୁଲିସର ଗତିବିଧି ଉପରେ ମଧ୍ୟ ନଜର ରଖୁଛନ୍ତି। ଯାହା ଫଳରେ ପୁଲିସ ଚଢ଼ଉ କରିବା ପୂର୍ବରୁ ଜୁଆଡ଼ିଙ୍କୁ ଖବର ପହଞ୍ଚି ଯାଉଛି। ଜୁଆ ଖେଳର ସ୍ଥାନ ମଧ୍ୟ ପରିବର୍ତ୍ତନ କରି ଦେଉଛନ୍ତି। ଜୁଆଡ଼ିମାନେ ମାରଣାସ୍ତ୍ର ଆଦି ରଖୁଥିବାର ନଜିର ରହିଛି। ପୁଲିସ ଚଢ଼ଉ କରି ଖେଳ କରୁଥିବା ଗିରଫ କରିବା ବେଳେ ମୁଖ୍ୟ କିଙ୍ଗପିନ ପୁଲିସ ଆଢୁଆଳରୁ ବଞ୍ଚିକି ରହୁଛନ୍ତି। ତେବେ ନୂଆ ବର୍ଷ ଓ ମକର ସଂକ୍ରାନ୍ତି ପାଇଁ ପୁଲିସ ସକ୍ରିୟ ହୋଇ ଜୁଆ ଆଡ୍ଡା ଉପରେ ଚଢଉ କରି ବନ୍ଦ କରିବାର ଆବଶ୍ୟକତା ରହିଛି।

# ସଡ଼କ ଦୁର୍ଘଟଣାରେ ମଟର ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଧାମନଗର, ନ୍ୟୁଜ ବ୍ୟୁରୋ**

ଜାତୀୟ ରାଜପଥ ବିଷ୍ଣୁପୁର ଛକ ନିକଟରେ ଗତ କାଲି ରାତିରେ ଘଟିଥିବା ଦୁର୍ଘଟଣାରେ ମଟର ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ଜଣକ ହେଲେ ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ବିରୁହାଁ ଗ୍ରାମର ନଟବର ମହାଳିକଙ୍କ ପୁଅ ଅମିତ ମହାଳିକ(୨୪), ହୋଇଥିବା ବେଳେ ତାଙ୍କ ସାଙ୍ଗ ଅଭିଷେକ ମହାନ୍ତି ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ଅମିତ ଗତ କାଲି ରାତିରେ ମୋଟର ସାଇକେଲ ଯୋଗେ ସାଙ୍ଗ ଅଭିଷେକଙ୍କୁ ଚରମ୍ପା ଷ୍ଟେସନ ଛାଡିବା ପାଇଁ ଘରୁ ବାହାରିଥିଲେ। ବିଷ୍ଣୁପୁର ଛକ ନିକଟରେ ପହଞ୍ଚିବା ସମୟରେ ସାମ୍ନାରୁ ଆସିଥିବା ଅଜଣା ଗାଡି ତାଙ୍କ ମୋଟର ସାଇକେଲକୁ ଜୋରଦାର ଧକ୍କା ଦେଇଥିଲା। ଧକ୍କାରେ ଅମିତ ଏବଂ ପଛରେ ବସିଥିବା ଅଭିଷେକ ରାସ୍ତାରେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ ବେଳେ ଅଭିଷେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଖବର ପାଇଁ ଧାମନଗର ଥାନାର ଏଏସଆଇ ନରେନ୍ଦ୍ର ରାଉତ ୪୫୩/୨୫ ମାମଲା ରୁଜୁ କରି ଅଜଣା ଗାଡି ଚିହ୍ନଟ ପାଇଁ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛନ୍ତି।

# ଟେଣ୍ଡରରେ ଜାଲିଆତି ଉଦ୍ୟମକୁ ପ୍ରତିବାଦ କରିବାରୁ କାଉନସିଲରଙ୍କୁ ପିଟିଲେ ଦୁର୍ବୃତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା କୋଦଳା ଏନ୍‌ଏସି ପରିସରରେ ଅଭିଯୋଗରୁ ଜଣାଯାଇଛି। କୋଦଳା ଏନ୍‌ଏସିରେ ୧୧ଟି କାମର ଅନିୟମିତତା ଆଶଙ୍କା କରି ହୋଇଥିବା ଟେଣ୍ଡର ତଥ୍ୟ ମାଗିବାରୁ ବରିଷ୍ଠ ସାମ୍ବାଦିକ ତଥା ଏନଏସିର ୧୧ ନମ୍ବର ୱାର୍ଡର କାଉନ୍‌ସିଲର ଭଗବାନ ପାଢ଼ୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣରେ ଭଗବାନ ପାଢ଼ୀଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ସଂଘବଧ ଭାବେ ଆକ୍ରମଣ କରି ତାଙ୍କ ସାର୍ଟ ଚିରି ସୁନା ଚେନ ଝିକି ନେଇଯାଇଥିବା କୋଦଳା ଥାନାରେ ଅଭିଯୋଗ ହୋଇଛି। ଯାହା ସୂଚନା ମିଳିଛି ସରକାରଙ୍କ ପକ୍ଷରୁ ଗତଗୁରୁବାର ଦିନ କୋଦଳା ଏନଏସିର ୧୧ ଗୋଟି ଉନ୍ନୟନ କାର୍ଯ୍ୟକୁ ନେଇ ଟେଣ୍ଡର ଅନୁଷ୍ଠିତ ହେବାପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଏହି ଟେଣ୍ଡର ପ୍ରକ୍ରିୟା ଅଧକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବହୁ ଅନିୟମିତତା ହୋଇଥିବା ଦେଖି ୧୧ ନମ୍ବର କାଉନ୍‌ସିଲର ଏହାକୁ ବିରୋଧ କରିଥିଲେ। ଟେଣ୍ଡର ପ୍ରକ୍ରିୟାର ସମସ୍ତ ତଥ୍ୟ ସହ ସିସିଟିଭି ଫୁଟେଜ ଆରଟିଆଇ ଜରିଆରେ ଅଧିକାରୀଙ୍କୁ ମାଗିଥିଲେ। ଏହି ଘଟଣାକୁ



ନେଇ ପାଞ୍ଚରୁ ଉର୍ଦ୍ଧ୍ୱ ଗୁଣ୍ଡା ଶ୍ରେଣୀର ଲୋକ ଆସି ତାଙ୍କ ସହ ଯୁକ୍ତି ତର୍କ କରିବା ସହିତ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଭଗବାନ ପାଢ଼ୀଙ୍କ ଗୋଡ଼ ଭାଙ୍ଗିବା ସହ ଛାତି, ହାତ ଓ ମୁହଁରେ ଗଭୀର ଆଘାତ ଲାଗିବା ସହିତ ସୁନା ଚେନକୁ ଛଡାଇ ନେଇ ଚାଲିଯାଇଥିଲେ । ଆକ୍ରମଣ ପରେ ଗୁରୁତର ଭଗବାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥିତ ଏମକେସିଜି ମିଡିକାଲକୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଛନ୍ତି ଡାକ୍ତର। ଏହି ଖବର ପାଇ ଜିଲ୍ଲାର ବହୁ ସାମ୍ବାଦିକ କୋଦଳାରେ ପହଞ୍ଚି ଭଗବାନ ପାଢ଼ୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବୀ ନେଇ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଭଗବାନଙ୍କୁ ନେଇ ଏକ ଶୋଭାଯାତ୍ରା କରି କୋଦଳା ଥାନାରେ ପହଞ୍ଚି ଥାନା ଅଧିକରୀଙ୍କୁ ଏତଲା ଦେବା ସହ ସାମ୍ବାଦିକଙ୍କ ସୁରକ୍ଷା ଏବଂ ଆକ୍ରମଣକାରୀ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବୀ କରିଥିଲେ। ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଅନିଲ ପାଣିଗ୍ରାହୀ, ଅନିଲ କୁମାର ପାଢ଼ୀ, ନାରାୟଣୀ ପ୍ରସାଦ ମିଶ୍ର, ସୁଶାନ୍ତ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ବଡ୍ଡୁ, କୃଷ୍ଣ ଚନ୍ଦ୍ର ପଲେଇ, ସରୋଜ କୁମାର ମିଶ୍ର, କ୍ଷୀରୋଦ ବେହେରା, ପୀତବାସ ଦାସ, ଗଣେଶ ଡାକୁଆ, ବାଲ୍ମୀକି ବିଶୋଇ, ବିଜୟ ନାୟକ, ବାପୁନି ମାଲୁଙ୍କ ସମେତ ବିଭିନ୍ନ ବ୍ଲକରୁ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିବା ଜଣାପଡିଛି।

## ପାଟରଙ୍ଗା ଗ୍ରାମପଞ୍ଚାୟତରେ ୪ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ବ୍ୟାସନଗର, ନ୍ୟୁଜ ବ୍ୟୁରୋ

ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ପାଟରଙ୍ଗା ଗ୍ରାମପଞ୍ଚାୟତରେ ୨ ଗୋଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ୪ ଗୋଟି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ଆକାଶଦାସନାୟକ। ଅନେକ ଗୁଡିଏ ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ପାଟରଙ୍ଗ ଗ୍ରାମପଞ୍ଚାୟତରେ ଶିକ୍ଷାର ଉନ୍ନତି ପାଇଁ ବିଦ୍ୟାଳୟ ଗୁଡିକର ଉନ୍ନତିକରଣ, ସ୍ୱାସ୍ଥ୍ୟସେବା ପାଇଁ ସବ୍-ସେଣ୍ଟର ନିର୍ମାଣ, ଗମନାଗମନ ପାଇଁ ରାସ୍ତା ନିର୍ମାଣ, ରାସ୍ତାର ଉନ୍ନତିକରଣ ଏବଂ ନାଳ ଉପରେ ବ୍ରିଜ୍ ନିର୍ମାଣ, କୃଷି ପାଇଁ କୃଷି ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ, ଏସ୍‌ଏଚ୍‌ଜି ମା' ମାନଙ୍କ ପାଇଁ ମହାସଂଘ କାର୍ଯ୍ୟାଳୟ ଓ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ, ବୟସ୍କ ଲୋକମାନେ ଭତା ନେବା ସମୟରେ ବିଶ୍ରାମ ନେବାପାଇଁ ସୁବିଧା କେନ୍ଦ୍ର ନିର୍ମାଣ, ବିବାହ, ବ୍ରତଘର, ଜନ୍ମଦିନ ଆଦି ଉତ୍ସବ ପାଳନ ପାଇଁ ୨ ଗୋଟି କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ବିଧାୟକ ଶ୍ରୀ ଦାସନାୟକ ପ୍ରତିଶ୍ରୁତି ଦେଇଛନ୍ତି । ରବିବାର ସକାଳ ୧୧ ଘଟିକା ସମୟରେ ଏନ୍.ଏଚ୍. ତଳଗଡ ଛକ ଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ପାଟରଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଂଚି ପାଟରଙ୍ଗା ଗ୍ରାମପଞ୍ଚାୟତ ନୂତନ କାର୍ଯ୍ୟାଳୟ ଗୃହ ଏବଂ ପଞ୍ଚାୟତ ଆମ ବ୍ୟାଙ୍କ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ସେହିଠାରେ ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର, ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ କାର୍ଯ୍ୟାଳୟ ଓ ମାର୍କେଟ୍ କମ୍ପ୍ଲେକ୍ସ, ଗୋହିରାଗଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ବିଧାୟକଙ୍କ ଆଞ୍ଚଳିକ ହାତପାଣ୍ଠିରୁ ଅରଣ୍ୟମଦନା ଖେଳପଡିଆ ଠାରେ ଏକ ମଞ୍ଚ ନିର୍ମାଣ ପାଇଁ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ପାଟରଙ୍ଗା ଗ୍ରାମପଞ୍ଚାୟତକୁ ଏକ ଆଦର୍ଶ ଗ୍ରାମପଞ୍ଚାୟତ ଭାବେ ଗଢିବା ପାଇଁ ଆଜି ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ଆକାଶ । ଗ୍ରାମୀଣ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେଲେ ସମୃଦ୍ଧ ତଥା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ଶ୍ରୀ ଦାସନାୟକ କହିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧।୧୨।୨୦୨୫, ମାର୍ଗଶିର ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୦୪।୫୮ ଚନ୍ଦ୍ରୋଦୟ- ଦିଘ୧।୫୫।୧୬**

**ଏକାଦଶୀ-** ସଂଘ୭।୦୧ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ରାଘ ୧୧।୧୭ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। ରାଘ ୧୧।୧୭ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। ରାଘ ୧୧।୧୭ ଗତେ ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ସଂଘ ୭।୦୧ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୯ ଗତେ ଘ ୭।୩୦ ମଧ୍ୟେ । ଦିଘ ୯।୦୪ ଗତେ ଘ ୧୧।୧୪ ମଧ୍ୟେ । **ପର୍ବୋତ୍ସବ-** ଗୋମତୀ ବା ମୋକ୍ଷଦା ଏକାଦଶୀ, ବିଶ୍ୱ ଏଡ଼ସ୍ ଦିବସ।



**ମେଷ-**କର୍ମ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ବନ୍ଧୁଙ୍କ ସହରୋଗ ପ୍ରାପ୍ତ ହୋଇପାରେ।



**ବୃଷ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ। ବନ୍ଧୁଙ୍କ ସହ କଳହ ଦେଖାଦେଇପାରେ। ଆୟ ଅପକ୍ଷା ବ୍ୟୟର ମାତ୍ରା ବଢ଼ିବ । ଘରେ ଅଶାନ୍ତି ଦେଖାଦେଇପାରେ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଯୋଗ ରହିଛି। ଘରେ ଶାନ୍ତିର ବାତାବରଣ ରହିବ। ଭ୍ରମଣ ଯୋଗ ରହିଛି ।



**କର୍କଟ:** ଗୃହେ ସୁଖ ଶାନ୍ତି ରହିବ। ରୋଜଗାର ଭଲ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପରୋପକାର କରି ଆନନ୍ଦିତ ହେବେ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।



**ସିଂହ:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। ମାନସିକ ଦ୍ୱନ୍ଦ ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ରୋଜଗାର ମଧ୍ୟମ ଧରଣର ହେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତା ଦୂର ହେବ। କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଦୂରଯାତ୍ରା କରିବାର ସମ୍ଭାବନା ରହୁଛି ।



**ବିଛା:** ଶରୀରରେ ସାମାନ୍ୟ ପୀଡା ଦେଖାଦେବ। ବ୍ୟବସାୟ କ୍ଷତିରେ ଚାଲିପାରେ । ଏଣୁ ଚିନ୍ତିତ ରହିବେ । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ସାଧନାରେ ସିଦ୍ଧି ଲାଭ କରିବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।



**ମକର:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ଘରେ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବେ । ଘରେ ଅସନ୍ତୋଷ ଦେଖାଦେବ । ମାନସିକ ଦ୍ୱନ୍ଦ ଦେଖାଦେଇପାରେ ।



**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ। ଏଣୁ ସାବଧାନତା ଶ୍ରେୟକର। ଆୟ ଠାରୁ ବ୍ୟୟର ମାତ୍ରା ବୃଦ୍ଧି ହେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ମହିଳାମାନେ ଗର୍ବୀ ହେବେ।

## ଆଗାମୀ କାଲିର ପଞ୍ଜିକା

ନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୦୨।୧୨।୨୦୨୫, ମାର୍ଗଶିର ଦି୧୭ନ, ମଙ୍ଗଳବାର**

**ସୂର୍ଯ୍ୟାଦୟ- ଘ୬।୫।୩୬ସେକେଣ୍ଡ ଚନ୍ଦ୍ରୋଦୟ- ଦିଘ୨।୩୭।୦୮ସେକେଣ୍ଡ**

**ଦ୍ୱାଦଶୀ-ଦିଘ୩।୫୭ପର୍ଯ୍ୟନ୍ତ** । **ଅଶ୍ୱିନୀନକ୍ଷତ୍ର-** ରାଘ ୮/୫୧ ପର୍ଯ୍ୟନ୍ତ । **ମେଷଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। ଘାତଚନ୍ଦ୍ର- ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୩/୫୭ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୦ ଗତେ ଘ ୬।୫୨ ମଧ୍ୟେ । ଦିଘ ୮।୫୨ ଗତେ ଘ ୧୧।୧୪ ମଧ୍ୟେ । **ପର୍ବୋତ୍ସବ-** ବ୍ୟଂଜନ ଦ୍ୱାଦଶୀ, ଅନଂଗ ତ୍ରୟୋଦଶୀ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପୃଥିବୀ ପାଇଁ ବଡ଼ ବିପଦ ଘୂରି ବୁଲୁଛି ମହାକାଶରେ

ମହାକାଶରେ ଘୂରି ବୁଲୁଛି ପୃଥିବୀ ପାଇଁ ବଡ଼ ବିପଦ । ଜଣେ ଜ୍ୟୋତିର୍ବିଜ୍ଞାନୀ ଏକ ଏପରି ଗ୍ରହାଣୁ ଆବିଷ୍କାର କରିଛନ୍ତି ଯାହା ନିକଟ ଭବିଷ୍ୟତରେ ମହାଦେଶୀୟ ଆକାରରେ ଏକ ବିପର୍ଯ୍ୟୟ ସୃଷ୍ଟି କରିପାରେ । ଏହି ମହାକାଶ ପଥର ହେଉଛି ଆଟିରାସ୍ ନାମକ ପୃଥିବୀ ନିକଟବର୍ତ୍ତୀ ଗ୍ରହାଣୁର ଏକ ଗୋଷ୍ଠୀ, ଯାହା ସମ୍ପୂର୍ଣ୍ଣ ଭାବରେ ପୃଥିବୀର କକ୍ଷପଥ ମଧ୍ୟରେ ପରିକ୍ରମା କରେ । ଏମାନଙ୍କ ସହିତ ଏକ ବଡ଼ ସମସ୍ୟା ହେଉଛି ଯେ ସେମାନେ ସୂର୍ଯ୍ୟର ଆଲୋକରେ ଲୁଚି ରହନ୍ତି, ଫଳରେ ସେମାନଙ୍କୁ ଚିହ୍ନଟ କରିବା କଷ୍ଟକର କରିଥାଏ ।

ସେପ୍ଟେମ୍ବରରେ ୨୦୨୫ SC ୭୯ କାର୍ନେଗି ଇନଷ୍ଟିଚ୍ୟୁଟ୍ ଫର୍ ସାଇନ୍ସର ଜଣେ ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏହାର କମ୍ କକ୍ଷପଥ ଅବଧି ଯୋଗୁ ଏହା ମାତ୍ର ୧୨୮ ଦିନରେ ସୂର୍ଯ୍ୟ ଚାରିପାଖରେ ଏକ ପରିକ୍ରମା କରେ । ୨୦୨୫ SC ୭୯ ଯେକୌଣସି ଗ୍ରହାଣୁର ତୃତୀୟ ସବୁଠାରୁ କମ୍ କକ୍ଷପଥ ଅବଧି ଅଟେ । ଏହା ବୁଧର କକ୍ଷପଥ ମଧ୍ୟ ଅତିକ୍ରମ କରେ । ପୃଥିବୀର ନିକଟତର ଦୂରତା ହିଁ ଏପରି ଗ୍ରହାଣୁଗୁଡ଼ିକୁ ଆବିଷ୍କାର କରିବାରେ କଷ୍ଟକର ହୋଇଥାଏ । ଏହାର ଅର୍ଥ ହେଉଛି ସୂର୍ଯ୍ୟର ଆଲୋକ ସେମାନଙ୍କୁ ଲୁଚାଇ ରଖେ, ଯାହା ଦ୍ୱାରା ଚିହ୍ନଟ ଆହୁରି କଷ୍ଟକର ହୋଇଯାଏ । ଏହି ଗ୍ରହାଣୁଗୁଡ଼ିକୁ ଖୋଜିବାରେ ବିଳମ୍ବ ଦିନେ ପୃଥିବୀରେ ଏକ ବିପର୍ଯ୍ୟୟ ଆଣିପାରେ । ୨୦୨୫ SC୭୯ ସ୍କଟ୍ ଏସ୍. ଶେପର୍ଡଙ୍କ ଦ୍ୱାରା ନ୍ୟାସନାଲ୍ ସାଇନ୍ସ ଫାଉଣ୍ଡେସନର ବ୍ଲାଙ୍କୋ ୪-ମିଟର ଟେଲିସ୍କୋପରେ ଡାର୍କ ଏନର୍ଜି କ୍ୟାମେରା ବ୍ୟବହାର କରି ଆବିଷ୍କାର କରାଯାଇଥିଲା । ଗ୍ରହାଣୁ ୨୩୦୦ ଫୁଟ ଓସାରିଆ । ଯଦି ଏହା କେବେ ପୃଥିବୀ ସହିତ ପଥ ଅତିକ୍ରମ କରେ, ତେବେ କୋଟି କୋଟି ମଣିଷ ଏବଂ ପ୍ରାଣୀଙ୍କ ବିନାଶର କାରଣ ହୋଇପାରେ । NSFର ଜେମିନି ଟେଲିସ୍କୋପ୍ ଏବଂ କାର୍ନେଗି ସାଇନ୍ସର ମାଗେଲାନ୍ ଟେଲିସ୍କୋପ୍ ଏହି ଆବିଷ୍କାରକୁ ସ୍ପଷ୍ଟ କରିଛି । ଶେପର୍ଡ ଏକ ପ୍ରେସ୍ ରିଲିଜରେ କହିଛନ୍ତି, 'ସବୁଠାରୁ ବିପଦପୂର୍ଣ୍ଣ ଗ୍ରହାଣୁଗୁଡ଼ିକୁ ଚିହ୍ନଟ କରିବା ସବୁଠାରୁ କଷ୍ଟକର ।' ସେ କହିଛନ୍ତି ଯେ ଅଧିକାଂଶ ଗ୍ରହାଣୁ ରାତି ସମୟରେ ଆବିଷ୍କୃତ ହୁଅନ୍ତି, କିନ୍ତୁ ଆଟିରାସ୍ କିମ୍ବା ସୂର୍ଯ୍ୟ ନିକଟରେ ଲୁଚି ରହିଥିବା ଅନ୍ୟ ଗ୍ରହାଣୁ ନୁହେଁ । ଏଗୁଡ଼ିକୁ କେବଳ ସନ୍ଧ୍ୟା ସମୟରେ ଦେଖିହେବ । 'ଯଦି ଏହି ସନ୍ଧ୍ୟା ଗ୍ରହାଣୁ ପୃଥିବୀ ପାଖକୁ ଆସେ, ତେବେ ସେମାନେ ଗୁରୁତର ପ୍ରଭାବ ବିପଦ ସୃଷ୍ଟି କରିପାରନ୍ତି ।'

# ଅଦୃଶ୍ୟ କୁମ୍ଭାରର ଇଚ୍ଛା - ୨



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ସମାଜ ସଂସ୍କାରକ ଫକୀରମୋହନ ନାରୀ ଶିକ୍ଷାର ପ୍ରଚାର ପ୍ରସାର- ଏ ଦିଗରେ ମନ ବଳାଇଲେ । ନାରୀଙ୍କ ସ୍ଥାନ ରୋଷେଇଶାଳାରେ - ଏ ଚିରନ୍ତନ ପ୍ରାଚୀନ ବର୍ବରତା । ଏ କଥାଟି ସେ ଅନୁଭବ କରିଥିଲେ । ଶିକ୍ଷିତ ପୁରୁଷ, ଗୋଟେ ଅଶିକ୍ଷିତା ନାରୀ - ଏକ୍ଟି କୌଣସି ଜାତି ପାଇଁ ଶୁଭଙ୍କର ନୁହେଁ । ଏକଥା ମଧ୍ୟ ଫକୀରମୋହନ ବୁଝିଥିଲେ । ଊନବିଂଶ ଶତାବ୍ଦୀର କଥା । ଓଡ଼ିଶାରେ ନାରୀଶିକ୍ଷା ଅତ୍ୟନ୍ତ ନୈରାଶ୍ୟଜନକ । ଶିକ୍ଷା ତ ଦୂରର କଥା, ଏଣ୍ଟ୍ରିବନ୍ଧ ଡେଇଁବାକୁ ବାରଣ । ସେବେ ନିଜର ବଡ଼ିଲା ଭଉଣୀ, ବିବାହିତ ସ୍ତ୍ରୀ ନାଁ ପ୍ରକାଶ କରିବାକୁ ଅନେକ କୁଣ୍ଠା ପ୍ରକାଶ କରୁଥିଲେ । ପ୍ରାଚୀନ ପ୍ରଥା ପରମ୍ପରା ପିଷ୍ଟ ଜୀବନ । ହିନ୍ଦୁ ସମାଜର କଠୋର ନିୟମକୁ ଏଡ଼ାଇବା ସମ୍ଭବ ନଥିଲା । ନାରୀଶିକ୍ଷାର ପ୍ରୋତ୍ସାହନ ଆଦୌ ନଥିଲା । ନାରୀଶିକ୍ଷା ଦ୍ୱାରା ଭ୍ରଷ୍ଟାଚାର ବ୍ୟାପିବ - ଏପ୍ରକାର ଆଶଙ୍କା ବଳବତ୍ତର ଥିଲା । ନାରୀ ସତୀତ୍ୱକୁ ରୁଦ୍ଧ କପାଟରେ ରକ୍ଷା କରିବାର ରୀତି ଅନୁସୃତ ହୋଇଥିଲା । ନାରୀଶିକ୍ଷାର ପ୍ରସାର ପାଇଁ ପ୍ରଥମେ ଖ୍ରୀଷ୍ଟିୟାନ ମିଶନାରୀମାନେ ପଦକ୍ଷେପ ନେଲେ । ଫକୀରମୋହନ ବାଲେଶ୍ୱରରେ ବସାଇଲେ ବାଳିକା ସ୍କୁଲଟିଏ । ଏଥିପାଇଁ ବହୁ ନିନ୍ଦା ସହିଲେ । ସେତେବେଳେ ହିନ୍ଦୁ ସମାଜ ନାରୀ ଶିକ୍ଷାର ସମ୍ପୂର୍ଣ୍ଣ ବିରୋଧୀ । ସ୍ତ୍ରୀଶିକ୍ଷା ଗୋଟାଏ ଭୀଷଣ ଦୁଷ୍କାର୍ଯ୍ୟରେ ଗଣ୍ୟ । ସ୍ତ୍ରୀ ମହଲରେ ନାନାଦି କୁସଂସ୍କାର । ଝିଅ ପାଠ ପଢ଼ିଲେ ବିଧବା ହୋଇଯାଏ । ତା' ହାତ ଚିଅଣ ଲୁଣିଆ ବା ଅଲଣା ହୁଏ । ତା' ହାତରେ ତରକାରୀ ଭଲ ସିଝେ ନାହିଁ । ଏସବୁ ଫକୀରମୋହନଙ୍କ ଶୁଣାକଥା । ସମାଜରେ ଯେଉଁମାନେ ଅତିବୁଦ୍ଧିମାନ ପୁରୁଷ, ସେମାନେ ବି ନାରୀଶିକ୍ଷା ବିରୋଧୀ । ଝିଅଗୁଡ଼ାକ ପାଠପଢ଼ି କ'ଣ ଗୋମାସ୍ତାଗିରି କରିବେ ନା କଚେରିରେ ଅମଲା ହେବେ? ଆଉ କେହି କେହି କହିଲେ ଫକୀରମୋହନଙ୍କ ବାଳିକା ବିଦ୍ୟାଳୟ ବନାଇଚି । ଚିରିଲାଗୁଡ଼ାକ ପାଠ ପଢ଼ିଲେ ଅସମ୍ଭାଳ ହେବେ । ମାନ ମହତ, କୁଳ, ଜାତି, ଧର୍ମ ସବୁ ଯିବ । ବଦମାସ, ଶୟତାନ, ଫକୀରମୋହନଙ୍କୁ ରକ୍ଷା ନାହିଁ । ପେଟରେ ତା'ର ଛନ୍ଦ କପଟ, ଅଣ୍ଟିରେ ତର୍ଣ୍ଣିକଟା ଛୁରୀ । ସାହେବମାନଙ୍କ ସହ ସଦ୍‌ଭାବ ରଖି ସମାଜ ବଦଳା - ସବୁକଥାରେ ସେ ଆଗୁସାର । ରାଜା ଶ୍ୟାମାନନ୍ଦ ଦେ ବସିଥାଆନ୍ତି । ପାଖରେ ଅମଲାମାନେ । ଫକୀରମୋହନଙ୍କୁ ଡାକରା ଆସିଲା । ତାଙ୍କୁ ଦେଖିବା ମାତ୍ରେ ରାଜା ଚିତ୍କାର କଲେ - "ଆହେ ସେନାପତି ! ଭଲ କାର୍ଯ୍ୟଟିଏ କଲ ! ତୁମେ ପରା ଗୋଟାଏ ମାଇପି ସ୍କୁଲ ବସାଇଛ ?" ଉଠାଓ, ଉଠାଓ, ଉଠାଓ ।" ରାଜା ରାଗରେ ନିଆଁବାଣ । ଝିଏ ଗୀତା, ଭାଗବତ ପଢ଼ିବେ, ଛାନ୍ଦ ଗାଇବେ - ଏକଥା ଫକୀରମୋହନ କହିଲେ । ରାଜାଙ୍କର ସେଇ ଗୋଟିଏ କଥା - "ଉଠାଓ ସ୍କୁଲ ଉଠାଓ ସ୍କୁଲ - ଉଠାଓ ।" ଆଜ୍ଞା କହି, ଶିର ଝୁଙ୍କାଇ ଫେରିଲେ ଫକୀରମୋହନ । ଲେଖିଲେ 'ରେବତୀ' ଗପ । ନିପଟ ମଫସଲର ଝିଅ ରେବତୀ, ସେ ପାଠପଢ଼ିଛି । ଏକ୍ଟି ଥିଲା ଗୋଟେ ଯୁଗାନ୍ତକାରୀ ଘଟଣା । ଏବେବି 'ରେବତୀ' ଅଦ୍ୱିତୀୟ ସୃଷ୍ଟି, ଏହାର ସ୍ରଷ୍ଟା ଫକୀରମୋହନ କାଳଜୟୀ ।

ଜାତି ପ୍ରେମୀ ଫକୀରମୋହନ । ୧୮୬୩ ମସିହା ବେଳକୁ ସେ ୧୯/୨୦ ବର୍ଷର ଯୁବକ । ସେତେବେଳକୁ ଏକ ମହାନ ଐତିହ୍ୟ ସମ୍ପନ୍ନ ଉତ୍କଳ ଭାଷା ଆଡ଼କୁ ମୁହାଁଇଥିଲା ଘୋର ସଙ୍କଟ । ସେ ସମୟରେ ଓଡ଼ିଶାର ସବୁ କର୍ମଚାରୀ ବଙ୍ଗାଳୀ । ସେମାନେ ଆପଣାର ମାତୃଭାଷାକୁ ଯେନତେନ ଉପାୟରେ ଓଡ଼ିଶାରେ ପ୍ରତିଷ୍ଠା କରିବା ସହିତ, ଓଡ଼ିଆ ଭାଷାକୁ ବିଲୁପ୍ତ କରି ଦେବାର ହୀନ ଚକ୍ରାନ୍ତରେ ଲିପ୍ତ ହେବାକୁ ପଶ୍ଚାତ୍‌ପଦ ହୋଇନଥିଲେ । ଏଥିପାଇଁ ଦିବାନିଶି ଫକୀରମୋହନ ଥିଲେ ଚିନ୍ତିତ; ଭାଷା ଉନ୍ନତିର ଉପାୟ କ'ଣ? ଯେକୌଣସି ପ୍ରକାରରେ ହେଉ ମାତୃଭାଷାର ଉନ୍ନତି ସକାଶେ ପ୍ରାଣପାତ କରିବାକୁ ହେବ - ଏ କଥାଟି ତାଙ୍କୁ ଘାରିଥିଲା । ନିଜକୁ ବିଦ୍ୟାଶୂନ୍ୟ, ଶକ୍ତିହୀନ, ଦରିଦ୍ର ବୋଲି ବିବେଚନା କରିଥିଲେ ମଧ୍ୟ ଆପଣା ଉଦ୍ୟମରୁ ସେ ବିରତ ହୋଇନଥିଲେ, ଜାରି ରଖିଲେ ମହାସଂଗ୍ରାମ ଓଡ଼ିଆ ଭାଷାକୁ ସୁରକ୍ଷା ପ୍ରଦାନ କରିବା ପାଇଁ ।

ଦୂରଦୃଷ୍ଟି ସମ୍ପନ୍ନ ଫକୀରମୋହନ । ପୁସ୍ତକଟିଏ ଛାପା ଆକାରରେ ପ୍ରକାଶିତ ହେଲେ ଏହାର ବହୁଳ ପ୍ରସାର ହେବ - ଏ ପ୍ରକାର ଚିନ୍ତନ ତାଙ୍କୁ ପ୍ରେସ୍ କମ୍ପାନୀଟିଏ ସ୍ଥାପନ ପାଇଁ ଉତ୍ସାହ ଯୋଗାଇଥିଲା । ବାବୁ ଦାମୋଦର ପ୍ରସାଦ ଦାସ, ବାବୁ ଜୟକୃଷ୍ଣ ଚୌଧୁରୀ, ବାବୁ ଭୋଳାନାଥ ସାମନ୍ତରାୟ, ବାବୁ ରାଧାନାଥ ରାୟଙ୍କୁ ନେଇ ସେ ସଭାଟିଏ ଆୟୋଜନ କଲେ । ଛାପାଖାନା ବାବଦରେ ସମସ୍ତେ ଅନଭିଜ୍ଞ । ତେଣେ ଅର୍ଥ, ଲୋକବଳର ଅଭାବ - ଏମିତି କେତେକ କାରଣ ଯୋଗୁ ପ୍ରେସ୍ ସ୍ଥାପନ ବିଳମ୍ବ ଘଟିଲା । ତଥାପି ଏଭଳି ଏକ ସ୍ୱପ୍ନକୁ ସାକାର କଲେ ଫକୀରମୋହନ । ବାଲେଶ୍ୱରର ବଡ଼ବଡ଼ ବାବୁ, ପାଠ ପଢ଼ୁଆମାନଙ୍କ ଦ୍ୱାରସ୍ଥ ହୋଇ ପ୍ରେସ୍ ସମ୍ପର୍କରେ ସୂଚନା ଦେବା ସହ ଅର୍ଥ ସଂଗ୍ରହ ତାଙ୍କର ମୂଳଲକ୍ଷ୍ୟ ଥିଲା । କିନ୍ତୁ ସେ ନିରାଶ ହେଲେ । ଏବେ ତାଙ୍କର ପଣ ପ୍ରତିଜ୍ଞା, "ପ୍ରେସ୍ ସ୍ଥାପନ ନଚେତ୍ ଜୀବନ ତ୍ୟାଗ ।" ଏଭଳି କଠୋର ସାଧନା ପାଇଁ ମନୋବଳ ହାରି ନଥିବା କେତେ ଜଣ ଓଡ଼ିଆ ତାଙ୍କପରି ଥିଲେ ନା ଏବେ ଅଛନ୍ତି ?

ପିଲାଦିନର ମା' ବାପ ଛେଉଣ୍ଡ ବ୍ରଜମୋହନ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସେନାପତି ସାଜିଲେ । ଫକୀରମୋହନ ଶେଷରେ ଅମୋଘ ଅସ୍ତ୍ରଟେ ପ୍ରୟୋଗ କଲେ । ସେଦିନ କଚେରି ବନ୍ଦ ପରେ ସମସ୍ତ ଅମଲାଙ୍କୁ ଏକତ୍ରିତ କଲେ । ଏକ ହୃଦୟସ୍ପର୍ଶୀ ତଥା ଉପାଦେୟ ଭାଷଣ ପ୍ରଦାନ କରି ସେମାନଙ୍କ ମନ ଜିଣିଲେ । ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ସ୍କୁଲରେ ପଢ଼ା ଯିବା ହୁକୁମ ସରକାରଙ୍କ ନୁହେଁ; ତାହା ଚକ୍ରାନ୍ତକାରୀ କେତେକ ବଙ୍ଗାଳୀଙ୍କ କୁବୁଦ୍ଧି । ପାର୍ସୀ ଉଠିଲା, ଓଡ଼ିଶାରେ ବଙ୍ଗାଳୀମାନେ କିରାଣୀ ହୋଇଗଲେ । ଓଡ଼ିଆ ଭାଷା ଉଠିଗଲେ ଏହି ବଙ୍ଗାଳୀମାନଙ୍କ ପୁଅ, ଭାଇ, ଜ୍ଞାତି, କୁଟୁମ୍ବ ମାନେ ଅମଲା ହୋଇଯିବେ । ଆପଣମାନେ ତ ନିଶ୍ଚିତ ବରଖାସ୍ତ ହେବେ - ଏଣିକି ଆପଣଙ୍କର ପୁଅ, ନାତି ଆଉ ସରକାରୀ ଚାକିରି ପାଇବେନି - ଫକୀର ମୋହନଙ୍କ ବକ୍ତବ୍ୟର ଏହା ଥିଲା ମୁଖ୍ୟାଂଶ । ସେଦିନ ସମବେତ ସମସ୍ତ କର୍ମଚାରୀ, ଆଉ ସବୁ ଜାତି ହିତୈଷୀମାନେ ମିଶି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତଟିଏ ଗ୍ରହଣ କଲେ । ଦରଖାସ୍ତ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଗଲା । ମହତ ଉଦ୍ଦେଶ୍ୟର ସୁଫଳ ନିଶ୍ଚୟ ମିଳେ । ସୌଭାଗ୍ୟକୁ ସେ ସମୟର ବାଲେଶ୍ୱର କଲେକ୍ଟର ଥାନ୍ତି ଭାଷାବିତ୍ ପଣ୍ଡିତ ବିମ୍‌ସ ସାହେବ । ତାଙ୍କୁ ପ୍ରଦାନ କରାଯାଇଥିବା ଓଡ଼ିଆ ଭାଷା ସୁରକ୍ଷା ସମ୍ପର୍କିତ ଦରଖାସ୍ତକୁ ସହୃଦୟତାର ସହ ଗ୍ରହଣ କଲେ । ଓଡ଼ିଆ ଭାଷା ପ୍ରାଚୀନ; ଏହାର ସ୍ୱତନ୍ତ୍ରତାକୁ ଅସ୍ୱୀକାର କରାଯାଇ ନପାରେ - ଏ ମର୍ମରେ ସେ ଖଣ୍ଡେ ଇଂରାଜୀ ପୁସ୍ତକ ଲେଖିଲେ, ତତ୍ ସହିତ ଦରଖାସ୍ତଟିକୁ ବିଚାର କରିବା ପାଇଁ କମିଶନରଙ୍କ ପାଖକୁ ପଠାଇଲେ । ସେ ସମୟର ଟି. ରେଭେନ୍‌ସା ଉତ୍କଳର କମିଶନର । ସେ ବିମ୍‌ସ୍ ସାହେବଙ୍କ ଯୁକ୍ତିକୁ ଗ୍ରହଣ କଲେ । ଅନୁକୂଳ ଟିପ୍ପଣୀ ସହ ଦରଖାସ୍ତକୁ ଗଭର୍ଣ୍ଣମେଣ୍ଟକୁ ପ୍ରେରଣ କଲେ । ମିଳିଲା ଆଦେଶନାମା, "ଓଡ଼ିଶାର ସମସ୍ତ ସ୍କୁଲରୁ ବଙ୍ଗଳା ଭାଷା ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଉତ୍କଳ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ ।" ଭାଷା ସୁରକ୍ଷା ଆନ୍ଦୋଳନର ଆପାତତଃ ଅନ୍ତ ଘଟିଲା ୧୮୭୦ ମସିହା ବେଳକୁ । ଏ ଦୁଇ ଇଂରେଜୀ ସାହେବ ଉତ୍କଳବାସୀଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିବେ - ଏ କଥାକୁ ଫକୀର ମୋହନ ଲେଖିଛନ୍ତି ନିଜ ଆତ୍ମଚରିତରେ । ସଂଘର୍ଷ ଭିତରୁ ଉର୍ତ୍ତୀର୍ଣ୍ଣ ଫକୀରମୋହନ । ଏ ଜାତି ପାଇଁ ଆପଣାର ସର୍ବସ୍ୱ ଉତ୍ସର୍ଗ କରିଦେଲେ । ଅମର ରହିଲେ କାଳ କାଳକୁ । ସବୁ ବିଧାତାର ବିଧାନ ।

# ନୂତନ ଶ୍ରମ ଆଇନ ସ୍ୱାଗତଯୋଗ୍ୟ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଦେଶରେ ୨୯ଟି ଆଇନ ବଦଳରେ ଚାରୋଟି ଶ୍ରମ କୋର୍ଡର ଶ୍ରମ କୋର୍ଡର କାର୍ଯ୍ୟକାରତା ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଜାରି କେବଳ ଏକ ବୃହତ ଶ୍ରମ ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ବୋଲି କୁହାଯାଇପାରିବ । ଶ୍ରମିକଙ୍କ ପାରିଶ୍ରମିକ, ଶ୍ରମ ସମ୍ପର୍କ, ସାମାଜିକ ନିରାପତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ଉପରେ ଆଧାରିତ ଏହି ଚାରୋଟି ଶ୍ରମ କୋର୍ଡକୁ ଦେଶର ବ୍ୟବସାୟୀ ଓ ପୁଂଜିନିବେଶକାରୀ ସମୁଦାୟ ଭୂୟସୀ ପ୍ରଶଂସା କରିବା ସହ ଏହା ଏକ ଦୀର୍ଘ ଦିନର ଆବଶ୍ୟକତା ବୋଲି ଦର୍ଶାଇଛନ୍ତି, ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୯ ଏବଂ ୨୦୨୦ ମଧ୍ୟରେ ପାର୍ଲିଆମେଣ୍ଟରେ ମଂଜୁରୀ ପ୍ରାପ୍ତ ଏହି ସମସ୍ତ କୋର୍ଡର କାର୍ଯ୍ୟକାରିତା ବିଭିନ୍ନ କାରଣରୁ ବିଳମ୍ବ ହୋଇଥିଲା । ଶ୍ରମିକ ମାଲିକ ତଥା କର୍ମଚାରୀ- ନିଯୁକ୍ତିଦାତାଙ୍କ ସମ୍ପର୍କ ସଂକ୍ରାନ୍ତୀୟ ୨୯ଟି ଆଇନ ବଦଳରେ ପ୍ରଣୀତ ଏହି କୋର୍ଡଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଏଇଥିପାଇଁ ଯେ, ଗୋଟିଏ କମ୍ପାନୀ ପାଇଁ ପ୍ରତିବର୍ଷ ଅଙ୍ଗୀକାର ପତ୍ର ଆବଶ୍ୟକତାକୁ ଏହା ହ୍ରାସ କରିଛି । ଏହି ନୂତନ ଶ୍ରମ କୋର୍ଡ ଆଇନକୁ ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ କାର୍ଯ୍ୟକାରୀ କରିବା ପୂର୍ବକ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ଯଥାଶୀଘ୍ର ଅନୁରୂପ ପଦକ୍ଷେପ ନେବା କେନ୍ଦ୍ର ସରକାର ଆଶାବାଦୀ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ଚାରୋଟି କୋର୍ଡରେ କର୍ମଚାରୀ ନିଯୁକ୍ତିଦାତା ସମ୍ପର୍କ, ସାମାଜିକ ନିରାପତା, ପାଣିଶ୍ରମିକ ଏବଂ ବୃତ୍ତିଗତ ନିରାପତ୍ତାର ବ୍ୟାପକ ପରିବର୍ତ୍ତନ ଅଣାଯାଇଛି । ଏହି ଚାରୋଟି କୋର୍ଡ (ଆଇନ) ଗୁଡ଼ିକର ଏଭଳି ଏକତ୍ରୀକରଣ ଓ ସରଳୀକରଣ କରାଯାଇଛି, ଯାହା ଆଜିର ପ୍ରତିଯୋଗିତାମୂଳକ ଜଗତରେ ଏକାନ୍ତ ଆବଶ୍ୟକ ଥିଲା । ସେହିପରି ଶ୍ରମକମାନଙ୍କ ପାଇଁ ଏହି କୋର୍ଡମାନ ଏକ ନ୍ୟାୟସଙ୍ଗତ ନିଯୁକ୍ତି ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଏକ ଦୃଢ଼ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । ପାରିଶ୍ରମିକ ସମ୍ପର୍କିତ କୋର୍ଡ ସାର୍ବଜନୀନ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରିଥିବା ବେଳେ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛି । ଆହୁରି ମଧ୍ୟ ବୃତ୍ତିଗତ ନିରାପତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସମ୍ପର୍କିତ କୋର୍ଡ କାର୍ଯ୍ୟସ୍ଥଳୀର ନିରାପତା ନିଶ୍ଚିତ କରିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶାସକ କଲ୍ୟାଣ ସୁବିଧା ସୁଯୋଗ ଉପଲବ୍ଧି ଲାଗି ଦୃଢ଼ ବ୍ୟବସ୍ଥା ରହିଛି । ଭବିଷ୍ୟତ ପାଣ୍ଠି, ଗ୍ରାଚୁଇଟି, ମାତୃତ୍ୱ ଛୁଟି, ବୀମା ଭଳି ସାମାଜିକ ନିରାପତା ପ୍ରଦାନ ଲାଗୁ ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି । ପୂର୍ବରୁ ଏହି ସମସ୍ତ ସୁବିଧାରୁ ବଞ୍ଚିତ ହୋଇଥିବା କୋଟି କୋଟି ଶ୍ରମିକ ଏହି ନୂତନ ଆଇନ ଦ୍ୱାରା ଉପଯୁକ୍ତ ହେବେ । ସେହିପରି ଅନ୍ତରାଜ୍ୟ, ପ୍ରବାସୀ ଶ୍ରମିକ ଯେଉଁମାନେ ରେକର୍ଡ ପତ୍ରରେ ଏକ ପ୍ରକାର ଅଦୃଶ୍ୟ ଥିଲେ, ସେମାନେ ତାଙ୍କର ହକ ପାଇପାରିବେ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଗତିଶୀଳ ପଦକ୍ଷେପ ହେଉଛି ଆଜିର ନବ-ଆର୍ବିଭୂତ ବିଶାଳ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ବାହିନୀକୁ ବିଧିବଦ୍ଧ ସ୍ୱୀକୃତି ପ୍ରଦାନ । ଆଜିର ଇ-କମର୍ସ ଯୁଗରେ ଗ୍ରାହକମାନଙ୍କ ପାଖରେ ଠିକ୍ ସମୟରେ ସାମଗ୍ରୀ ପହଞ୍ଚାଇବା ଏହି ଶିଖ କର୍ମଚାରୀମାନଙ୍କ ସଂଖ୍ୟା ଏବେ ଆମ ଦେଶରେ ୮ନିୟୁତରେ ପହଞ୍ଚିଥିବା ବେଳେ ଖୁବଶୀଘ୍ର ଏହି ସଂଖ୍ୟା ବିସ୍ଫୋରକ ପର୍ଯ୍ୟାୟରେ ପହଞ୍ଚିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । କର୍ମକ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ଦୂର ପାଇଁ କୋର୍ଡରେ ଯଥାର୍ଥ ନିୟମ ରହିଥିବାବେଳେ ସମାନ କାମ ପାଇଁ ସମାନ ପାରିଶ୍ରମିକ, ପ୍ରସବକାଳୀନ ସହାୟତା, ଶିଶୁଙ୍କ ପାଳନ ପାଇଁ କଠୋର ବ୍ୟବସ୍ଥା ରହିଛି । ଏହା ନିଶ୍ଚିତ ଯେ, ଏହି ନୂତନ କୋର୍ଡ ଦ୍ୱାରା ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷିତ ରହିପାରିବ । ଦେଶର ଯୁବଗୋଷ୍ଠୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୨ନିୟୁତ ଯୁବକ ଯୁବତୀ କାର୍ଯ୍ୟକରିବାର ବୟସରେ ପାଦ ଥୋଇବା ନେଇ ଆକଳନ କରାଯାଏ । ଏହି ଧାରା ବହୁ ବର୍ଷ ପର୍ଯ୍ୟନ୍ତ ବଜାୟ ରହିବ । ୨୦୨୩-୨୪ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବାର୍ଷିକ ହାରାହାରି ପ୍ରାୟ ୭୮.୫ ଲକ୍ଷ ଚାକିରି ବା ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଛି । ଅଣ-କୃଷି କ୍ଷେତ୍ରରେ ଆସନ୍ତା ୨୦୩୦ ପର୍ଯ୍ୟନ୍ତ ଶ୍ରମଶକ୍ତିର ନିଯୁକ୍ତି ବୃଦ୍ଧିର ସମ୍ଭାବନା ରହିଛି । ଏହି ଶ୍ରମ ଆଇନଗୁଡ଼ିକ ଯୁଗାନ୍ତକାରୀ ହୋଇଥିବା ସତ୍ତ୍ୱେ ବହୁ ଶ୍ରମିକ ୟୁନିୟନ ଏହା ସମସ୍ତ ସମସ୍ୟାର ସମାଧାନ କରିନପାରିବା ଆଶଙ୍କା ପ୍ରକାଶ କରିଛନ୍ତି । ବହୁ ଶ୍ରମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ, ଦ୍ୱିତୀୟ ଜାତୀୟ ଶ୍ରମ କମିଶନଙ୍କର ବହୁ ଶ୍ରମିକ ସପକ୍ଷ ସୁପାରିଶକୁ ସରକାର ଉପେକ୍ଷା କରିଛନ୍ତି । ଏଥିପ୍ରତି ସରକାର ଧ୍ୟାନ ଦେବେ ବୋଲି ଆଶା କରିବା । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯୁଦ୍ଧ, ବାଣିଜ୍ୟ ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନ ଏବେ ଶ୍ରମକ୍ଷେତ୍ରରେ ଅନିଶ୍ଚିତତା ସୃଷ୍ଟି କରିଛି । ଏହାର ତ୍ୱରିତ ପ୍ରତିକାର ଏବଂ ଶ୍ରମକୋର୍ଡ ଗୁଡ଼ିକର ସୁସ୍ଥ ପରିଚାଳନା ନିଶ୍ଚିତ କରିବା ପାଇଁ ୪୭ତମ ଭାରତୀୟ ଶ୍ରମିକ ସମ୍ମିଳନୀ(ଆଇଏଲସି) ଅଧିବେଶନ ଡକାଯିବା ଜରୁରୀ । ଯେଉଁଥିରେ ସବୁକିଛି ଉପରେ ବ୍ୟାପକ ବିଚାର ବିମର୍ଷ ହୋଇପାରିବ । ସେହିପରି ରାଜ୍ୟଗୁଡ଼ିକ ଉଭୟ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସହ ବିଚାରବିମର୍ଷ କରିବା ଉଚିତ, ଯାହାଦ୍ୱାରା ଆଇନର ଯଥାର୍ଥ କାର୍ଯ୍ୟକାରୀ ସମ୍ଭବ ହେବ।

# ଅଧିକାର ଅହଙ୍କାର ନ ହେଉ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ,
ମହାବିଦ୍ୟାଳୟ, ଭଦ୍ରକ
ମୋ:୮୮୯୫୩୪୧୦୩୩

ଭାରତ ବିଗତ ଦଶବର୍ଷଧରି ନଭେମ୍ବର ଛବିଶିକୁ ସମ୍ବିଧାନ ଦିବସରୂପେ ପାଳନ କରିଆସୁଛି । ଏହା ପ୍ରଥମେ ଜାତୀୟ ଆଇନଦିବସ ରୂପେ ସୁପ୍ରିମକୋର୍ଟର ବିଚାରପତି ଓ ଆଇନ୍‌ଜୀବୀମାନେ ପାଳନ କରୁଥିଲେ । ଆମ ସମ୍ବିଧାନ ଆମ ସ୍ୱାଭିମାନ ଏ ବର୍ଷର ସମ୍ବିଧାନ ଦିବସର ପ୍ରସଙ୍ଗ । ସମ୍ବିଧାନକୁ ଜାଣିବ ଓ ବୁଝିବା ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । କାରଣ ସମ୍ବିଧାନରେ ଆମ ମୌଳିକ ଅଧିକାର ବିଷୟରେ ଅତି ସରଳ ତଥା ପ୍ରାଞ୍ଜଳଭାବରେ ବୁଝାଯାଇଛି । ଦେଶର ନାଗରିକ ହିସାବରେ ସମସ୍ତ ମୌଳିକ ଅଧିକାରର ବ୍ୟବହାରରେ ଆମମାନଙ୍କର ସ୍ୱାଧୀନତା ନିହିତ । ଆମ ସମ୍ବିଧାନ ଆମ ବଞ୍ଚିବାର ଏକ ପ୍ରେରଣା, ଏକ ରାହା । ଦେଶର ବିଭିନ୍ନ କ୍ଷେତ୍ରରେ ନିଜ ଅଧିକାର ପାଇଁ ଲଢେଇ ସହ ତାର ଅମଳକ୍ଷମ ଆମ ସାମ୍ବିଧାନିକ ବ୍ୟବସ୍ଥାର ରୂପାୟନ । ଆଇନ୍ ଓ ମୌଳିକ ଅଧିକାର ପାଇଁ ମଣିଷ ଯେଉଁ ଉତ୍ସୁକତା ଦେଖାଉଛି କିନ୍ତୁ ତାହା ରାଷ୍ଟ୍ରକ୍ଷେତ୍ରରେ ବିପରୀତଭିମୁଖୀ । ଅର୍ଥାତ କେବଳ ସମ୍ବିଧାନିକ ବ୍ୟବସ୍ଥାର ବ୍ୟକ୍ତିଗତ ଫାଇଦାରେ ସଭିଁଏ ଜଡିତ । ସମ୍ବିଧାନ ବିଷୟରେ ସଠିକ୍ ଜ୍ଞାନ ଆହରଣ ନକରି ବାରମ୍ବାର ସମ୍ବିଧାନର ହତ୍ୟା ପ୍ରସଙ୍ଗକୁ ନେତାମନ୍ତ୍ରୀ ଦୋହରାଇ କିଛି ସାଧାରଣଜନତା ଏବଂ ଯୁବଗୋଷ୍ଠୀଙ୍କ ଦୃଷ୍ଟି ଆକର୍ଷଣ ସହ ସେମାନଙ୍କୁ ପଥଭ୍ରଷ୍ଟ କରୁନାହାନ୍ତିତ ? କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ ଜାତି ମଧ୍ୟରେ ମିଥ୍ୟା ରାଜନୈତିକ ସୂଚନା ମାଧ୍ୟମରେ ଯୁବଗୋଷ୍ଠୀଙ୍କ ମନରେ ଉତ୍ତେଜନା ସୃଷ୍ଟି କରିଚାଲିଛନ୍ତି । ଯାହାର ପ୍ରଭାବରେ ଜାତି ଧର୍ମର ସଂକୀର୍ଣ୍ଣତା ବୃଦ୍ଧିପାଉଛି ।

ଉତ୍ଥାନ ଓ ପତନ, ଘଟଣା ଓ ଅଘଟଣା ସହ ଜଡ଼ିତ ଏ ଦେଶର ବିବିଧତା ମଧ୍ୟରେ ଐକ୍ୟ ହିଁ ଆମର ସ୍ୱତନ୍ତ୍ର ପରିଚୟ । ମନ୍ଦିର, ମସଜିଦ, ଗୀର୍ଜା ଓ ଗୁରୁଦ୍ୱାରସହ ଅନ୍ୟାନ୍ୟ ଧର୍ମପୀଠର ସଙ୍ଗମସ୍ଥଳୀ । ଆଶା, ବିଶ୍ୱାସ, ପ୍ରୟାସ ଓ ପ୍ରତିଶ୍ରୁତିର ଖୋଲାମଞ୍ଚ । ନିସଂଗ ଜୀବନରୁ ଗୋଷ୍ଠୀଗତ ଜୀବନ ଓ ପରେପରେ ସଂଘବଦ୍ଧ ଜୀବନ । ପୁଣି ସଂଘଗତ ଜୀବନରୁ ପାରିବାରିକ ଓ ପରିଶେଷରେ ସାମାଜିକ ଜୀବନରେ ପଦାର୍ପଣ । ଅତ୍ୟାବଶ୍ୟକ ପରିମାଣଗତ ଆବଶ୍ୟକତାର ପରିପୂରଣ ପରେ ନିଜକୁ ଉତ୍କୃଷ୍ଟ ପ୍ରାଣୀଭାବେ ସମାଜରେ ଉପସ୍ଥାପନପାଇଁ ଶୃଙ୍ଖଳିତ ନୀତିନିୟମକୁ ଆଧାରବିନ୍ଦୁ କରିବା ସଭ୍ୟମାନବର ପରିଚୟ । ଉଭୟ ଆଚରଣ ଓ ଉଚ୍ଚାରଣକୁ ଭିନ୍ନଭିନ୍ନ କ୍ଷେତ୍ରରେ ଶୃଙ୍ଖଳିତ ତଥା ଦାୟିତ୍ୱପୂର୍ଣ୍ଣଭାବେ ପ୍ରଦର୍ଶନପୂର୍ବକ ସଭ୍ୟସମାଜର ଗଠନ ହେଲା । ସାମାଜିକ ଅନୁଷ୍ଠାନ ହିଁ ପ୍ରତ୍ୟେକ ସଭ୍ୟତାର ମାପକାଠି । ସାମାଜିକ ସୁରକ୍ଷା ଓ ଜୀବନଧାରଣର ମୌଳିକ ଆବଶ୍ୟକତା ମାନବୀୟ ମୂଲ୍ୟବୋଧର ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ହୃଦୟଙ୍ଗମ କରିବା ପ୍ରତ୍ୟେକ ସଭ୍ୟସମାଜର ଆଭିମୁଖ୍ୟ ହେବା ଉଚିତ୍ । ଦେଶର ଶାସନତନ୍ତ୍ରକୁ ସୁଦୃଢ଼ କରିବା ସହିତ ସମସ୍ତଙ୍କୁ ନ୍ୟାୟପ୍ରଦାନ ଗଣତନ୍ତ୍ର ଆସନରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ ନୈତିକ କର୍ତ୍ତବ୍ୟ ଯାହା ପ୍ଲାଟୋଙ୍କ ରିପବ୍ଲିକ ପୁସ୍ତକର ସାରକଥା । ଦେଶରେ ରାମରଜ୍ୟର ସ୍ଥାପନା ଲକ୍ଷ୍ୟରେ ରାମଙ୍କ ଅସ୍ତିତ୍ୱକୁ ଧୂଳିସାତ କରିବାକୁ ଲୋକ ଅହରହ ଚେଷ୍ଟିତ । ଗାନ୍ଧୀ ଓ ଗଡସେ;ଦୁଇ ଗୋଷ୍ଠୀମଧ୍ୟରେ ଚାଲିଛି ଲଢ଼େଇ । ସ୍ୱାଧିନତା ପରବର୍ତ୍ତୀ ଗାନ୍ଧୀଙ୍କ ହତ୍ୟା ସମୟରୁ ଦୁଇ ବିଚାରଧାରାର ଲଢ଼େଇ ମଧ୍ୟରେ ନିଷ୍ପେସିତ ସାଧାରଣ ଜନତା ।

ଆଜିକାଲି ବ୍ୟକ୍ତି ନିଜର ସାମାଜିକ କର୍ତ୍ତବ୍ୟବୋଧକୁ ଓ ଦାୟିତ୍ୱ ନେଇ ଯେତେଟା ସଚେତନ ନୁହେଁ, କିନ୍ତୁ ନିଜର ଅଧିକାର ପାଇଁ ପ୍ରତି ମୁହୂର୍ତ୍ତରେ ଚିତ୍କାର କରୁଛି । ସେ ସଦାସର୍ବଦା ନିଜର ବ୍ୟକ୍ତିଗତ ଆକାଂକ୍ଷାକୁ ଚରିତାର୍ଥ କରିବାପାଇଁ ବ୍ୟସ୍ତ । ବ୍ୟକ୍ତି ନିଜ ଅଧିକାରକୁ ବଳିଷ୍ଠ କରିବାରେ ଲାଗିଛି । ଆଜିର ବ୍ୟକ୍ତିପାଇଁ ସ୍ୱାର୍ଥପୂର୍ଣ୍ଣ କାର୍ଯ୍ୟକୁ ପ୍ରଶ୍ରୟଦେବା ଏକ ବୃହତ୍ ସ୍ୱପ୍ନରେ ପରିଣତି ହୋଇଛି । ନିଜର ଅଧିକାର ପାଇଁ ଜିଦ୍ କରୁଥିବା ଓ ଜିଦ୍ ଧରୁଥିବା ଆଜିର ଯୁବପିଢି ସାମାଜିକ ସୌହର୍ଦ୍ଦ୍ୟତା ଏବଂ ସାମାଜିକ ସହଯୋଗକୁ ଅକ୍ଷୁର୍ଣ୍ଣ ରଖିବାରେ ମୁଖ୍ୟ ପ୍ରତିବନ୍ଧକ ସାଜିଛନ୍ତି । ସେ ଅଧିକାରପାଇଁ ଅନ୍ଧ । ଅଧିକାରକୁ ସାବ୍ୟସ୍ତ କରିବାରେ ବ୍ୟଗ୍ର ମଣିଷ ଯେକୌଣସି ରାସ୍ତାକୁ ଆପେଣେବାରେ ସମାଜ ପ୍ରତି ନିଜର କର୍ତ୍ତବ୍ୟବୋଧ ଏବଂ ସାମାଜିକ ସମର୍ପଣ ପ୍ରତି ସେମାନଙ୍କର ଆନ୍ତରିକ ଉଦାସୀନତା ନିଶ୍ଚିତ ଭାବରେ ସାମାଜିକ ସୌହାର୍ଦ୍ଦ୍ୟକୁ ଦିନକୁ ଦିନ ଦୁର୍ବଳ କରିବାରେ ଯଥେଷ୍ଟ ସହାୟକ ହୋଇଅଛି । ବ୍ୟକ୍ତିର ସଂକୀର୍ଣ୍ଣ ମନୋବୃତ୍ତି ସମାଜର ସାମୂହିକ ସ୍ୱାର୍ଥରେ ଅନ୍ତରାୟ ସୃଷ୍ଟି କରିବାସହ ଅଧିକାଂଶ ସମୟରେ ସମାଜରେ ଶାନ୍ତିପୂର୍ଣ୍ଣ ସହବସ୍ଥାନରେ ବାଧକ ସାଜିଛି । ବ୍ୟକ୍ତିବ୍ୟକ୍ତି ମଧ୍ୟରେ ତିକ୍ତତା, ସଂକୀର୍ଣ୍ଣ ମାନସିକତା, ବିକୃତି ଚିନ୍ତାଧାରା ତଥା ବୌଦ୍ଧିକ ସ୍ଖଳନଯୋଗୁଁ ସମାଜରେ ଅସୁରକ୍ଷାର ଭାବନା ଗୁଞ୍ଜରିତ ହେଉଛି । ଯୁବପିଢି ଭୁଲିଯାଉଛି ତାର ନୈତିକ କର୍ତ୍ତବ୍ୟ ଏବଂ ସାମାଜିକ ଦାୟିତ୍ୱବୋଧତା ।

ନାରୀସଶକ୍ତୀକରଣ ଦ୍ୱାରା ନିର୍ଯାତିତ ନିଷ୍ପେସିତ ନାରୀଗଣ ଉପକୃତ ହେବା ସ୍ୱାଭାବିକ କିନ୍ତୁ ଅଧିକାଂଶ ନାରୀ ଏହାକୁ ଦୁର୍ବ୍ୟବହାର କରି ପୁରୁଷଙ୍କୁ ଶାରିରୀକ ଓ ମାନସିକ ନିର୍ଯାତିତ କରିବାରେ ବ୍ୟସ୍ତ । ନିଜ ଜିଦ୍ ଓ ଅହଙ୍କାର ନିକଟରେ କାହାର କୌଣସି ଅନୁରୋଧ, ଉପଦେଶ, ନୀତିବାଣୀ ସବୁ ମୂଲ୍ୟହୀନ । ସ୍ୱାଧିନ ହୋଇ ବଞ୍ଚିବା ଓ ମତବ୍ୟକ୍ତ କରିବା ଅଧିକାରକୁ ନେଇ ଦେଶର ସାଧାରଣ ନାଗରିକମାନଙ୍କର ବୃଥା ଅହଙ୍କାର ଓ ଅଭିମାନ ଦିନକୁଦିନ ବୃଦ୍ଧି ହେବାରେ ଲାଗିଛି । ସାମ୍ବିଧାନିକ ଅଧିକାରର ନିଶାରେ ମଣିଷ ଯାହା କରୁଛନ୍ତି ତାହା କେବେ ଆତ୍ମସମୀକ୍ଷାର ପରିଧିକୁ ଆଣିବାକୁ ଚାହୁଁନାହାନ୍ତି । ଅଧିକାର ନାମରେ ଅନୈତିକ, ଅପସଂସ୍କୃତି, ବ୍ୟଭିଚାର ପଥର ପଥିକଭାବେ ନିଜକୁ ସଜେଇବାରେ ଏ ଦେଶର ନାଗରିକ ପଛଘୁଞ୍ଚା ଦେଉନାହିଁ । ପରିବର୍ତ୍ତନ ପ୍ରକୃତିର ଏକ ସ୍ୱାଭାବିକ ଅବସ୍ଥା । ପ୍ରକୃତି ତଥା ପାରିପାର୍ଶ୍ୱିକ ପରିବର୍ତ୍ତନକୁ ଗ୍ରହଣ ସହ ନିଜକୁ ଉପଯୋଜିତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟହେବା ଉଚିତ୍ । ପରିବର୍ତ୍ତନ ମାଧ୍ୟମରେ ନୂତନାତାର ଆବିଷ୍କାର ହୁଏ । ଯଦି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଶୈଳୀର ପରିବର୍ତ୍ତନ ହୋଇପାରୁଛି ବା ପରିବର୍ତ୍ତନର ଆବଶ୍ୟତା ଅଛି ତେବେ ସମ୍ବିଧାନର ଆଇନ୍ କାନୁନ୍ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ । କେବଳ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ବିକାଶପାଇଁ ସମ୍ବିଧାନ ନିର୍ମାଣ ହୋଇନାହିଁ । ବିକାଶର ମୁଖ୍ୟଧାରା ସହ ସମସ୍ତେ ଯୋଡିହେବା ନିହାତି ଜରୁରୀ । କେବଳ ମୋ ପରିବାରର ସମସ୍ତ ସଦସ୍ୟ ପୀଢ଼ି ପରେ ପୀଢ଼ି ସମ୍ବିଧାନର ସମସ୍ତ ମୌଳିକ ଅଧିକାରକୁ ଉପଭୋଗ କରିବୁ କିନ୍ତୁ ଅନ୍ୟମାନଙ୍କ ମୁହଁରେ ହସ ଭେଟିଦେବାକୁ କଣ କେବେ ଇଚ୍ଛାହୁଏନି ? ଗୁଡ଼ମାଠିଆରେ ବୁଡିରହିଥିବା ଜନ୍ଦାଗୋଷ୍ଠୀ ଅନ୍ୟକାହାକୁ ମୁହିଁ ମାରିବାକୁ ସୁଯୋଗ ଦିଅନ୍ତିନାହିଁ । ଆଜିର ଭାରତବର୍ଷର ଗଣତନ୍ତ୍ରର ଅବସ୍ଥା ଏକା ପ୍ରକାରର । ଅଧିକାରକୁ ମନୋଭରି ଉପଭୋଗ କରୁକରୁ ସ୍ୱେଚ୍ଛାଚାରୀ ହୋଇ ଅଧିକାରର ଦୁରୁପୋଯୋଗ କରୁନାହାନ୍ତିତ ? ଆମକୁ ମିଳିଥିବା ସ୍ୱାଧିନତା ଓ ଅଧିକାରର ମହତ୍ତ୍ୱକୁ ଉପଯୁକ୍ତ ସ୍ଥାନରେ, ସଠିକ ସମୟରେ ପ୍ରତିପାଦନ କରିବାରେ ଆମେ କେତେଦୂର ସଫଳ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧ ଡିସେମ୍ବର ୨୦୨୫ ସୋମବାର





# ଜାନୁଆରୀ ୧୬ରୁ ଜଗତସିଂହପୁର ଜିଲ୍ଲାରେ ଧାନକ୍ରୟ ଆରମ୍ଭ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ଖରିଫ ବର୍ଷ ୨୦୨୫ -୨୬ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ. ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ । ଜାନୁଆରୀ ୧୬ରୁ ପର୍ଯ୍ୟାୟକ୍ରମେ ୪୯୬୮୫ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୧୫ ଗୋଟି ମଣ୍ଡି (୧୦୬ ସୋସାଇଟି ଓ ୯ ସ୍ୱୟଂ ସହାୟକ ଗୋଷ୍ଠୀ) ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୩,୦୮,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବୈଠକରେ ଉପସ୍ଥିତ ରହି ସାଂସଦ ଶ୍ରୀ ତରାଇ ମିଲରମାନେ ଉପଯୁକ୍ତ ତାଲିମ୍ ପ୍ରାପ୍ତ ଲୋକଙ୍କୁ ମଣ୍ଡିକୁ ପଠାଇବା, ମଣ୍ଡିରେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇବା, ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ । ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା କହିଲେ ଯେ, ଜଗତସିଂହପୁର କୃଷି ସମୃଦ୍ଧ ଜିଲ୍ଲା । ମିଲର, ଚାଷୀ, ପ୍ରଶାସନ ପରସ୍ପରର ପରିପୂରକ ଓ ସେମାନଙ୍କ ମଧ୍ୟରେ ସହଭାଗିତା ରହିଲେ ହିଁ ସମସ୍ତ କାର୍ଯ୍ୟ ସୁରୁଖୁରରେ ହୋଇପାରିବ । ରେଜିଷ୍ଟ୍ରେସନ୍ ଅନୁଯାୟୀ ଟାର୍ଗେଟ୍, ଉନ୍ନତ ମାନର ଚାଷୀଙ୍କ ନାମରେ ଚାଷୀଙ୍କୁ ଶୋଷଣ ନକରିବା, କଳା ବଜାରୀକୁ ପ୍ରୋତ୍ସାହନ ନଦେଇ ସୁବ୍ୟବସ୍ଥିତ ଧାନ ସଂଗ୍ରହ ଆଦି ବିଷୟରେ ମଧ୍ୟ ଗୁରୁତ୍ୱ ଦେଇଥିଲେ ବିଧାୟକ । ବୈଠକରେ ଉପସ୍ଥିତ ରହି ବିଧାୟକ, ତିର୍ତ୍ତୋଲ ଡ. ରମାକାନ୍ତ ଭୋଇ ମଧ୍ୟ ଧାନ ସଂଗ୍ରହର ସ୍ୱଚ୍ଛ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ସମସ୍ତଙ୍କ ସହଯୋଗରେ ଧାନ ସଂଗ୍ରହ ଠିକ୍ ଭାବେ ହୋଇପାରିବ ବୋଲି କହିଥିଲେ । ସ୍ୱଚ୍ଛ ଧାନ ଆଣିବା ପାଇଁ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ମିଲର ମାନେ ପ୍ରତ୍ୟେକ ଧାନ ମଣ୍ଡିରେ ସମୟ ପୂର୍ବରୁ ଝୋଟ ବସ୍ତା ପହଞ୍ଚାଇ ପାରିଲେ ସମସ୍ୟା ହେବନାହିଁ । ସ୍ଥାନୀୟ ମିଲର କମ୍ୟୁନିଟି ପକ୍ଷରୁ ପ୍ରଶାସନ ନିକଟରେ ବିଭିନ୍ନ ଦାବି ରଖିବା ସହିତ ଚଳିତ ବର୍ଷ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବା ପାଇଁ ଧାର୍ଯ୍ୟ କରଯାଇଥିବା କହିଥିଲେ । କଟ୍‌ନୀ ଛଟ୍‌ନୀ ନକରିବା ପାଇଁ ଭଲ ଧାନ ଆଣିବାକୁ ଚାଷୀ ମାନଙ୍କୁ ଆହ୍ୱାନ୍ କରିଥିଲେ । ଗୋପାଳପୁରର ବାଟ ମଙ୍ଗଳା ଠାରେ ନୂତନ ପାହ୍ୱ ପାଇଁ ପ୍ରସ୍ତାବ ରଖିଥିଲେ । ସଭାରେ ଅଧକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟ୍‌ନୀ ଛଟ୍‌ନୀର ଶିକାର ନହେବେ ସେଥିପ୍ରତି ବିଶେଷ ଧାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ ଭାବେ ସମସ୍ତ ପଞ୍ଚାୟତରେ ପିଆର୍‌ଆଇ ମେମ୍ବର, ଜିଲ୍ଲା ପରିଷଦ ମେମ୍ବର, ଭିଏଲଡବ୍ଲୁ ତଥା ତୃଣ ମୂଳ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କ ମିଳିତ ସମନ୍ୱୟରେ ଚାଷୀ ଭାଇ ମାନଙ୍କ ନିମନ୍ତେ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କୁ ଧାନ ସଂଗ୍ରହର ବ୍ୟବସ୍ଥା ବିଷୟରେ ବୁଝାଇବାକୁ ପରାମର୍ଶ ଦେଇଥିଲେ । ସମସ୍ତ ମଣ୍ଡି ମାନଙ୍କରେ ଜଣେ ଲେଖାଏଁ ନୋଡ଼ାଲ୍ ଅଧିକାରୀ ଏବଂ ୪-୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜିଙ୍ଗ ଅଧିକାରୀ ଓ ଗ୍ରିଭାନ୍ସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ଓଜନ ମେସିନ୍‌ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ କହିଥିଲେ ।

# ବଢ଼ୁଛି ରନ୍ଧନ ଗ୍ୟାସ୍ ଯୋଗାଣ ସମସ୍ୟା:ବଢ଼ୁଛି ଉପଭୋକ୍ତାଙ୍କ ଅସନ୍ତୋଷ

**ଜଟଣୀ, ନ୍ୟୁଜ୍ ବ୍ୟୁରୋ**

ଜଟଣୀ ସମେତ ରାଜଧାନୀ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ୍ ଯୋଗାଣ ସମସ୍ୟାର ସମାଧାନ ହୋଇପାରୁନି । ଦିନକୁ ଦିନ ଏହି ସମସ୍ୟା ବଢ଼ିବାରେ ଲାଗିଛି । ଯାହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ଏପରିକି ଅନ୍‌ଲାଇନ୍‌ରେ ଗ୍ୟାସ୍ ବୁକିଂ କରିବାର ଏକ ମାସ ପର୍ଯ୍ୟନ୍ତ ଗ୍ୟାସ୍ ମିଳୁନଥିବା ନେଇ ଅଭିଯୋଗ ହୋଇଛି । ଅନ୍ୟପଟେ ପ୍ଲାଣ୍ଟରୁ ଡିଲର ନିକଟରେ ଆବଶ୍ୟକତା ଅନୁସାରେ ଗ୍ୟାସ୍ ପହଞ୍ଚି ପାରୁନଥିବା କାରଣରୁ ଏଭଳି ସମସ୍ୟା ଘଟୁଥିବା କୁହାଯାଇଛି । ତେଣୁ କଳାବଜାରରେ ବର୍ତ୍ତମାନ ଗ୍ୟାସ୍ ଦୋକାନୀମାନେ ଲିଟରେ ପିଛା ୧୨୦ରୁ ୧୩୦ ଟଙ୍କା ଦରରେ ଗ୍ୟାସ୍ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଜଟଣୀ ବ୍ଲକ ଅନ୍ତର୍ଗତ କୁସୁମାଟି-ଛଣଘର ଠାରେ ଥିବା ଇଣ୍ଡିଆନ୍ ଅଏଲ୍ ଏବଂ ହିନ୍ଦୁସ୍ଥାନ୍ ପେଟ୍ରୋଲିୟମ୍ ଗ୍ୟାସ୍ ବଟଲିଂ ପ୍ଲାଣ୍ଟରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପେଟ୍ରୋଲ ଓ ଗ୍ୟାସ୍ ସପ୍ଲାଏ ହୋଇଥାଏ । କିନ୍ତୁ ବିଗତ ତିନି ଚାରି ମାସ ହେଲାଣି ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ୍ ଯୋଗାଣ ଠିକ୍ ପରିମାଣରେ ମିଳୁନାହିଁ । ଗ୍ୟାସ୍ ଏଜେନ୍ସି ଆଗରେ ପ୍ରତିଦିନ ସକାଳୁ



ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ରହୁଥିବା ବେଳେ ଆଗୁଆ ବୁକିଂ କରି ଗ୍ୟାସ୍ ନପାଇ ହନ୍ତସନ୍ତ ହେଉଛନ୍ତି ଖାଉଟି । ଅନେକ ଲୋକ ମାସକ ପୂର୍ବରୁ ଗ୍ୟାସ୍ ବୁକ୍ କରିଥିଲେ ମଧ୍ୟ ମିଳୁନାହିଁ । ଅନେକ ଲୋକ ଖାଲି ଟାଙ୍କି ନେଇ ଘରକୁ ମଧ୍ୟ ଫେରୁଛନ୍ତି । ଏ ନେଇ ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ଦିନ ହେଲାଣି ଖାତାରୁ ରନ୍ଧନ ଗ୍ୟାସ୍ ଉଠାଇବାରେ ସମସ୍ୟା ଭୋଗୁଛୁ । ପୂର୍ବରୁ ଗ୍ୟାସ୍ ବୁକିଂର ଦୁଇ ଦିନ ମଧ୍ୟରେ ମିଳୁଥିବା ବେଳେ ଏବେ ମାସକ ପର୍ଯ୍ୟନ୍ତ ମିଳୁନାହିଁ । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଗ୍ୟାସ୍ ଯୋଗାଣ ସମସ୍ୟାର ସମାଧାନ କରିବା ସହ ବିଭିନ୍ନ ହୋଟେଲ ଓ ଖୁଚୁରା ଗ୍ୟାସ୍ ଦୋକାନୀ ମାନଙ୍କ ଉପରେ ଚଢ଼ଉ କରିବାକୁ ଦାବି କରିଛନ୍ତି । ଜଟଣୀ ଗ୍ୟାସ୍ ଡିଲର ପକ୍ଷରୁ କୁହାଯାଇଛି ଯେ, ଡିପୋରୁ ଯେଉଁ ପରିମାଣରେ ଗ୍ୟାସ୍ ଆସିବା କଥା ଆସି ପାରୁନାହିଁ । ପ୍ରତିଦିନ ଦୁଇ ତିନିଟି ଗ୍ୟାସ୍ ଗାଡ଼ି ତଥା ଏକ ହଜାରରୁ ଅଧିକ ଗ୍ୟାସ୍ ସିଲିଣ୍ଡର ଆବଶ୍ୟକ ଥିବା ବେଳେ ସେ ଜାଗାରେ ଗୋଟିଏ ଗାଡ଼ି ଅର୍ଥାତ୍ ୩୪୦ଟି ସିଲିଣ୍ଡର୍ ଆସୁଛି । ତେଣୁ ଉପଭୋକ୍ତାଙ୍କୁ ରନ୍ଧନ ଗ୍ୟାସ୍ ଠିକ୍ ପରିମାଣରେ ଯୋଗାଇହେଉନାହିଁ ।





# ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଲିଙ୍ଗଗତ ହିଂସା ବିରୋଧି ସଚେତନତା ଅଭିଯାନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ପ୍ରଶାସନ ଭଦ୍ରକ ଓ ଫେଲୋସିପ୍, ଆସିୟାନା, ନୁହାସ୍, ଶକ୍ତିସଦନ ମିଳିତ ଆନୁକୂଲ୍ୟରେ ଫେଲୋସିପ୍‌ର ସମ୍ପାଦକ ସେକ୍ ମହମ୍ମଦ ଫାରୁକଙ୍କ ସଭାପତିତ୍ୱରେ ଷୋଡ଼ଶ ଦିବସୀୟ ଲିଙ୍ଗଗତ ହିଂସା ଅଭିଯାନର ତୃତୀୟ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହିଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ମ୍ୟୁନିସିପାଲିଟିର ଅଧକ୍ଷା ଗୁଲମକ୍କି ହବିବ୍ ଏବଂ ଅତିଥି ଭାବେ ୧୪ନଂ ୱାର୍ଡ଼ର କାଉନ୍‌ସିଲର ସେକ୍ ଜହିରୁଦ୍ଦିନ୍, ୱାନ୍ ଷ୍ଟପ୍ର ସେଣ୍ଟର କେଶ୍ ୱାର୍କର ସସ୍ମିତା ପ୍ରିୟଦର୍ଶନୀ, ଆସିଆନ୍‌ର ସଂଯୋଜକ ରିଆଜ ଅହମଦ ପ୍ରମୁଖ ଯୋଗଦେଇ ଲିଙ୍ଗଗତ ବୈଷମ୍ୟତା, ସମାନତା ଓ ଟୋଲ୍ ଫ୍ରି ହେଲ୍‌ପଲାଇନ୍ ନଂ ୧୮୧, ଜରୁରୀକାଳୀନ ସେବା ୧୧୨, ଚାଇଲ୍ଡ ହେଲ୍‌ପଲାଇନ୍ ୧୦୯୮ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଗୁଲମକ୍କି ହବିବ୍ ତାଙ୍କ ବକ୍ତବ୍ୟରେ ସମାଜରେ ମହିଳାମାନେ କିପରି ବିଭିନ୍ନ ହିଂସାରେ ପୀଡ଼ିତ ହେଉଛନ୍ତି ତାହା ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ । ସଭାପତି ଏସ୍.ଏମ୍.ଫାରୁକ ତାଙ୍କ ବକ୍ତବ୍ୟରେ କୌଣସି ପ୍ରକାର ହିଂସାକୁ ସହ୍ୟନକରି ବିଭିନ୍ନ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବା ସହିତ ଆଇନ୍‌ର ସହାୟତା ନେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅର୍ବାନ୍ ଲୋକାଲ୍ ଅଫିସିଆଲ୍, ଏସ୍.ଏଚ୍.ଜି. ଗ୍ରୁପ୍, ମିଶନ୍ ଶକ୍ତି ଫେଡ଼େରେସନ୍, ଲୋକାଲ୍ ଏନ୍.ଜି.ଓ ସହିତ ସର୍ବସାଧାରଣ ମହିଳାମାନେ ଯୋଗଦାନ କରିଥିଲେ । ସ୍ୱାଗତ ଭାଷଣ ଶକ୍ତିସଦନର ସୁପରିଟେଣ୍ଡେଣ୍ଟ ଯୋଗାମାୟା ଚାନ୍ଦ ପ୍ରଦାନ କରିଥିବା ବେଳେ ଫେଲୋସିପ୍ ଶକ୍ତି ସଦନର ଏକାଉଟାଣ୍ଟ ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରେ ପଶି ଆକ୍ରମଣ ଓ ଲୁଟ୍ ମାମଲା:ଅନ୍‌ଲାଇନ୍ ସେକ୍ସ ରାକେଟ୍‌ର ଟେର୍ ପାଉନି ପୋଲିସ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଚଳିତମାସ ୧୭ ତାରିଖ ଦିନ ଧଉଳି ଥାନା ଅନ୍ତର୍ଗତ ସରଦେଇପୁର (ଉତ୍ତରା) ଅଞ୍ଚଳ ସ୍ଥିତ ଭାର୍ଗବୀନଗରରେ ଘଟିଥିଲା ଏକ ଅଭିନବ ଲୁଟ୍ । ରାଜଧାନୀରେ ମାତିଥିବା ଏକ ସେକ୍ସ ରାକେଟ୍‌ର କିଛି ଗୁଣ୍ଡା ଓ ଦେହଜୀବୀ ଜଣେ ଗ୍ରାହକଙ୍କ ଘରେ ପଶି ଆକ୍ରମଣ କରିବା ସହ ଲୁଟ୍‌ପାଟ୍ କରିଥିଲେ । ଅନ୍‌ଲାଇନ୍‌ରେ ଦେହଜୀବୀଙ୍କ ସହ ଯୋଗାଯୋଗ କରିଥିବା ଗ୍ରାହକ ସତ୍ୟସୌରଭଙ୍କୁ ଦୁର୍ବୃତ୍ତମାନେ ପ୍ରାଣାନ୍ତକ ଆକ୍ରମଣ କରି ସୁନାଚେନ୍, ମୁଦି ଓ ଆଇଫୋନ୍ ଲୁଟି ନେଇଥିଲେ । ରାଜଧାନୀରେ ଏଭଳି ଲୁଟ୍‌ତରାଜ ମାମଲା ଏକ ନୂଆ ଘଟଣା ଥିଲା ବୋଲି ଚର୍ଚ୍ଚା ହୋଇଥିଲା । ଏହା ଭିତରେ ପ୍ରାୟ ଦୁଇ ସପ୍ତାହ ବିତିବାକୁ ବସିଲାଣି । କିନ୍ତୁ ଧଉଳି ଥାନା ପୋଲିସ ଏହି ରାକେଟ୍‌କୁ ଠାବ କରିପାରିନାହିଁ । ଅଭିଯୋଗକାରୀ ସତ୍ୟସୌରଭଙ୍କ ମୋବାଇଲ୍ କଲ୍ ଡିଟେଲ୍ସ ଓ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଭଳି ପ୍ରମାଣ ପାଇ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କ ଟେର୍ ପାଇନାହିଁ । ତଦନ୍ତ ଚାଲିଛି ଆଳରେ ପୋଲିସ କେବଳ ଦିନ ଗଡ଼ାଇ ଚାଲିଛି ବୋଲି ଅଭିଯୋଗ ହେଉଛି । ନିଜ ଘରେ ଏକୁଟିଆ ରହୁଥିବା ଯୁବକ ସତ୍ୟସୌରଭଙ୍କ ଫୋନ୍‌କୁ ଘଟଣା ଦିନ ସନ୍ଧ୍ୟାରେ ଏକ ମେସେଜ୍ ? ଆସିଥିଲା । ସେ ମେସେଜ୍‌ରେ ଚାଟିଂ କରିବାର କିଛି ସମୟ ପରେ ଜଣେ ଯୁବତୀ ତାଙ୍କ ରୁମ୍‌ରେ ପହଞ୍ଚିଥିଲେ । ପରେପରେ ଅନ୍ୟ ଜଣେ ଯୁବତୀ ମଧ୍ୟ ସେଠାରେ ପହଞ୍ଚିଥିଲେ । ଯୁବତୀ ଦ୍ୱୟ ସତ୍ୟସୌରଭଙ୍କ ଠାରୁ ୬ ହଜାର ଟଙ୍କା ଦାବି କରିଥିଲେ । କିନ୍ତୁ ସତ୍ୟସୌରଭ ସେମାନଙ୍କୁ ଅନ୍‌ଲାଇନ୍‌ରେ ୫ ହଜାର ଦେଇଥିଲେ । ଯୁବତୀଦ୍ୱୟ ଫେରିବା ବେଳେ ସତ୍ୟସୌରଭଙ୍କ ଅଲକ୍ଷ୍ୟରେ ତାଙ୍କ ଆଇଫୋନ୍ ନେଇ ପଳାଇଥିଲେ । ପରେ ସତ୍ୟସୌରଭ ସେମାନଙ୍କୁ ପିଛା କରି ରାସ୍ତାରୁ ଫୋନ୍ ଛଡ଼ାଇ ଆଣିଥିଲେ । ରାତି ପ୍ରାୟ ୧୧ଟା ବେଳେ ଯୁବତୀ ଦ୍ୱୟଙ୍କ ସହ ୭/୮ ଜଣ ଦୁର୍ବୃତ୍ତ ସତ୍ୟସୌରଭଙ୍କ ଘରକୁ ଧସେଇ ପଶିଯାଇଥିଲେ ଏବଂ ଅତର୍କିତ ଆକ୍ରମଣ କରିଥିଲେ । ଦୁର୍ବୃତ୍ତଙ୍କ ମଦବୋତଲ ମାଡ଼ରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା । ଏମିତିକି ଦୁର୍ବୃତ୍ତମାନେ ଭଙ୍ଗା ମଦ ବୋତଲକୁ ତାଙ୍କ ପେଟରେ ଭୁସି ଦେବାକୁ ଉଦ୍ୟମ କରିଥିଲେ । ସତ୍ୟସୌରଭ ରକ୍ତ ଜୁଡୁବୁଡୁ ହୋଇ ଛଟପଟ ହେଉଥିବା ବେଳେ ସେମାନେ ତାଙ୍କ ସୁନାମୁଦି, ସୁନାଚେନ୍ ଓ ଆଇଫୋନ୍ ନେଇ ପଳାଇଥିଲେ । ସତ୍ୟଙ୍କ ଚିତ୍କାର ଶୁଣି ତାଙ୍କ ଘରେ ରହୁଥିବା ଭଡ଼ାଟିଆମାନେ ଘଟଣାସ୍ଥଳକୁ ଧାଇଁଆସି ଦୁର୍ବୃତ୍ତମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଦୁର୍ବୃତ୍ତମାନଙ୍କୁ ମୁକାବିଲା କରିବାକୁ ସେମାନଙ୍କର ଜୁ ନଥିଲା । ସତ୍ୟସୌରଭ ଅନ୍‌ଲାଇନ୍‌ରେ ଟଙ୍କା ଗଣିଛନ୍ତି । ମୋବାଇଲ୍‌ରେ ଚାଟିଂ କରିଛନ୍ତି । ଏତିକି ତଥ୍ୟ ହିଁ ଦୁଇ ଯୁବତୀଙ୍କୁ ଠାବ କରିବା ଯଥେଷ୍ଟ । ଯୁବତୀ ଦ୍ୱୟଙ୍କୁ ଠାବ କରିବା ପରେ ଗୁଣ୍ଡାମାନଙ୍କ ପତ୍ତା ମିଳିବା ସହଜ ହୋଇଯିବ । ମାତ୍ର ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି । ଏନେଇ ଥାନା ଅଧିକାରୀଙ୍କ କହିବା କଥା ତଦନ୍ତ ଚାଲିଛି ଏବଂ ଅପରାଧୀ ମାନଙ୍କୁ ଗିରଫ କରାଯିବ ।

# ଏମ୍‌କେସିଜିରେ ଗବେଷଣା ସହ ଚିକିତ୍ସାର ମାନ ବଢ଼ିବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ମାଇକ୍ରୋବାୟୋଲୋଜି ବିଭାଗ ଅଧୀନରେ ଥିବା ଭାଇରାଲ୍ ରିସର୍ଚ୍ଚ ଓ ଡାଏଗ୍ନୋଷ୍ଟିକ୍ ଲାବୋରେଟରୀକୁ ଆସିବେ ଭେଷଜ ବିଜ୍ଞାନୀ । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରାୟୋଜିତ ଏହି ଲ୍ୟାବ୍ ୨୯ ମାର୍ଚ୍ଚ ୨୦୨୩ରେ ଉଦ୍‌ଘାଟିତ ହୋଇଥିଲା । ରୋଗ ବାହାକଙ୍କ ବିଷୟରେ ଗବେଷଣା ପାଇଁ ଉଦ୍ଦିଷ୍ଟ ଏହି ଲ୍ୟାବ୍ ଦକ୍ଷିଣ ଓଡ଼ିଶା ପାଇଁ ପ୍ରଥମ । ଅତ୍ୟାଧୁନିକ ଉପକରଣ ସହ ଦକ୍ଷ ମାନବସମ୍ବଳ ନିୟୋଜନ ଦ୍ୱାରା ବିଭିନ୍ନ ରୋଗ ବାହିତ ଭୂତାଣୁ, ଅଣୁଜୀବ ବିଷୟରେ ଗବେଷଣା ଠାରୁ ଆରମ୍ଭ କରି ନିରିକ୍ଷଣ କରାଯାଉଥିବା ବିଭାଗୀୟ ମୁଖ୍ୟ ଡ଼ା. ସଂଘମିତ୍ରା ପାଢ଼ୀ ସୂଚନା ଦେଇଛନ୍ତି । ଦୁଇ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ୟୁନିଟ୍‌ରେ ବର୍ତ୍ତମାନ ଜଣେ ବୈଜ୍ଞାନିକଙ୍କୁ ସରକାର ନିଯୁକ୍ତି କରିଛନ୍ତି । କିନ୍ତୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ଭେଷଜ ବିଜ୍ଞାନୀଙ୍କୁ ଅବସ୍ଥାପିତ କରାଯିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହି ବିଭାଗରେ ବର୍ତ୍ତମାନ ସେରୋଲୋଜିକାଲ୍ ଟେଷ୍ଟ୍ ଲ୍ୟାବ୍ ଅଧୀନରେ ୧୨ ପ୍ରକାର ବିଭିନ୍ନ ପରୀକ୍ଷା କରାଯିବା ସହ ତଦନୁଯାୟୀ ରିପୋର୍ଟ ପ୍ରଦାନ କରାଯାଉଛି । ସେହିପରି ମୋଲେକୁଲାର ଟେଷ୍ଟ୍ ଲ୍ୟାବ୍ ଅଧୀନରେ ୧୨ ପ୍ରକାର ପରୀକ୍ଷା କରାଯାଇ ଅନେକ ରୋଗୀଙ୍କ ଠାରେ ଥିବା ଦୂରାରୋଗ୍ୟକୁ ଚିହ୍ନଟ ଓ ଠିକ୍ ସମୟରେ ନିଦାନ ଏବଂ ସଫଳ ଚିକିତ୍ସା ଯୋଗାଇବାରେ ସହାୟକ ହେଉଛି । ନୂଆ ବୈଜ୍ଞାନିକଙ୍କ ଯୋଗଦାନ ପରେ ଲ୍ୟାବ୍‌ରେ ମାନବସମ୍ବଳ ଦୁଇଗୁଣ କରାଯିବା ସହ ଏହାର ଗବେଷଣା କ୍ଷମତା ବୃଦ୍ଧିରେ ସହାୟକ ହେବ । ଯାହାଦ୍ୱାରା ଭୂତାଣୁ ସହ ଅନ୍ୟାନ୍ୟ ଅଣୁଜୀବ ବିଷୟରେ ଗବେଷଣା କରି ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ପ୍ରଦାନ ସମ୍ଭବ ହେବ ବୋଲି ଡ଼ା. ଶ୍ରୀ ପାଢ଼ୀ ଆଶାବାଦୀ ଅଛନ୍ତି ।

# ଅସହାୟ ବୃଦ୍ଧାଙ୍କ ଶବଦାହ କଲେ ସମାଜସେବୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ଜଣେ ନାରୀ ଯଦି ସ୍ୱତଃ ଚାହିଁଲେ କେବେ ମହାଭାରତ ସଂଗ୍ରାମ କରାଇପାରେ ତ କେବେ ନାରୀ ସଶକ୍ତିକରଣ ପାଇଁ କ୍ରାନ୍ତି କରିପାରେ । ଆଜିର ଦିନରେ ସବୁବର୍ଗର ନାରୀମାନେ ସମାଜର ମୁଖ୍ୟସ୍ରୋତରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । ପୁରୁଷ ପ୍ରଧାନ ସମାଜ ଅନେକ କ୍ଷେତ୍ରରେ ପ୍ରବେଶ କରିବା ପାଇଁ ମହିଳା ମାନଙ୍କୁ ପ୍ରତିବନ୍ଧିତ କରିଆସୁଥିଲା । ହେଲେ ସମୟ ସାଙ୍ଗରେ ମହିଳାମାନେ ଅନେକ କ୍ଷେତ୍ରରେ ପାଦ ଦେଇ ସେଥିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରୁଛନ୍ତି, ଯଦ୍ଦ୍ୱାରା ସେମାନେ ଅନେକ ମହିଳାମାନଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି । ନଭେମ୍ବର ୨୮ ତାରିଖରେ ବରଗଡ ଜିଲ୍ଲା ବର୍ଡୋଲ ଗ୍ରାମର ୮୦ ବର୍ଷୀୟ ବୃଦ୍ଧା ମହିଳା ଇଲା ସାହୁ ମୁମୂର୍ଷୁ ଅବସ୍ଥାରେ ପଡ଼ିରହିଥିବା ବେଳେ ବରଡୋଲ ଗ୍ରାମର କ୍ଷୀରୋଦ ସାହୁ ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ଯୋଗାଯୋଗ କରିଥିଲେ । ଖବର ପାଇବା ମାତ୍ରେ ସମାଜସେବୀ ସଂଘମିତ୍ରା ପଟେଲ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ ଏବଂ ଉକ୍ତ ବୃଦ୍ଧାମହିଳାଙ୍କ ପୋକ ସାଲୁବାଲୁ ହୋଇଥିବା ମର ଶରୀରକୁ ଦେଖି ବହୁତ୍ ଦୁଃଖ ପ୍ରକାଶ କରିଥିଲେ । ପୋକ ସାଲୁବାଲୁ ହେଉଥିବା ଦେଖି କେହି ମଧ୍ୟ ଗାଁ ଲୋକ ପାଖକୁ ଆସିବା ପାଇ ଚାହୁଁନଥିଲେ । ସଙ୍ଗେ ସଙ୍ଗେ ସଂଘମିତ୍ରା ପୋଲିସକୁ ଜଣାଇ ବେସରକାରୀ ଆମ୍ବୁଲାନ୍ସ ଯୋଗେ ବରଗଡ ସ୍ଥିତ ଶ୍ମଶାନ ଘାଟକୁ ନେଇଥିଲେ । ନିୟମ ଅନୁସାରେ ଅନ୍ତିମ ସଂସ୍କାର କରାଯିବାର ବିଧି ରହିଥିବା ବେଳେ ଉକ୍ତ ବୃଦ୍ଧା ମହିଳାଙ୍କ ଶରୀରକୁ ନେବାକୁ କେହି ମଧ୍ୟ ନିଜସ୍ୱ ପରିବାରବର୍ଗ ଆସିନଥିବାରୁ ଶ୍ରୀମତୀ ପଟେଲ୍ ନିଜେ ତାଙ୍କର ମର ଶରୀରକୁ ଦାହ କରିବାକୁ ନିର୍ଣ୍ଣୟ ନେଇଥିଲେ । ସମାଜସେବୀ ଶ୍ରୀମତୀ ପଟେଲ ନିଜ ଖର୍ଚ୍ଚରେ କାଠ ତଥା ଅନ୍ୟ ଆବଶ୍ୟକୀୟ ସାଧନ ଯୋଗାଡ଼ କରି ଦିନ ୧ଟା ସମୟରେ ମଶାଣିକୁ ନେଇ ଉକ୍ତ ବୃଦ୍ଧା ମହିଳାଙ୍କୁ ସମ୍ମାନର ସହ ଶେଷକୃତ୍ୟ ସମାପନ କରିଥିଲେ । ଏହି ମହାନ କାମରେ ଶ୍ରୀମତୀ ପଟେଲଙ୍କ ସହିତ ସହଯୋଗ କରିଥିଲେ ସନ୍ୟାସୀ ପ୍ରଧାନ ଓ ବିକାଶ ମହାନନ୍ଦ । ତେବେ ଅନେକ ବ୍ୟକ୍ତି ଶ୍ରୀମତୀ ପଟେଲ୍‌ଙ୍କୁ ଅହଂକାର ମନୋଭାବ ରଖି ବିରୋଧ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିଲେ ମଧ୍ୟ କାହାରିକୁ ଭ୍ରୁକ୍ଷେପ ନକରି ନିଜ କର୍ମ କରୁଥିବାରୁ ସମାଜରେ ଶ୍ରୀମତୀ ପଟେଲଙ୍କ ପ୍ରତି ଯଥେଷ୍ଟ ସମ୍ମାନ ମଧ୍ୟ ରହିଛି । ତାଙ୍କର ସମାଜ ପ୍ରତି ସେବା ମନୋଭାବକୁ ନେଇ ମହିଳାଙ୍କ ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆସିବା ବାକି ରହିଛି ବୋଲି ଜଣାପଡ଼େ । ଏହିଭଳି ସେବା ମନୋଭାବକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ସୁଅ ଛୁଟୁଛି ।

# ଲୁଙ୍ଗେଇ ସରକାରୀ ପ୍ରାଥମିକ ବିଦ୍ୟାଳୟ:ପାଠ ପଢ଼ିବାକୁ ବାଜି ଲାଗିଛି ଜୀବନ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**





ପାଠ ପଢ଼ିବାକୁ ବାଜି ଲାଗିଛି ଜୀବନ । ମାସେ କି ଦୁଇ ମାସ ନୁହେଁ, ଦୁଇବର୍ଷ ଧରି ପିଲାମାନେ ଭଙ୍ଗାଦଦରା କୋଠାରେ ପାଠ ପଢୁଛନ୍ତି । ଗୋଟିଏ ଶ୍ରେଣୀରେ ଗୃହରେ ତିନି ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଛି । ଫଳରେ ଶିକ୍ଷକମାନଙ୍କୁ ପାଠ ପଢ଼ାଇବାକୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପ୍ରଥମ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଥିଲେ, ଅନ୍ୟ ଶ୍ରେଣୀ ପିଲାମାନେ ଚୁପ୍ ହୋଇ ବସି ରହୁଛନ୍ତି । କେତେବେଳେ ଛାତର ସ୍ଲାବ୍ ଖସୁଛି ତ ଅନ୍ୟ କେତେବେଳେ ଅସରାଏ ବର୍ଷା ହେଲେ ଛାତରୁ ପାଣି ଗଳୁଛି । ସୌଭାଗ୍ୟବଶତଃ ଆଜି ପର୍ଯ୍ୟନ୍ତ କାହାରି କିଛି କ୍ଷୟକ୍ଷତି ହୋଇନି । ହେଲେ ବିଦ୍ୟାଳୟର ଛାତ, ପାଚେରୀ ଯେମିତି ବିପଦସଙ୍କୁଳ ସ୍ଥିତିରେ ରହିଛି, କୌଣସି ମୁହୂର୍ତ୍ତରେ କିଛି ଅଘଟଣ ଘଟିବାପାରେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଅଭିଭାବକମାନେ ଥରେ ନୁହେଁ ଏକାଧିକବାର ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗକୁ ଅବଗତ କରାଇଥିଲେ ହେଁ କିଛି ସୁଫଳ ମିଳିନି । ଯାହାକୁ ନେଇ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମ୍ ଆଦ୍‌ମୀ ପାର୍ଟିର ବିନୟ ତିୱାରୀଙ୍କ ନେତୃତ୍ୱରେ ପିଲାମାନଙ୍କ ଅଭିଭାବକ ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ । ସପ୍ତାହ ମଧ୍ୟରେ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ନକଲେ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ଚେତାବନୀ ଦେଇଥିଲେ । ଲୁଙ୍ଗେଇ ସରପଞ୍ଚ ଆପି ଟପ୍ପୋ, ଆପ୍‌ର ବଣାଇ ବିଧାନସଭା ଅଧ୍ୟକ୍ଷ ଯୋଗେନ୍ଦ୍ର ପାଲ ତିର୍କି, ପୁନମ୍ କଇଥା, ଟିକେଶ୍ୱର ଜେନା, ଛୋଟୁ ବଡ଼ାଇକ ପ୍ରମୁଖ ଶିକ୍ଷା ବିଭାଗର ଏଭଳି ଖାମଖିଆଲି ମନୋଭାବକୁ ଦୃଢ଼ ନିନ୍ଦା କରିଛନ୍ତି । ଜାତୀୟ ରାଜପଥ ପାର୍ଶ୍ୱରେ ଏହି ବିଦ୍ୟାଳୟ ରହିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୫ ପିଲା ଅଧ୍ୟୟନ କରୁଛନ୍ତି । ପ୍ରଧାନଶିକ୍ଷକ ସମେତ ମୋଟ୍ ୬ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ବିଦ୍ୟାଳୟ ଓ ପାଚେରୀର କିଛି ଅଂଶ ଭଙ୍ଗା ଯାଇଥିଲା । ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କ୍ଷତିପୂରଣ ବାବଦରେ ପ୍ରାୟ ୪୦ ଲକ୍ଷ ଟଙ୍କା ଶିକ୍ଷା ବିଭାଗକୁ ଦେଇଥିଲେ । କ୍ଷତିପୂରଣ ମିଳିବା ପରେ ମଧ୍ୟ ମରାମତି କାମ ନହୋଇ ସେମିତି ଛାଡ଼ି ଦିଆଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ କବିତା ଦାସ କହିଛନ୍ତି, ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ବିଦ୍ୟାଳୟ ନିର୍ମାଣ ନହେବା ପର୍ଯ୍ୟନ୍ତ ସ୍ଥାନୀୟ ଘରୋଇ ବିଦ୍ୟାଳୟରେ ପିଲାମାନେ ପାଠ ପଢ଼ିବେ ବୋଲି ଶିକ୍ଷାଧିକାରୀ କହିଛନ୍ତି ।

# ୫ ଛଉ ନୃତ୍ୟଶିଳ୍ପୀ ଓ ବାଦ୍ୟକାରଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ଛଉ ଇତିହାସରେ ପ୍ରଥମ ଥର ପାଇଁ ଏକ କାଳୀନ ପାଞ୍ଚ ଜଣ ନୃତ୍ୟଶିଳ୍ପୀ ଓ ବାଦ୍ୟକାରଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଛି । ସେମାନେ ହେଲେ ଗୁରୁ ବିଘ୍ନରାଜ ଧଡା, ଗୁରୁ ବିରଞ୍ଚି ମହାନ୍ତ, ସଚିନା ଧଡ଼ା, ସୁଶାନ୍ତ ବେହେରା, ଶିବ ଚରଣ ମହାନ୍ତ । ଯାହାକି ଅତ୍ୟନ୍ତ ଉତ୍ସାହ ଜନକ ଅଟେ । ଏହା ବର୍ତ୍ତମାନ ତଥା ଆଗାମୀ ପିଢ଼ିକୁ ବିରଳ ଏହି କଳାର ସାଧନା କରିବା ପାଇଁ ପ୍ରେରିତ କରିବ । ୨୦୧୬ ମସିହାରେ ସ୍ଥାପିତ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ବିଗତ ୯ ବର୍ଷ ଧରି ଛଉ ନୃତ୍ୟର ସଂରକ୍ଷଣ, ପୁନରୁଦ୍ଧାର ଏବଂ ଏଥିରେ ସଂପୃକ୍ତ ନୃତ୍ୟ ଓ ସଙ୍ଗୀତ ଗୁରୁ, ନୃତ୍ୟଶିଳ୍ପୀ ଏବଂ ବାଦ୍ୟକାର୍ ମାନଙ୍କର ସାମାଜିକ ପ୍ରତିଷ୍ଠା ଓ ଆର୍ଥିକ ବିକାଶ ଦିଗରେ ସଂଗ୍ରାମ ଜାରୀ ରହିଛି । ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ।

# ଡିସେମ୍ବର ୯ରୁ ସୁବର୍ଣ୍ଣପୁର ଜିଲ୍ଲାରେ ଖୋଲିବ ଧାନମଣ୍ଡି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ଡିସେମ୍ବର ମାସ ୯ ତାରିଖରୁ ମଣ୍ଡି ଖୋଲିବା ସହ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାରେ ମୋଟ୍ ୭୧ଟି ପ୍ୟାକ୍ସ ଏବଂ ୩୦ ଗୋଟି ଏସ୍‌ଏଚ୍‌ଜି ମାଧ୍ୟମରେ ଧାନ କିଣା ହେବାକୁ ଥିବାବେଳେ ୫୪ ଜଣ ମିଲରଙ୍କ ସହଯୋଗରେ ଏହା ସମ୍ପାଦିତ ହେବ ବୋଲି ସ୍ଥିର ହୋଇଛି ଓ ମଣ୍ଡିର ସୁପରିଚାଳନା ସହ ଧାନ ସଂଗ୍ରହ ବେଳେ କିଭଳି ଚାଷୀ ଅସୁବିଧାର ସମ୍ମୁଖୀନ ନହେବେ ସେ ନେଇ ବିଶଦ ଆଲୋଚନା କରାଯାଇଛି । ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୁଷ୍ଟି, ସୋନପୁର ବିଧାୟକଙ୍କ ପ୍ରତିନିଧି ମଧୁସୂଦନ ଓତା, ମିତ୍ରବ୍ରତ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ ଜିଲ୍ଲା ସ୍ତରୀୟ ଅଧିକାରୀ, ରାଇସ୍ ମିଲ୍ ସଂଘ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନେଇ ଧାର୍ଯ୍ୟ ଲକ୍ଷ୍ୟ, ସମବାୟ ସମିତି ସମୂହ ପକ୍ଷରୁ ପ୍ରସ୍ତୁତି ସମ୍ପର୍କରେ ସମସ୍ତ ସୂଚନା ଦେଇଥିଲେ । ଗତବର୍ଷ ତୁଳନାରେ ଚଳିତ ବର୍ଷ ପଞ୍ଜିକୃତ ଏବଂ ଯାଞ୍ଚ ପରେ ସ୍ଥିର ହୋଇଥିବା ଯୋଗାଣ ବିଭାଗର ସୂଚନା ମୁତାବକ, ଗତବର୍ଷ ଜିଲ୍ଲାରେ ମୋଟ୍ ୬୮ ହଜାର ୬୩୨ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ବେଳେ ଚାଷୀଙ୍କ ଠାରୁ ମୋଟ୍ (୬୩,୫୪,୯୯୨.୯୮) ୬୩ ଲକ୍ଷ ୫୪ ହଜାର ୯୯୨.୯୮ କ୍ୱିଣ୍ଟାଲ୍ ଧାନ କିଣାଯାଇଥିଲା । ଚଳିତ ବର୍ଷ ୭୧ ହଜାର ୫୭୮ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୬୮ ହଜାର ୬୩୨ ଜଣ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସ୍ଥିର ହୋଇଛି । ଚଳିତବର୍ଷ ଜିଲ୍ଲାର ଧାର୍ଯ୍ୟ ଲକ୍ଷ୍ୟ ପ୍ରଥମ ପର୍ଯ୍ୟାୟରେ ୨୨ ଲକ୍ଷ ୩୨ ହଜାର କ୍ୱିଣ୍ଟାଲ୍ ରହିଛି । ଏହି ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ସ୍ପଷ୍ଟୀକରଣ ରଖି ଏହା ପ୍ରଥମ ପର୍ଯ୍ୟାୟର ଧାର୍ଯ୍ୟ ଲକ୍ଷ୍ୟ (ଟାର୍ଗେଟ୍) ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଆବଶ୍ୟକ ମୁତାବକ ବୃଦ୍ଧି କରାଯିବ ବୋଲି ପ୍ରକାଶ କରିଥିଲେ । ସାଂସଦ ଶିଘ୍ର ମଣ୍ଡି ଆରମ୍ଭ ସହ କିପରି ଚାଷୀ ହଇରାଣ ନହୋଇ ସୁରୁଖୁରୁରେ ଧାନ କିଣା ହେବ ସେ ନେଇ ସମସ୍ତ ଅଧିକାରୀଙ୍କୁ ସଚେତନ କରିଥିଲେ । ଏହି ବୈଠକରେ ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ ଓ କମିଟିର ଅନ୍ୟାନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଦୟା ୱେଷ୍ଟ କେନାଲ୍ ବନ୍ଧ ଖୋଳିଦେଲେ:ଭରସା ସାଜିଛି ବାଉଁଶବାଡ଼ା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଦୟା ୱେଷ୍ଟ୍ କେନାଲ୍ ବନ୍ଧ ଯାଆସର ଏକ ପ୍ରମୁଖ ରାସ୍ତା । ଦୈନିକ ଏହି ରାସ୍ତା ଦେଇ ଶହଶହ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଚଳାଚଳ କରୁଛି । ବଡ଼ ବଡ଼ ମାଲବାହୀ ଗାଡ଼ି ବି ଯା'ଆସ କରୁଛି । ଲକ୍ଷାଧିକ ଲୋକ ଏହା ଉପରେ ନିର୍ଭରଶୀଳ । ବଡ଼ଗଡ଼ ଠାରୁ ଆରମ୍ଭ କରି ଲକ୍ଷ୍ମୀସାଗର, ବମିଖାଲ, କେଶୁରା, ପଳାଶୁଣି ପର୍ଯ୍ୟନ୍ତ ଯେଉଁ ସବୁ ୱାର୍ଡ ରହିଛି, ସବୁ ୱାର୍ଡର ଲୋକେ ଏହି ବାଟ ଦେଇ ଯାଆସ କରନ୍ତି । କିନ୍ତୁ ବଡ଼ଗଡ଼ ଛକ ନିକଟରେ କଲଭର୍ଟ ନିର୍ମାଣ ଆଳରେ ଏହାକୁ ଖୋଳି ଦିଆଯାଇଥିବାରୁ ପ୍ରତିଦିନ ଲୋକେ ଦହଗଞ୍ଜ ହେଉଛନ୍ତି । ପ୍ରାୟ ୫ ମାସ ହେଲାଣି ଭଗ୍ନ ଓ ଅର୍ଦ୍ଧନିର୍ମିତ ଅବସ୍ଥାରେ ଏହି କେନାଲ୍ ବନ୍ଧକୁ ଛାଡ଼ି ଦିଆଯାଇଛି । ଗାଡ଼ିଚାଳକଙ୍କ ପାଇଁ ବାଉଁଶବାଡ଼ା ଭରସା ସାଜିଛି । ଫଳସ୍ୱରୂପ



ଯେକୌଣସି ମୁହୂର୍ତ୍ତରେ ବି ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି । ସେପଟେ ନିର୍ମାଣ ଆଳରେ ଏହି ଚଉଡ଼ା ରାସ୍ତାକୁ ସଂକୁଚିତ କରି ଦିଆଯାଇଥିବାରୁ ପ୍ରତିଦିନ ଏଠାରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି । ରାସ୍ତା ଚଉଡ଼ା ମାତ୍ର ୬ରୁ ୭ ଫୁଟ୍ ଥିବାରୁ ଗୋଟିଏ ଚାରିଚକିଆ ଗାଡ଼ି ପଶିଲେ, ଅନ୍ୟ ଗାଡ଼ି ରାସ୍ତାରେ ଯାଇପାରୁନି । ତଥାପି ଭୁବନେଶ୍ୱର ମହାନଗର ନିଗମ ଡ୍ରେନେଜ୍ ବିଭାଗର ନିଦ ଭାଙ୍ଗୁନି । ନିର୍ମାଣ ପାଇଁ ରାସ୍ତାକୁ ତାଡ଼ି ଦେଇ ଚୁପ୍ ହୋଇ ବସିପଡ଼ିଛନ୍ତି । ସେପଟେ ୫ ମାସ ହେଲାଣି ଲୋକେ ଏହି ରାସ୍ତା ପାଇଁ ଯନ୍ତ୍ରଣା ଭୋଗୁଥିବା ବେଳେ ସିଟି ଇଞ୍ଜିନିୟର ଏହି ଅସୁବିଧା ସମ୍ପର୍କରେ ଜାଣିନଥିବା କହିଛନ୍ତି । ଦୟା ୱେଷ୍ଟ କେନାଲ୍‌ର ଦୁଇପାର୍ଶ୍ୱରେ ଥିବା ରାସ୍ତାରେ ଲୋକେ ଯାଆସ କରୁଛନ୍ତି । ଦୁଇପାର୍ଶ୍ୱରେ ବି ଜନବସତି ଗଢ଼ିଉଠିଛି । ଏଣୁ ଗୋଟିଏ ପାର୍ଶ୍ୱ ରାସ୍ତାରୁ ଅପରପାର୍ଶ୍ୱ ରାସ୍ତାକୁ ଯିବାକୁ ମଝିରେ ମଝିରେ ଛୋଟ ଛୋଟ କଲଭର୍ଟ କରାଯାଇଛି । ବଡ଼ଗଡ଼ ଛକ ଠାରୁ ପ୍ରାୟ ୫୦ ମିଟର ଦୂରରେ ଦୟାର ଆବର୍ଜନା ପାଣି ନିଷ୍କାସନ୍ ପାଇଁ ଏକ କଲଭର୍ଟ ତଥା ପୋଲ କରାଯାଇଥିଲା । କିନ୍ତୁ ଚଳିତବର୍ଷ ବର୍ଷା ଋତୁ ଓ ଏହା ପୂର୍ବରୁ ଏକାଧିକ ଥର ଏହି କଲଭର୍ଟ ଦବିବାରୁ ଏହାକୁ ଭାଙ୍ଗି ଭୁବନେଶ୍ୱର ମହାନଗର ନିଗମ ଡ୍ରେନେଜ୍ ବିଭାଗ ନୂଆ କଲଭର୍ଟ ନିର୍ମାଣ କରୁଛି । ଏଣୁ ପୂର୍ବର ରାସ୍ତାକୁ ସମ୍ପୂର୍ଣ୍ଣ ତାଡ଼ି ଦିଆଯାଇଛି । ପ୍ରତି ବଦଳରେ ଅସ୍ଥାୟୀ ଭାବେ ଗୋଡ଼ି ଓ ଡଷ୍ଟ ପକାଇ ଏକ ରାସ୍ତା କରାଯାଇଛି । ଆଉ ଅଘଟଣକୁ ରୋକିବାକୁ ରାସ୍ତା ଦୁଇପାର୍ଶ୍ୱରେ ବାଉଁଶବାଡ଼ା ବନ୍ଧାଯାଇଛି । ସାମାନ୍ୟ ଅନ୍ୟମନସ୍କ ହେଲେ ବାଉଁଶବାଡ଼ା ଚାଳକଙ୍କ ଦେହରେ ବାଜି ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ଚାଳକମାନେ ବି ନାଳରେ ପଡ଼ିଯିବାର ଭୟ ରହିଛି । ଏ ସମ୍ପର୍କରେ ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ କହିଛନ୍ତି, ଏ ସମ୍ପର୍କରେ ମୁଁ ଜାଣିନି । ଡ୍ରେନେଜ୍ ବିଭାଗ ଏହା କରୁଥିବା ଏ ନେଇ ମୁଁ ଆଲୋଚନା କରିବି ଓ ସ୍ଥିତି ଅନୁଧ୍ୟାନ କରିବି । କିନ୍ତୁ ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ଏ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଡିସେମ୍ବର, ସୋମବାର, ୨୦୨୫


# ବାରବାଟୀ ଟି୨୦ ମ୍ୟାଚ୍‌ର ପ୍ରଥମ ଟିକେଟ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କଲା ଓସିଏ




**ପୁରୀ**

ଆଗାମୀ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଟି୨୦ ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ରବିବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ପ୍ରଥମ ଟିକେଟ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରାଯାଇଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା ରବିବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଭକ୍ତି ଓ ସମ୍ମାନର ସହ ମ୍ୟାଚ୍‌ର ପ୍ରଥମ ଟିକେଟ୍ ଭେଟି ଦେଇଛନ୍ତି ।

ଆସନ୍ତା ଡିସେମ୍ବର ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଏହି ଆନ୍ତର୍ଜାତିକ ମ୍ୟାଚ୍‌ର ସୁରୁଖୁରୁ ଓ ସଫଳ ଆୟୋଜନ ପାଇଁ ସେ ପ୍ରଭୁ ଜଗନ୍ନାଥଙ୍କର ଦିବ୍ୟ ଆଶୀର୍ବାଦ କାମନା କରିଛନ୍ତି । ବେହେରା ମହାପ୍ରଭୁଙ୍କ ଶ୍ରୀଚରଣରେ ଏହି ଟିକେଟ୍‌କୁ ଏକ ସାଙ୍କେତିକ ନିମନ୍ତ୍ରଣ ଭାବରେ ସମର୍ପଣ କରିଛନ୍ତି । ଏହି ସ୍ୱତନ୍ତ୍ର ଅବସରରେ ପୁରୀ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସମ୍ପାଦକ ରବିଶଙ୍କର ପ୍ରତିହାରୀ ଏବଂ ଓସିଏ ସଦସ୍ୟ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକାକୁ ୧୭ ରନ୍‌ରେ ହରାଇଲା ଭାରତ

**ରାଞ୍ଚି**

ରାଞ୍ଚିରେ ଖେଳା ଯାଇଥିବା ରୋମାଞ୍ଚକର ପ୍ରଥମ ଦିନିକିଆକୁ ଜିତି ନେଇଛି ଭାରତ । ବିରାଟ କୋହଲିଙ୍କ ଶତକ ଓ ରୋହିତଙ୍କ ଅର୍ଦ୍ଧଶତକ ପରେ ବୋଲରଙ୍କ ମିଳିତ ପ୍ରୟାସରେ ପ୍ରଥମ ଦିନିକିଆରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୧୭ ରନରେ ହରାଇଛି । ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି । ଭାରତ ଦ୍ୱାରା ଧାର୍ଯ୍ୟ ୩୫୦ ରନର ବିଜୟ ଲକ୍ଷ୍ୟ ପିଛା କରି ଦକ୍ଷିଣ ଆଫ୍ରିକା ୩୩୨ ରନ କରି ପାରିଛି । ମାଥ୍ୟୁ ବ୍ରିଟଜକେ ୭୨ ରନ ଓ ମାର୍କୋ ଜନସେନ ବିସ୍ଫୋରକ ୭୦ ରନ କରିଥିଲେ । ବୋଲିଂରେ କୁଲଦୀପ ଯାଦବ ୪ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି । ଏହା ପୂର୍ବରୁ ଭାରତ ବିରାଟ କୋହଲିଙ୍କ ୧୩୫ ରନ, ରୋହିତଙ୍କ ୫୭ ରନ ଓ କେଏଲ ରାହୁଲଙ୍କ ୬୦ ରନ ବଳରେ ୮ ୱିକେଟ୍ ହରାଇ ୩୪୯ ରନ କରିଥିଲା । ସିରିଜର ଦ୍ୱିତୀୟ ଦିନିକିଆ ଡିସେମ୍ବର ୩ରେ ରାୟପୁରରେ ଖେଳାଯିବ । ୩୫୦ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା



ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । ଦଳ ୧୧ ରନରେ ୩ ୱିକେଟ୍ ହରାଇଥିଲା । ଇନିଂସର ଦ୍ୱିତୀୟ ଓଭରରେ ହର୍ଷିତ ରାଣା ରିୟାନ ରିକଲଟନ ଓ କ୍ୱିଣ୍ଟନ ଡିକକଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ । ଅଧିନାୟକ ଆଡନ ମାରକ୍ରମ (୭)ଙ୍କ ଆଉଟ୍ କରିଥିଲେ ଅର୍ଶଦୀପ ସିଂ । ଏହା ପରେ ମାଥ୍ୟୁ ବ୍ରିଟଜକେ ଓ ଟୋନି ଡି ଜୋର୍ଜି ଦଳକୁ ମୁସ୍କିଲ ସ୍ଥିତିରୁ ବାହାର କରିବାକୁ ଚେଷ୍ଟା କରିଥିଲେ । ଉଭୟ ଚତୁର୍ଥ ୱିକେଟ୍ ପାଇଁ ୬୬ ରନ କରିଥିଲେ । ଜୋର୍ଜି ୩୯ ରନ କରି କୁଲଦୀପଙ୍କ ବଲରେ ଆଉଟ୍ ହୋଇଥିଲେ । ପୁଣି ବ୍ରିଟଜକେ ଓ ଡିୱାଲ୍ଡ ବ୍ରେଭିସ ପଞ୍ଚମ ୱିକେଟରେ ୫୩ ରନ ଯୋଡ଼ିଥିଲେ । ବ୍ରେଭିସ ୨୮ ବଲରୁ ୩୭ ରନ କରି ହର୍ଷିତଙ୍କ ତୃତୀୟ ଶିକାର ହୋଇଥିଲେ । ୧୩୦ ରନରେ ୫ ୱିକେଟ୍ ହରାଇବା ପରେ ଲାଗୁଥିଲା ଦକ୍ଷିଣ ଆଫ୍ରିକା ଇନିଂସ ଶୀଘ୍ର ସରିବ । କିନ୍ତୁ ମ୍ୟାଟଜକେ ଓ ମାର୍କୋ ଜନସେନ ପାଲଟା ଆକ୍ରମଣ କରିଥିଲେ । ଦୁହେଁ ୯୭ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ମ୍ୟାଚ୍‌ର ପ୍ରତ୍ୟାବର୍ତ୍ତନ କରାଇଥିଲେ । ଦୁଇ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ । ଏହି ଯୋଡ଼ି ଟିମ୍ ଇଣ୍ଡିଆ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲେ । ତେବେ ୩୪ତମ ଓଭରରେ କୁଲଦୀପ ଯାଦବ ଭାରତକୁ ଆଶ୍ୱସ୍ତି ଦେଇଥିଲେ । ଜନସେନ ଓ ବ୍ରିଟଜକେ ଉଭୟ କୁଲଦୀପଙ୍କ ଶିକାର ହୋଇଥିଲେ । ଜନସେନ ମାତ୍ର ୩୯ ବଲରୁ ୮ ଚୌକା ଓ ୩ ଛକା ସହ ୭୦ ରନ କରିଥିଲେ । ବ୍ରିଟଜକେ ୭୨ ରନର ଇନିଂସ ଖେଳିଥିଲେ । ତଥାପି କୋର୍ବିନ ବୋଶ ନିଜ ଦଳକୁ ହାର ମାନିବାକୁ ଦେଇ ନ ଥିଲେ । ସେ ଶେଷପର୍ଯ୍ୟନ୍ତ ଲଢ଼େଇ ଜାରି ରଖି ଅର୍ଦ୍ଧଶତକ ହାସଲ କରିଥିଲେ । ହେଲେ ଶେଷ ଓଭରରେ ପ୍ରସିଦ୍ଧ କୃଷ୍ଣାଙ୍କ ବଲରେ କୋର୍ବିନ ବୋଶ ୬୭ଟି ରନ୍ କରି ରୋହିତଙ୍କ ହାତକୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ । ସଂଘର୍ଷ କରିବା ପରେ ଦକ୍ଷିଣ ଆଫ୍ରିକା ୩୩୨ ରନ କରିପାରିଥିଲା । ଫଳରେ ଭାରତ ଏହି ମ୍ୟାଚ୍‌କୁ ୧୭ ରନରେ ଜିତି ନେଇଛି । ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୱିକେଟ୍ ନେଇଥିଲେ । ସେ ୧୦ ଓଭର ବୋଲିଂ କରି ୬୮ ରନ୍ ଦେଇ ୪ ୱିକେଟ ହାସଲ କରିଥିଲେ । ସେହିପରି ତାଙ୍କ ପଛକୁ ୧୦ ଓଭର ବୋଲିଂ କରିବା ୬୫ ରନ୍ ଦେବା ସହିତ ୩ଟି ୱିକେଟ୍ ନେଇଥିଲେ । ଅର୍ଶଦୀପ ସିଂହ ଦୁଇଟି ୱିକେଟ୍ ନେଇଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ଶେଷ ଓଭର ବୋଲିଂ ଗୁରୁତ୍ୱପୂର୍ଣ୍ଣ କୋର୍ବିନ ବୋଶଙ୍କ ୱିକେଟ୍ ନେଇଥିଲେ । ହେଲେ ୱାଶିଂଟନ ସୁନ୍ଦର, ଓ ରବିନ୍ଦ୍ର ଜାଡ଼େଜାଙ୍କୁ କୌଣସି ସଫଳତା ମିଳି ନଥିଲା ।

## ବାରବାଟୀରେ ଟି-୨୦ ମ୍ୟାଚ୍ ପାଇଁ ଡିସେମ୍ବର ୧ରୁ ଅନଲାଇନ ଟିକେଟ ଆରମ୍ଭ

**କଟକ**

ଆସନ୍ତା ଡିସେମ୍ବର ୯ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨୦୨୫ ଟି୨୦ ଅନ୍ତର୍ଜାତୀୟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ । ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସୁରକ୍ଷା ଏବଂ ଶୃଙ୍ଖଳାକୁ ନଜରରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଛି । ତେବେ ଦର୍ଶକଙ୍କ ପାଇଁ ଡିସେମ୍ବର ୧ ତାରଖରୁ ଅନଲାଇନରେ ଟିକେଟ ଉପଲବ୍ଧ ହେବ । ପୂର୍ବ ମ୍ୟାଚ୍‌ରେ ଅନଲାଇନ୍‌ରେ ୪୦୦୦ ଟିକେଟ ଉପଲବ୍ଧ ଥିବା ବେଳେ ଏଥର ଅନଲାଇନରେ ୨୦୦୦ ଟିକେଟ ରହିଛି । District by Zomato ଆପ୍ରେ ଉପଲବ୍ଧ ହେବ ଅନଲାଇନ ଟିକେଟ । ଯେଉଁମାନେ ଅନଲାଇନରେ ଟିକେଟ କିଣିବେ ସେମାନଙ୍କୁ ଆସନ୍ତା ଡିସେମ୍ବର ୮ ଓ ୯ ତାରିଖରେ କ୍ୟାମ୍ବ୍ରିଜ୍ ସ୍କୁଲରୁ ବାରବାଟି ଏଣ୍ଟ୍ରି ଟିକେଟ ମିଳିବ । ପୂର୍ବରୁ ପ୍ରତ୍ୟେକ ସିଟର ବ୍ୟବଧାନ ଥିଲା ୧୯ ଇଞ୍ଚ, ଏବେ ଏହା ୨୨ ଇଞ୍ଚ ହେଇଛି । ତେବେ ଗ୍ୟାଲେରୀ ନଂ ୧ ଓ ୩ର ଟିକେଟ ମୂଲ୍ୟ ୧୧୦୦ ଟଙ୍କା ରଖାଯାଇ ଥିବା ବେଳେ ଗ୍ୟାଲେରୀ ନଂ ୨ ଓ ୪ ପାଇଁ ୯୦୦ ଟଙ୍କା, ଗ୍ୟାଲେରୀ ନଂ ୫ ପାଇଁ ୧୨୦୦ ଟଙ୍କା, ଗ୍ୟାଲେରୀ ନଂ ୭ ପାଇଁ ୭୦୦୦, ସ୍ପେଶିଆଲ ଏନକ୍ଲୋଜର ପାଇଁ ୬୦୦୦ ଟଙ୍କା, ଏସି ବକ୍ସ ପାଇଁ ୮୦୦୦ ଟଙ୍କା, ନ୍ୟୁ ପ୍ୟାଭିଲନ ପାଇଁ ୧୦,୦୦୦ ଟଙ୍କା, କର୍ପୋରେଟ ବକ୍ସ ପାଇଁ ୨୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ସୂଚନା ଦେଇଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା ।

## ଫ୍ରେଣ୍ଡସିପ୍ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଟିମ୍ ଅଫ ଲାଇନ ସ୍କ୍ୱାଡ୍ ଚାମ୍ପିଅନ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ ଠାରେ ବାର୍ ଓଭର ବିଶିଷ୍ଟ ଫ୍ରେଣ୍ଡସିପ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ ଏହାର ଶୁଭାରମ୍ଭ କରିଥିଲେ । ଯୁବ ଉଦ୍ୟୋଗପତି ଅସ୍ମିତ କୁମାର ପଣ୍ଡା, ଯୁବ ଚର୍ଚ୍ଚିତ ଚେହେରା ତଥା ସଫଳ ବେପାରୀ ଟୋନି ପଣ୍ଡା ଏବଂ ଯୁବ ସାମାଜିକ କର୍ମୀ ମନୋଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଟିମ୍ ଅଫଲାଇନ ଓ ଟିମ୍ ଅନଲାଇନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିମ୍ ଅଫଲାଇନ କ୍ୟାପଟେନ ଚିରଞ୍ଜୀବ ବୈଠାରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ । ଟିମ୍ ଅଫଲାଇନ ୬ ୱିକେଟ ହରାଇ ୧୧୫ ରନ



କରିଥିଲା । ଜବାବରେ ଟିମ୍ ଅନଲାଇନ ସମସ୍ତ ୱିକେଟ ହରାଇ ମାତ୍ର ୮୫ ରନ କରି ଟିମ୍ ଅନଲାଇନ କ୍ୟାପଟେନ ବିଶ୍ୱନାଥ ପାଢ଼ୀଙ୍କ ଦଳ ଶୋଚନୀୟ ପରାଜୟ ବରଣ କରିଥିଲା । ଟିମ୍ ଅଫଲାଇନର ଅଭିଷେକ ପରିଡ଼ା ମାତ୍ର ୨୧ ବଲରେ ୫୨ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଟିମ୍ ଅଫଲାଇନ ବୋଲର ସନ୍ତୋଷ ମହାରଣା ଏବଂ ପପିନା ସାହୁଙ୍କ ଘାତକ ବୋଲିଂରେ ଟିମ୍ ଅନଲାଇନ ଖେଳାଳିଙ୍କୁ ଧରାଶାୟୀ କରିଥିଲା । ଉଭୟ ବୋଲର ନିଜ ତିନି ଓଭର ସ୍ପେଲରେ ୩୦ରୁ କମ୍ ରନ ଦେଇଥିଲେ । ଶିବ ପ୍ରସାଦ ବୈଠାରୁ ଏବଂ ଭିକି ପାଳ ମ୍ୟାଚ୍ ପରିଚାଳନା କରିଥିଲେ । ଟିମ୍ ଅନଲାଇନ ଖେଳାଳି ଶିବ ପ୍ରସାଦ ସ୍ୱାଇଁଙ୍କୁ ବେଷ୍ଟ ଫିଲ୍ଡର ବିବେଚିତ କରାଯାଇଥିଲା । ଅଫଲାଇନ ଟିମ୍‌ରେ ସିଲୁ, କାହ୍ନା, ସଞ୍ଜି, ସାହିଲ, ବିଲୁ, ତାପସ, ଗଙ୍ଗା, ପାପୁନ ପ୍ରମୁଖ ଥିବା ବେଳେ ଟିମ୍ ଅନଲାଇନ୍‌ରେ ଚିନୁ, ଅନୁ, ଦୁର୍ଦ୍ଧର୍ଷ ବ୍ୟାଟ୍ସ ମେନ ସୋମୁ, ରାହୁଲ, ଧିରେନ, ଅମରେଶ ପ୍ରମୁଖ ଖେଳି ଥିଲେ । ମିଲୁ ଦାସ, ଆଶୁତୋଷ ଆଚାର୍ଯ୍ୟ, ବିଭୁତି ପଲାଇ, ସାନୁ ମହାପାତ୍ର, ଟୁଙ୍କୁ, ବିଜୁ, ମୁନା ପ୍ରମୁଖ ଖେଳ ପରିଚାଳନା ଓ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ସୁଧୀର କୁମାର ପାଢ଼ୀ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଆଖପାଖ ଅଞ୍ଚଳର ପ୍ରାୟ ବହୁ ଦର୍ଶକ ମିନି ଷ୍ଟାଡିଅମରେ ଭିଡ଼ ଜମାଇଥିଲେ । ମ୍ୟାଚ୍ ରୋମାଞ୍ଚକର ହୋଇଥିଲା ।

# ଦିନିକିଆରେ ସର୍ବାଧିକ ଛକା ମାରି 'ସିକ୍ସର କିଙ୍ଗ' ପାଲଟିଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ଏବଂ ଷ୍ଟାର ବ୍ୟାଟର ରୋହିତ ଶର୍ମାଙ୍କ ଆଉ ଏକ ଐତିହାସିକ ସଫଳତା । ରାଞ୍ଚିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଦିନିକିଆରେ ଶାହିଦ ଆଫ୍ରିଦିଙ୍କ ରେକର୍ଡ ଭାଙ୍ଗି ଏକଦିବସୀୟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହୋଇଛନ୍ତି ହିଟ୍‌ମ୍ୟାନ୍ । ରୋହିତ ଏବେ ଏକଦିବସୀୟ କ୍ରିକେଟର ହୋଇଛନ୍ତି 'ସିକ୍ସର କିଙ୍ଗ' । ତାଙ୍କର ଏହି ସଫଳତା ଭାରତର ଇନିଂସକୁ ଆହୁରି ମଜବୁତ କରିଛି ଏବଂ ସାରା ବିଶ୍ୱରେ କ୍ରିକେଟ୍ ପ୍ରଶଂସକ ପୁଣି ଥରେ ତାଙ୍କର ଶକ୍ତିଶାଳୀ ଫର୍ମର ଝଲକ୍ ଦେଖିବାକୁ ପାଇଛନ୍ତି ।

ଆଫ୍ରିଦିଙ୍କ ଦୀର୍ଘ ବର୍ଷର ରେକର୍ଡ ଭାଙ୍ଗିଛନ୍ତି ହିଟମ୍ୟାନ୍ । ରୋହିତ ଏବେ ୱାନଡେରେ ମୋଟ ୩୫୨ଟି ଛକା ମାରିଛନ୍ତି । ସେ ୨୭୭ଟି ମ୍ୟାଚ୍ ଏବଂ ୨୬୯ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି । ପୂର୍ବରୁ




ଆଫ୍ରିଦି ୩୯୮ଟି ମ୍ୟାଚ୍‌ରେ ୩୫୧ଟି ଛକା ମାରି ଦୀର୍ଘ ସମୟ ଧରି ଶୀର୍ଷ ସ୍ଥାନ ଅଧିକାର କରିଥିଲେ । ରୋହିତ ପ୍ରାୟ ଦଶ ବର୍ଷ ଧରି ରହିଥିବା ଏହି ରେକର୍ଡକୁ ପଛରେ ପକାଇ ଦିନିକିଆରେ ସର୍ବାଧିକ ଛକା ମାରିବା ବ୍ୟାଟର ହୋଇଛନ୍ତି ।

ୱାନଡେ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର

୩୫୨- ରୋହିତ ଶର୍ମା, ଭାରତ । ୩୫୧-ଶାହଦି ଆଫ୍ରିଦି, ପାକିସ୍ତାନ । ୩୩୧- କ୍ରିସ୍ ଗେଲ୍, ୱେଷ୍ଟଇଣ୍ଡିଜ୍ । ୨୭୦-ସନଥ୍ ଜୟସୂର୍ଯ୍ୟା, ଶ୍ରୀଲଙ୍କା । ୨୨୯-ଏମ୍‌ଏସ୍ ଧୋନୀ, ଭାରତ ।

ରୋହିତ ଏହି ମ୍ୟାଚ୍‌ରେ ୫ଟି ଚୌକା ଏବଂ ୩ଟି ଛକା ମାରି ୫୧ ବଲ୍‌ରେ ୫୭ ରନ୍ କରିଛନ୍ତି । ରୋହିତ ଏବଂ ବିରାଟ କୋହଲିଙ୍କ ଭିତରେ ଦ୍ୱିତୀୟ ୱିକେଟ୍ ପାଇଁ ୧୩୬ ରନ୍‌ର ଦମ୍‌ଦାର ପାର୍ଟନରସିପ୍ ଦେଖିବାକୁ ମିଳିଥିଲା । ରୋହିତଙ୍କୁ ମାର୍କୋ ଜନସନ୍ ଏଲବିଡବ୍ଲ୍ୟୁ ଆଉଟ୍ କରିଥିଲେ । ରୋହିତ ଲଗାତାର ତୃତୀୟ ୱାନଡେ ଇଣ୍ଟରନ୍ୟାସନାଲ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିଛନ୍ତି । ୩୮ ବର୍ଷୀୟ ରୋହିତ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଆଉ ଏକ ଐତିହାସିକ ଉପଲବ୍ଧିର ଖୁବ୍ ନିକଟତର ହୋଇଛନ୍ତି । 'ହିଟମ୍ୟାନ୍ ଦୁନିଆର ପ୍ରଥମ ଏଭଳି ବ୍ୟାଟର ହୋଇପାରନ୍ତି, ଯିଏକି ୬୫୦ ଇଣ୍ଟରନ୍ୟାସନାଲ ଛକା ପୂରଣ କରିପାରନ୍ତି । ବର୍ତ୍ତମାନ ତାଙ୍କ ନାଁରେ ୬୪୫ ଛକା ରହିଛି । ଏହି ରେକର୍ଡ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ତାଙ୍କୁ ମାତ୍ର ୫ଟି ଛକା ଆବଶ୍ୟକତା ରହିଛି । ସବୁଠାରୁ ଖାସ୍ କଥା ଏହା ଯେ, ଦୁନିଆର କୌଣସି ବି ବ୍ୟାଟର ଏପର୍ଯ୍ୟନ୍ତ ୬୦୦ ଛକା ମାରିବାରେ ସଫଳ ହୋଇପାରି ନାହାନ୍ତି । କ୍ରିସ୍ ଗେଲ୍ ଏପର୍ଯ୍ୟନ୍ତ ୫୫୩ ଛକା ମାରିବାରେ ସଫଳ ହୋଇଛନ୍ତି, ଯାହାକି ରୋହିତଙ୍କଠାରୁ ଖୁବ୍ କମ୍ ।

# ଜାତୀୟ ଯୁବ ଉତ୍ସବ-୨୦୨୬ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଯୁବ ଉତ୍ସବ ୨୦୨୬ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତରକୁ ପ୍ରତିଯୋଗୀ ପଠାଇବା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆସନ୍ତା ୦୪.୧୨. ୨୦୨୫ ରିଖ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀ ଉକ୍ତ ଦିନ ସକାଳ ୮ଟାରୁ ୧୦.୦୦ ଘଟିକା ମଧ୍ୟରେ ନିଜର ନାମ ପଞ୍ଜିକରଣ କରାଇ ପାରିବେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଆବଶ୍ୟକୀୟ ବୟସ ୧୫ ରୁ ୨୯ ବର୍ଷ ହୋଇଥିବା ବେଳେ ବ୍ୟକ୍ତିଗତ ତଥା ଦଳଗତ ବର୍ଗରେ ବିଭିନ୍ନ ସାତଗୋଟି ପ୍ରତିଯୋଗିତା ଆୟୋଜିତ କରାଯିବ । ପ୍ରତିଯୋଗିତା ବର୍ଗରେ ଦଳଗତ ଲୋକନୃତ୍ୟ : ୬ ରୁ ୧୦ ଜଣ, ୩ ଜଣ ସହାୟକଙ୍କ ସହ । ସେହିପରି ଦଳଗତ ଲୋକ ସଙ୍ଗୀତ ବର୍ଗରେ ୬ରୁ ୧୦ ଜଣ (୩ ଜଣ ସହାୟକ),



ବ୍ୟକ୍ତିଗତ ବର୍ଗ ଚିତ୍ରକଳାରେ ୧ ଜଣ, ଔପଚାରିକ ବକ୍ତୃତାରେ ୧ ଜଣ (ଓଡ଼ିଆ/ ହିନ୍ଦୀ /ଇଂରାଜୀ ), ପଦ୍ୟ ଲିଖନ ପ୍ରତିଯୋଗିତାରେ ୧ ଜଣ (ଓଡ଼ିଆ/ ହିନ୍ଦୀ / ଇଂରାଜୀ) ନିମନ୍ତେ ଅଂଶ ଗ୍ରହଣ କରିପାରିବେ । ପୁନଶ୍ଚ ଆୟୋଜିତ ବିଜ୍ଞାନ ମେଳା ପ୍ରତିଯୋଗିତା ନିମନ୍ତେ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନ ଉଭୟରୁ ଅଂଶ ଗ୍ରହଣର ସୁଯୋଗ ରହିଥିବା ବେଳେ ଗଳ୍ପ ଲିଖନ ପ୍ରତିଯୋଗିତା ବ୍ୟକ୍ତିଗତ ବର୍ଗ ନିମନ୍ତେ କେବଳ ୧ ଜଣ ପ୍ରତିଯୋଗୀ ଭାଗ ନେଇପାରିବେ । ପ୍ରତିଯୋଗୀ ନିଜର ବୟସ ପ୍ରମାଣ ନିମନ୍ତେ ସାଙ୍ଗରେ ଆଧାର କାର୍ଡ ଆଣିବେ । ଯୋଗ୍ୟ ପ୍ରତିଯୋଗୀ ବାଛିବା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର ଦ୍ୱାରା ଜିଲ୍ଲା ସଂସ୍କୃତି ଭବନ, ସୁବର୍ଣ୍ଣପୁର ଠାରେ ଆୟୋଜନ କରାଯିବ । ଅତ୍ୟଧିକ ବିବରଣୀ ତଥା ଆବଶ୍ୟକ ସୂଚନା ପାଇଁ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ସୁବର୍ଣ୍ଣପୁରକୁ ଯୋଗାଯୋଗ କରିବାକୁ ଜିଲ୍ଲାପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

# କଳିଙ୍ଗ ଷ୍ଟାଡିୟମରେ ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ । ରବିବାର ମହାସମାରୋହରେ ଆରମ୍ଭ ହୋଇଥିବା ଏହି ଇଭେଣ୍ଟ ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍ (ଆଇଏସଏଫ) ଏବଂ ଇଣ୍ଡିଆନ୍ ଗେଟବଲ୍ ୟୁନିଅନ୍ (ଆଇଜିୟୁ)ର ମିଳିତ ଭାବରେ ଆୟୋଜିତ ହୋଇଛି । ଏହି ଇଭେଣ୍ଟ ଭାରତର ଦ୍ରୁତ ଭାବରେ ବୃଦ୍ଧି ପାଉଥିବା କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ । ଉଦ୍‌ଘାଟନ ଉତ୍ସବରେ ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଏବଂ ବିଜେପି ମିଡିଆ ସେଲ୍ ସଭାପତି ସୁଜିତ ଦାସଙ୍କ ସମେତ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ ।



ଏହି ଟୁର୍ଣ୍ଣାମେଣ୍ଟରେ ତାଇୱାନ, ଥାଇଲ୍ୟାଣ୍ଡ, ଜାପାନ ଏବଂ ଇଣ୍ଡୋନେସିଆର ଦଳ ଏବଂ ଅଧିକାରୀମାନଙ୍କ ସହିତ ୧୮ଟି ରାଜ୍ୟରୁ ମୋଟ ୨୦୦ ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି । ଏପରି ଅନ୍ତର୍ଜାତୀୟ ସ୍ତରର ଆୟୋଜନ ସହ ଭୁବନେଶ୍ୱର ପୁଣି ଥରେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ନିଜର ସ୍ଥିତିକୁ ମଜଭୁତ କରିଛି ।

କାର୍ଯ୍ୟକ୍ରମରେ ଆଇଏସଏଫର ପ୍ରମୁଖ- ପ୍ରସନ୍ନ ଚୌଧୁରୀ, ଚିଦାମ୍ବିକା ଖଟୁଆ, ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସମିମ, ପ୍ରଦୀପ୍ତ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ । ଉମାକାନ୍ତ ପାଣିଙ୍କ ସମେତ ଓଏଟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ ।

ଏହି ଅବସରରେ, ଆଇଏସଏଫ ଖୁବ୍ ଶୀଘ୍ର କାନାଡାରେ ଏକ ଅନ୍ତର୍ଜାତୀୟ ଗେଟବଲ୍ ଲିଗ୍ ଆରମ୍ଭ କରିବା ଯୋଜନା କଥା ମଧ୍ୟ ଘୋଷଣା କରିଛି । ଓଝର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଭାରତକୁ କ୍ରୀଡ଼ାରେ ଏକ ବିଶ୍ୱସ୍ତରୀୟ ଆଇକନ୍ କରିବା । ଏହି ଟୁର୍ଣ୍ଣାମେଣ୍ଟ ଏକ ନୂତନ ଯାତ୍ରାର ଆରମ୍ଭ ।

# ଭଞ୍ଜ ଟ୍ରଫି-୨୦୨୫ : ମରାଠା ଏକାଦଶ ଚାମ୍ପିଅନ

**ଭଞ୍ଜନଗର**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜେଲ୍ ପଡ଼ିଆରେ ଚାଲିଥିବା ଭଞ୍ଜ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ରବିବାର ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବ୍‌କୁ ଭଞ୍ଜନଗର ମରାଠା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମରାଠା ଏକାଦଶ ୩-୧ ଗୋଲରେ ଚାମ୍ପିଅନ ହୋଇଛି । ମରାଠା ଏକାଦଶ ଏକପାଖିଆ ଭାବେ ବିଜୟୀ ହୋଇଛି । ଏଥିସହ ଶ୍ରେଷ୍ଠ ଗୋଲ କିପର ସୁନ୍ଦରଗଡ଼ର ବିଷ୍ଣୁ, ଶ୍ରେଷ୍ଠ ଡିଫେଣ୍ଡର ଖେଳାଳି ମରାଠା ଏକାଦଶର ସିପୁ, ମ୍ୟାନ ଅଫ ଦି ମ୍ୟାଚ୍ ମରାଠା ଏକାଦଶର ଜଳିଆ, ମ୍ୟାନ ଅଫ୍ ଟୁର୍ଣ୍ଣାମେଣ୍ଟ ସୁନ୍ଦରଗଡ଼ର ଆକାଶ ଓରାମଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୫୫ ହଜାର ୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ ।

ସେହିଭଳି ରନର୍ସଅପ୍ ସୁନ୍ଦରଗଡ଼ ଦଳକୁ ୩୩ ହଜାର ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ବିଧାୟକ ନାୟକ କହିଥିଲେ ଯେ, କ୍ରୀଡ଼ା କ୍ଷେତ୍ରରେ ଘୁମୁସର ମାଟି




ବହୁ ଆଗକୁ ଯାଇଥିଲା । ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୋମନାଥ ରଥଙ୍କ ଏଥିପ୍ରତି ଅବଦାନ ବିଶେଷ ଥିଲା । ବର୍ତ୍ତମାନ ଘୁମୁସର ମାଟିର କ୍ରୀଡ଼ାର ବିକାଶ ଦାୟିତ୍ୱ ମୁଁ ବିଧାୟକ ନିର୍ବାଚିତ ହେବାପରେ ନେଇଛି । ଆଗାମୀ ଦିନରେ ଏହି ଖେଳ ପଡ଼ିଆର ବିକାଶ ମଧ୍ୟ କରାଯିବ ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଏସ୍‌ଡିପିଓ ଡା. ଦୀପକ କୁମାର ମିଶ୍ର, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଭାଜପା ଭଞ୍ଜନଗର ସାଂଗଠନିକ ଜିଲ୍ଲା ସଭାପତି ନୀଳ ମାଧବ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଭଞ୍ଜ ଟ୍ରଫି ଆୟୋଜକ କମିଟିର ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ସୁଶାନ୍ତ ବେହେରା ସଂଯୋଜନା କରିଥିଲେ । ଏହି ମ୍ୟାଚ୍‌ରେ ରେଫରୀ ଶିବ ଶଙ୍କର ପଣ୍ଡା ଥିବା ବେଳେ ଲାଇନ୍ସ ମ୍ୟାନ ରୋଷନ ଖାନ, ସୁଜିତ୍ ରାଜହଂସ, ଦିଲୀପ କୁମାର ରାଉତ, ବିଚିତ୍ର ଜେନା ଥିଲେ । ପି. ରମେଶ ମ୍ୟାଚ କମିଶନର ଥିଲେ । ଏହି ଅବସରରେ ଅଞ୍ଚଳର ବରିଷ୍ଠ ଫୁଟବଲ ଖେଳାଳି ମିଳନ ବେହେରା, ସୁଧିର କୁମାର ବେହେରା, ପି. ଆନନ୍ଦ ରାଓ, ବିଚିତ୍ର ଜେନା, ଗଣେଶ ବାହାଦୂର, ରାଧା କାନ୍ତ ନାୟକ, ସୁବାସ ଚନ୍ଦ୍ର ଗୌଡ଼, ପି କାର୍ତ୍ତିକ ରାଓ, ଦିଲୀପ କୁମାର ବେହେରା, ଗୌରୀ ମହାରଣା, ରମେଶ ବେହେରା, ବାବୁ ମହାନ୍ତି, ଏ ନାରାୟଣ, ଏ. କ୍ରିଷ୍ଣା, ଉଷାକାନ୍ତ ପଟ୍ଟନାୟକ, ଶରତ କୁମାର ମହାନ୍ତି, ବାବୁ ମହାନ୍ତି, କୁଲୁ ସାମନ୍ତ, ଆଶିଷ ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

# ନୂତନ ପ୍ରତିଭାର ଅନ୍ୱେଷଣ କରିବା ସାଂସଦ ଖେଳ ମହୋତ୍ସବର ଲକ୍ଷ୍ୟ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବରଗଡ଼ ସଂସଦୀୟ କ୍ଷେତ୍ର ଅଧୀନରେ ଆୟୋଜିତ ହେବାକୁ ଥିବା ସଂସଦ ଖେଳ ମହୋତ୍ସବ–୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଗ୍ରାମ ଏବଂ ସହର ସ୍ତରର ଯୁବ ବର୍ଗଙ୍କୁ ଖେଳ ମାଧ୍ୟମରେ ଜଡ଼ିତ ରଖିବା ସହ ନୂତନ ପ୍ରତିଭାର ଅନ୍ୱେଷଣ ଲକ୍ଷ୍ୟନେଇ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ଫୁଟବଲ୍, କବାଡ଼ି, ଖୋ-ଖୋ, କ୍ରିକେଟ୍, ବ୍ୟାଡ୍‌ମିଣ୍ଟନ ଭଳି ମୋଟ ସାତଟି ଖେଳ ପ୍ରତିଯୋଗିତାରେ ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତଗତ ସମୁଦାୟ ସାତଟି ବିଧାନସଭା କ୍ଷେତ୍ରର କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିବେ । ସୂଚନାଯୋଗ୍ୟକି, ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲାର ପାଞ୍ଚଟି ବିଧାନସଭା କ୍ଷେତ୍ରରୁ ସମୁଦାୟ ୩୦୪ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନିଜ ନାମ ପଞ୍ଜିକାରଣ କରିଥିବା ବେଳେ ଆସନ୍ତା ୧୫ ରୁ ୨୦ ଡିସେମ୍ବର ମଧ୍ୟରେ ବିଧାନସଭା କ୍ଷେତ୍ରସ୍ତରରେ ଏହି ପ୍ରତିଯୋଗିତା ଆୟୋଜିତ ହେବ ଏବଂ ଏହି ସ୍ତରରୁ ସଫଳ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ନେଇ ଆଗାମୀ ୦୫ରୁ ୧୦ ଜାନୁଆରୀ ୨୦୨୬ ମଧ୍ୟରେ ବରଗଡ଼ ଜିଲ୍ଲା ମୁଖ୍ୟାଳୟରେ ଠାରେ ସଂସଦୀୟ କ୍ଷେତ୍ର ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ ।

ବୈଠକରେ ବିଜେପୁର ବିଧାୟକ ସନତ ଗଡ଼ତିଆଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟାଲ, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥି, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା ବିଜେପି କର୍ମୀ ଉପସ୍ଥିତ ଥିଲେ ।



# ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲି ସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷା ସୁଶ୍ରୀ ସ୍ୱପ୍ନା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂଯୋଜକ ନାରାୟଣ ନାୟକ, ମମତା ଦାସ, ଦେବାଶିଷ ମିଶ୍ର, ମାଧବୀ କର୍ମୀ ଯୋଗ ଦେଇଥିଲେ । ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ ମଦନ ମୋହନ ପୁଟେଲ ଖେଳ ପରିଚାଳନା କରିଥିଲେ ଓ ତାଙ୍କୁ ସହଯୋଗ କରିବା ପାଇଁ ଅନ୍ୟ ବିଦ୍ୟାଳୟ ର ଖେଳ ଶିକ୍ଷକ ଦାମୋଦର ଠେଟୁଆଲ, ଯଶୋବନ୍ତ ପୁଟେଲ, ଶ୍ରୀଧର ପୁଟେଲ, ଲକ୍ଷ୍ମଣ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କଲେଜ ଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମାହେଶ୍ୱରୀ ମନ୍ଦିରକୁ ଯାଇ ସେଠାରୁ ଖେଳେ ପଡ଼ିଆ ଠାରେ ପହଞ୍ଚିଥିଲା । ୧୨୦ ଜଣ ଛାତ୍ରଛାତ୍ରୀ ଖେଳ ପ୍ରତିଯୋଗିତାରେ ଭାଗ ନେଇ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ଅନ୍ୟାନ୍ୟ କ୍ରୀଡ଼ାପ୍ରେମୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆଶିଷ ପୁଟେଲ ଓ ବବଲି ଦଣ୍ଡିଆ ଚାମ୍ପିଅନ ହୋଇ ଥିଲେ । ଏଥିରେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଡିସେମ୍ବର ୨୦୨୫ ସୋମବାର





# ୧୫୦ ତମ ବନ୍ଦେ ମାତରମ୍ ରେ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ



**ଆଠଗଡ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ରବିବାର ସରକାରୀ କାର୍ଯ୍ୟକ୍ରମରେ ଆଠଗଡକୁ ଆସିଥିବା ସମୟରେ ଆଠଗଡ ବିଜେପିର ନେତା ଅଭୟ କୁମାର ବାରିକ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହାସହିତ ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀ ବାରିକ୍‌ଙ୍କ ନେତୃତ୍ୱରେ ସ୍ଥାନୀୟ ବହ୍ମପୁର ଡାକ୍ତରଖାନା ନିକଟ ଶହଶହ ବିଜେପି କର୍ମୀ ଜାତୀୟ ପତାକା ସହିତ ବାରୁଣି ପଡିଆକୁ ଉପମୁଖ୍ୟମନ୍ତ୍ରୀଙ୍କୁ ନେଇଥିଲେ । ଆଠଗଡର ଜନ ସମୁଦ୍ର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଖି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପାଟଣାଗଡ ସହିତ ଆଠଗଡକୁ ତୁଳନା କରି ଆଠଗଡ ବାସୀଙ୍କ କାର୍ଯ୍ୟକ୍ରମ ତାଙ୍କ ମନକୁ ଛୁଇଁଛି ଏବଂ ସେ ପାଟଣାଗଡରେ ଥିବା ମନେ ହେଉଛି ବୋଲି ପ୍ରକାଶ କରିଥିଲେ। ଆଠଗଡର ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବୀପତ୍ର ଶ୍ରୀ ବାରିକ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ପ୍ରଦାନ କରିଥିଲେ, ଯାହାର ଉତ୍ତରରେ ମନ୍ତ୍ରୀ ଆଠଗଡକୁ ଅନ୍ୟାୟ ହେବାକୁ ଦିଆଯିବନି ଏବଂ ସମସ୍ତ ଦାବୀ ଗୁଡିକୁ ଅନୁଧ୍ୟାନ କରାଯାଇ ପୁରଣ କରିବାର ପ୍ରତିଶୃତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦଳର ଜିଲ୍ଲା ଗ୍ରାମାଞ୍ଚଳ ସଭାପତି ରାମ ନାରାୟଣ ମହାନ୍ତି, ବଜେନ୍ଦ୍ର ରାଏ ଏବଂ ବହୁ ତୁଙ୍ଗ ନେତୃତ୍ୱ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଭାରେ ବନ୍ଦେ ମାତରମ୍ ଗୀତକୁ ସମ୍ପୁର୍ଣ୍ଣ ଭାବେ ଗାନ କରାଯାଇଥିଲା।

# ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ବିଜେବି ଫେଷ୍ଟ୍ -୨୦୨୫ ଅନୁଷ୍ଠିତ

**ଭୁବନେଶ୍ୱର,୩୦/୧୧**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ବିଜେବି ଷ୍ଟୁଡେଣ୍ଟ୍ ଭଏସ୍ ଦ୍ୱାରା ମହା ଆଡ଼ମ୍ବରରେ ଆୟୋଜିତ ହୋଇଥିଲା ବିଜେବି ଫେଷ୍ଟ -୨୦୨୫। ଏଥିରେ କଲେଜ ପିଲାଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ପ୍ରସିଦ୍ଧ କଣ୍ଠ ଶିଳ୍ପୀ ସୁଗ୍ୟାନି ମହାପାତ୍ର ଓ ମ୍ରିଣମୟଏମ୍‌ଏସ୍ ନାଇଟ ରେ ଛାତ୍ର ଛାତ୍ରୀ ଝୁମିଥିଲେ। ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପୁରାତନ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏହି ଉତ୍ସବକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ, ଆକାଶ ଦାସ ନାୟକ, ଟଙ୍କଧର ତ୍ରିପାଠୀ, ମହାବିଦ୍ୟାଳୟର ଅଧକ୍ଷା ଝୁମୁକୀ ରଥ ପ୍ରମୁଖ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଦେଶ ଓ ସମାଜର ବିକାଶରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ଏକାମ୍ର ବିଧାୟକ ବାବୁ ସିଂ। ବିଜେବି କଲେଜ ଷ୍ଟୁଡେଣ୍ଟ୍



ଭଏସ୍ର କର୍ମକର୍ତ୍ତା ଭଗବାନ ସାହୁ, ସ୍ମୃତି ରଞ୍ଜନ ପଣ୍ଡା, ଚନ୍ଦ୍ର ଶେଖର ପାଢ଼ୀ, ଅଭିଜିତ କୁମାର ଦେବତା, ଦେବାଶିଷ ସେଠୀ, ଚନ୍ଦନ ସେଠୀ, ବିଭାଂଶୁ ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମନ୍ କି ବାତ...

ଦେଇ କହିଛନ୍ତି ଯେ ଏହା ଦେଶର ବିଜ୍ଞାନ କ୍ଷେତ୍ରରେ ବଢୁଥିବା ସମ୍ଭାବନାର ସଙ୍କେତ। ସେ କହିଛନ୍ତି ଯେ, ଏପରି ପ୍ରୟାସ ଭାରତକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗରେ ନୂତନ ଉଚ୍ଚତାକୁ ନେବାର କ୍ଷମତା ରଖେ।

## ଓଡ଼ିଶା ହେବ...

ଯୋଜନା ନୁହେଁ , ଏହା ହେଉଛି ମା'ମାନଙ୍କୁ ଛୋଟ ଛୋଟ ବ୍ୟାପାର ଜରିଆରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଏବଂ ସମାଜରେ ଓ ପରିବାରରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିବା । ଆଜି ଏହି ଯୋଜନା ଯୋଗୁଁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି । ଆଗାମୀ ଦିନରେ ଆମ ରାଜ୍ୟରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ବାତାବରଣ ସୃଷ୍ଟି ହେବ ବୋଲି ମୁଁ ଆଶା କରୁଛି।

କାର୍ଯ୍ୟକ୍ରମରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମଏସଏମଇ ଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ ଆମେ ପଦକ୍ଷେପ ଗ୍ରହଣ କରୁଛୁ ଏବଂ ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିଦେବ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର, ଲଘୁ ଉଦ୍ୟୋଗ ଭାରତୀ, ଓଡିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ମଂଚାସୀନ ଥିଲେ।

## ଦାନ୍ତେୱାଡ଼ାରେ...

ମାଓବାଦୀମାନଙ୍କୁ ତୁରନ୍ତ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ। ତା' ସହିତ ସେମାନଙ୍କୁ ଦକ୍ଷତା ବିକାଶ ସମ୍ପର୍କିତ ତାଲିମ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଗତ ୨୩ ମାସ ମଧ୍ୟରେ ଛତିଶଗଡ଼ରେ ୨୨୦୦ରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।

## ଉପକୂଳରେ ...

ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରର ରାତି ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିଛି। କଟକର ରାତି ତାପମାତ୍ରା ୧୪ ଡିଗ୍ରୀରୁ ୧୬ ଡିଗ୍ରିକୁ ବୃଦ୍ଧି ପାଇଥିବା ବେଳେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ପାଖାପାଖି ୩ ଡିଗ୍ରୀ ଯାଏଁ ବଢ଼ି ୧୭.୨ ଡିଗ୍ରୀରେ ପହଞ୍ଚିଛି। ଆସନ୍ତା ୪ ଦିନ ରାଜ୍ୟରେ ଏହିଭଳି ତାପମାତ୍ରା ଜାରି ରହିବ। ଏହାପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଫଳରେ ପୁଣି ଥରେ ଜାଡ଼ରେ ଥରିବ ସାରା ଓଡ଼ିଶା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, ଆସନ୍ତାକାଲି ଦ୍ୱୈତନଗର କଟକ ଓ ଭୁବନେଶ୍ୱରରୁ ଶୀତ ଉଭେଇଯିବ। ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ପାଗ ଆଂଶିକ ମେଘୁଆ ରହିବ। ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ମଧ୍ୟରେ ରହିବ। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଉପକୂଳରେ ପାରଦ ସ୍ତର ସ୍ଥିର ରହିବା ପରେ ଧୀରେ ଧୀରେ ପୁଣି ଶୀତ ଫେରିବ।

## ସର୍ବଦଳୀୟ ବୈଠକ...

ଆଞ୍ଚଳିକ ବିଷୟରେ ମଧ୍ୟ ମତ ରଖିଥିଲେ।

ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରନ୍ ରିଜିଜୁ ସଂସଦ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସର୍ବଦଳୀୟ ବୈଠକ ଅତ୍ୟନ୍ତ ଉପଯୋଗୀ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। ସେ କହିଲେ ଯେ ବିରୋଧୀ ଦଳ ଗୁଡିକ ପକ୍ଷରୁ ଅନେକ ବିଷୟ ଉଠାଯାଇଥିଲା ଏବଂ ପ୍ରସ୍ତାବ ଦିଆଯାଇଥିଲା ।

## ସୁରକ୍ଷା ଓ ଗଣତନ୍ତ୍ର ...

ହେବ। ଏହାଦ୍ୱାରା ସରକାରର ଗମ୍ଭୀରତା ଜଣାପଡୁଛି। ଅଧିବେଶନ ଆୟୋଜନରେ ମଧ୍ୟ ଅନାବଶ୍ୟକ ବିଳମ୍ବ କରାଯାଇଛି। ଏଥିରୁ ଲାଗୁଛି ଯେ ଗଣତନ୍ତ୍ର ଓ ସଂସଦୀୟ ମର୍ଯ୍ୟାଦାକୁ ସମାପ୍ତ କରିବାର ଚେଷ୍ଟା ହେଉଛି।

ସେ କହିଛନ୍ତି ଯେ ବିରୋଧୀ ପକ୍ଷରୁ ସୁରକ୍ଷା ବିଷୟଟି ମୁଖ୍ୟତଃ ଉଠାଯାଇଛି। ଦିଲ୍ଲୀରେ ଘଟିଥିବା ବୋମ୍ ବିସ୍ଫୋରଣ ଆଇନ-ଶୃଙ୍ଖଳାର ବିଫଳତାର ଏକ ଉଦାହରଣ। ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଛୋଟ ଆଲୋଚନା କରିବାକୁ ମଧ୍ୟ ପ୍ରସ୍ତୁତ ନୁହନ୍ତି। ଏହା ବ୍ୟତୀତ ବାୟୁ ପ୍ରଦୂଷଣ, କୃଷକ ଓ ଶ୍ରମିକଙ୍କ ଆୟ, ପ୍ରାକୃତିକ ବିପଦ ଭଳି ବିଷୟମାନ ଚ୍ୟାଲେଞ୍ଜ ହୋଇ ରହିଛି ଓ ସରକାର ଏଥି ପାଇଁ କିଛି କରୁ ନାହାନ୍ତି।

ସେ କହିଛନ୍ତି ଯେ ଦେଶର ବିଦେଶ ନୀତି ମଧ୍ୟ ପ୍ରଭାବିତ ହେଉଛି ଏବଂ ଅନ୍ୟ ଏକ ଦେଶର କହିବାରେ ରୁଷିଆରୁ ତେଲ ଆମଦାନୀ ବନ୍ଦ କରାଯାଉଛି। ଦେଶରେ ଲୋକମାନଙ୍କ ତଥ୍ୟ (ଡାଟା) ମଧ୍ୟ ସୁରକ୍ଷିତ ନୁହେଁ ଏବଂ ସରକାର ମଧ୍ୟ ଏଆଇ ପାଇଁ ପ୍ରସ୍ତୁତ ନୁହେଁ। ସେ କହିଛନ୍ତି ଯେ ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱରେ ବିରୋଧୀ ଦଳ ବୈଠକ ହେବ ଓ ଆଗାମୀ କାର୍ଯ୍ୟନୀତି ନିର୍ଦ୍ଧାରିତ କରାଯିବ।

# ଓଏସଇଏଫଡ଼ି ପକ୍ଷରୁ ଜିତେନ୍ଦ୍ର ବିଶ୍ୱାଳଙ୍କୁ ଧନ୍ୟବାଦ୍ ଜ୍ଞାପନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପ୍ରଦେଶରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ପାଇଁ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘ(ଓଏସଇଏଫଡ଼ି) ରାଜ୍ୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଶିକ୍ଷା ଓ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ଅଦମ୍ୟ ପ୍ରଚେଷ୍ଟା ଓ ସଂଘର୍ଷ ୨୦୧୭ ମସିହାରୁ କରିଆସୁଥିଲା, ଏହି ନ୍ୟାର୍ଯ୍ୟ ଦାବିକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି ଓ ଓଡ଼ିଶା ସରକାରଙ୍କ ସମର୍ଥନରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେବ ବୋଲି ଓସେପା ପକ୍ଷରୁ ସୂଚନା ଦିଆଯାଇଛି। ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଉତ୍ତମ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଆମ ସଂଘକୁ ଦୀର୍ଘ ଦିନଧରି ମାର୍ଗଦର୍ଶନ ଓ ସହଯୋଗ ପ୍ରଦାନ କରି ଆସୁଥିବା ଜିତେନ୍ଦ୍ର ବିଶ୍ୱାଳଙ୍କୁ ଓଏସଇଏଫଡ଼ିର ନେତୃବୃନ୍ଦମାନେ ଆସି ତାଙ୍କୁ ସାକ୍ଷାତ କରି କୃତଜ୍ଞତାର ସହ ଧନ୍ୟବାଦ୍ ଜ୍ଞାପନ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି।

ଏହି ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ସଂପାଦକ ଆୟୁଷ୍ମାନ ଚୌଧୁରୀଙ୍କ ସହ ହିତେଶ ମହାନ୍ତ, ଅଶ୍ୱିନୀ ମୁଦୁଲି, ରୋହିତ ସେଠି, ଅଭୟ କୁମାର ପ୍ରଧନ ଯୋଗ ଦେଇଥିଲେ ।

# ୪ ନମ୍ବର ମାଛ ମାର୍କେଟର ହେବ ନବକଳେବର: ସମୀକ୍ଷା କଲେ ବିଏମସି କମିଶନର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆ ରୂପ ପାଇବ ମାଛ ମାର୍କେଟ। ବିଏମସି ୪ ନମ୍ବର ମାଛ ମାର୍କେଟର ହେବ ନବକଳେବର। ମାର୍କେଟର ନୂଆ ରୂପରେଖ ନେଇ ସମୀକ୍ଷା କରିଛନ୍ତି ବିଏମ୍‌ସି କମିଶନ। ପାର୍କିଂ ସହ ସମସ୍ତ ସୁବିଧା ଉପଲବ୍ଧ ହେବା ସହ ଖୁବ୍‌ଶୀଘ୍ର ମାଛ ମାର୍କେଟର ବେଆଇନ୍ ଘର ଭଙ୍ଗାଯିବା ନେଇ ଆଲୋଚନା ହୋଇଛି। ସୂଚନା ଅନୁଯାୟୀ ରବିବାର ସକାଳୁ ସକାଳୁ ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ କମିଶନର ଚଞ୍ଚଳ ରଣା ୪ ନମ୍ବର ମାଛ ମାର୍କେଟ ପରିଦର୍ଶନ



କରିଥିଲେ । ଏଥିସହିତ ମାର୍କେଟର ନୂଆ ରୂପରେଖ ନେଇ ସମୀକ୍ଷା କରିବା ସହ ସ୍ଥାନୀୟ ବେପାରୀଙ୍କ ସହ ଆଲୋଚନା କରିଥିଲେ। ଆମିଷ ମାର୍କେରରେ ପରିମଣ ବ୍ୟବସ୍ଥା, ପାର୍କିଂ ଓ ବର୍ଜ୍ୟବସ୍ତୁ କିପରି ମ୍ୟାନେଜ କରାଯିବ। ଏଥି ସହିତ ବଜାରକୁ ଆସୁଥିବା ଗ୍ରାହକମାନଙ୍କ କିପରି ସମସ୍ତ ସୁବିଧା ମିଳିପାରିବ ନେଇ ଆଲୋଚନା ହୋଇଥିଲା। ୟୁନିଟ୍ -୪ ନମ୍ବର ମାଛ ମାର୍କେଟରେ ଦୀର୍ଘ ଦିନ ହେବ ବେଆଇନ ନିର୍ମାଣ ହୋଇଥିବା ଘର ଗୁଡିକୁ ଭଙ୍ଗାଯିବ।

# ଗାଡ଼ି ଯାଞ୍ଚ ବେଳେ ମିଳିଲା ଦେଶୀ ପିସ୍ତଲ କାରଖାନା



**ନୟାଗଡ଼, ନ୍ୟୁଜ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ରଣପୁର ଥାନା ପୋଲିସ ବନ୍ଧୁକ ତିଆରି ସାମଗ୍ରୀ ସହ ଦୁଇଟି ବନ୍ଧୁକ ଜବତ କରିଛି । ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଦୁଇ ଜଣ ହେଲେ ଶରଣକୁଳ ଥାନା ଜାକେଡ଼ା ଗ୍ରାମର ପ୍ରଶାନ୍ତ ବିଶ୍ୱାଳ ଏବଂ ରଣପୁର ଥାନା ଡମସାହି ଲଡୁକେଶ୍ୱରପୁର ଗ୍ରାମର ତୋଫାନ ବିଶ୍ୱାଳ । ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଶନିବାର ଦର୍ପନାରାୟଣପୁର ଫାଣ୍ଡି ପୋଲିସ ଗାଡି ଯାଞ୍ଚ କରୁଥିବା ସମୟରେ ଗୋଟିଏ ବାଇକରୁ ଦେଶୀ ପିସ୍ତଲ ପାଇଥିଲା । ପଚରାଉଚରା କରିବା ପରେ ସେ ଏହି ବନ୍ଧୁକ ପ୍ରଶାନ୍ତ ବିଶ୍ୱାଳଙ୍କ ଠାରୁ କିଣିଥିବା ସ୍ୱୀକାର କରିଥିଲା । ଯାହାକୁ ନେଇ ପୋଲିସ ଟିମ୍ ଗୋଡ଼ିପଡ଼ାରେ ରହିଥିବା ପ୍ରଶାନ୍ତର ଘର ଉପରେ ଚଢ଼ାଉ କରିବା ପରେ ସେ ବନ୍ଧୁକ ତିଆରି କରୁଥିବା ଜଣାପଡ଼ିଥିଲା । ତାକୁ ପୋଲିସ ଧରିବାକୁ ଚେଷ୍ଟା କରୁଥିବା ବେଳେ ସେ ଆକ୍ରମଣ କରିଥିଲା। ପ୍ରଶାନ୍ତର ଆକ୍ରମଣରେ ଜଣେ ଏଏସଆଇ ଆହତ ହୋଇଥିବା ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପରେ ପୋଲିସ ପ୍ରଶାନ୍ତକୁ କାବୁ କରିବା ସହ ତାର ଘର ଛାତ ଉପରେ ଚାଲିଥିବା ବନ୍ଧୁକ କାରଖାନାରୁ ସମସ୍ତ ତିଆରି ସାମଗ୍ରୀ ଜବତ କରିଛି । ଏହା ସହିତ ଆଉ ଏକ ବନ୍ଧୁକ ଜବତ କରିଛି । ଏସ୍ପିଙ୍କ ସୂଚନାନୁସାରେ, ଦୁଇଟି ବନ୍ଧୁକ ସମେତ ଡାଏ ମେସିନ, ଓଲଡିଂ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଏକ ବାଇକ ଜବତ କରାଯାଇଛି । ପ୍ରଶାନ୍ତ ନାଁରେ ଶରଣକୁଳ ଥାନାରେ ଏକାଧିକ ମାମଲା ରହିଛି ।

# ୩୦ଗ୍ରାମ୍ ବ୍ରାଉନ ସୁଗାର ଜବତ : ଜଣେ ଗିରଫ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧାରେ ନିଶା ମାଫିଆଙ୍କ ଉପରେ ପୋଲିସର କଡା ଆଭିମୁଖ୍ୟ । ଜିଲ୍ଲାରେ ନିଶା ମାଫିଆଙ୍କୁ ତଡିପାର କରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଜଣେ ନିଶା ମାଫିଆକୁ ବେପାର କରୁଥିବା ସମୟରେ ଗିରଫ କରି ୩୦ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଛନ୍ତି। ଏଥି ସହିତ ଅଭିଯୁକ୍ତଙ୍କ ଠାରୁ ବୁଲେଟ୍, ମୋବାଇଲ, ୧୫୦୦ ଟଙ୍କା ଜବତ ହୋଇଛି । ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାରରେ ନୂଆ ନୂଆ ଯୁବକ ମାନେ ନିୟୋଜିତ ହେଉଛନ୍ତି । ସେ ସମ୍ପର୍କରେ ପୋଲିସର ଅନୁସନ୍ଧାନ ଜାରି ରଖି ବିଭିନ୍ନ ସ୍ଥାନରେ ଚଢଉ କରାଯାଉଛି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମେଧାବୀ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଯୋଡ଼ା, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ସ୍କୁଲଗୁଡ଼ିକର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମେଧାବୀ ମାଟ୍ରିକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ତାଲିମ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିନ୍ଦଲ ନଗର ମୁଭି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ୍ ଡି., ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ଯୋଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଶତପଥୀ, ଦେଓଝର ସରପଞ୍ଚ ଶ୍ରୀ ଧ୍ରୁବଚରଣ ନାଏକ, ପଞ୍ଚାୟତ ସମିତି ସଭ୍ୟ ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା, ଜିନ୍ଦଲ ଷ୍ଟିଲ-ବିକେଟିଆର ସିଏସଆର ମୁଖ୍ୟ ଶ୍ରୀ ଭର୍ଜିଲ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ।ଧବଳେଶ୍ୱର ହାଇସ୍କୁଲର ୯ ଓ ବିଲେଇପଦା ହାଇସ୍କୁଲର ୨୭ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମରେ ୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିରନ୍ତର ଭାବେ ଚାଲିଛି।



ପାରିପାର୍ଶ୍ୱିକ ସ୍କୁଲଗୁଡ଼ିକରେ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତରେ ସନ୍ତୁଳନ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଡ୍ରପ ଆଉଟ ରୋକିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ସଚେତନତା ପଦକ୍ଷେପ ନିଆଯାଉଛି। ଏହା ସହିତ ଆବଶ୍ୟକତା ଅନୁସାରେ ସ୍କୁଲର ଭିତ୍ତିଭୂମି ନିର୍ମାଣ ସହ ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି। ମହିଳା ଶିକ୍ଷା ଓ ଦକ୍ଷତା ବିକାଶକୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହିତ କରାଯାଉଛି। ୨୦୨୨ରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା "ଯଶସ୍ୱୀ" କାର୍ଯ୍ୟକ୍ରମ ଦ୍ୱାରା ଆର୍ଥିକ ଅନଗ୍ରସର ଛାତ୍ରୀ ଓ ମହିଳାମାନଙ୍କୁ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି।

# ସଂସଦର ଶୀତକାଳୀନ ଅଧିବେଶନ, ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ବିଜେଡି : ସସ୍ମିତ ପାତ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ଠାରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଗୃହକୁ ସୁରୁଖୁରୁରେ ଚଳାଇବା ଲାଗି ରବିବାର ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଛି। ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଡିସେମ୍ବର ୧୯ ଯାଏ ଚାଲିବ ସଂସଦର ଏହି ଅଧିବେଶନ। ଏହି ଅଧିବେଶନ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ। ଏଥିରେ ୧୫ଟି କାର୍ଯ୍ୟ ଦିବସ ରହିବ। ଗତ ଅଧିବେଶନ ସମୟରେ ଗୃହୀତ ହୋଇ ପାରି ନଥିବା କିଛି ବିଲ୍ ବି ଗୃହରେ ଆଗତ ହେବ। ଏସବୁ ପ୍ରସଙ୍ଗରେ ବିରୋଧୀ ନେତା ମାନଙ୍କୁ ଅବଗତ କରିଛନ୍ତି ସରକାର। କାରଣ ବିରୋଧୀ ଦଳର ବିରୋଧ ଯୋଗୁ କିଛି ବିଲ୍ ସଂସଦର ଉଭୟ ଗୃହରେ ଗୃହୀତ ହୋଇପାରି ନଥିଲା।





ବୈଠକରେ ବିଭିନ୍ନ ବିରୋଧୀ ନେତା ମାନେ ସାମିଲ ହୋଇଥିବା ବେଳେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସାଂସଦ ସସ୍ମିତ ପାତ୍ର ସାମିଲ ହୋଇଥିଲେ। ଏନେଇ ବିଜେଡି ନେତା ତଥା ସାଂସଦ ସସ୍ମିତ ପାତ୍ର କହିଛନ୍ତି,'ଆମର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ, ମୁଁ ସର୍ବଦଳୀୟ ବୈଠକରେ ବିଜୁ ଜନତା ଦଳ (ବିଜେଡି) ସଂସଦୀୟ ଦଳର ପ୍ରତିନିଧିତ୍ୱ କରିଥିଲି। ଏହି ଅଧିବେଶନରେ ବିଜେଡି ସାଂସଦମାନେ ଅନେକ ପ୍ରସଙ୍ଗ ଉଠାଇବେ ବୋଲି ସୂଚନା ମିଳିଛି। ବିଜେଡିର ପ୍ରମୁଖ ପ୍ରସଙ୍ଗ ରହିଛି :- ମୂଲ୍ୟବୃଦ୍ଧି ଏବଂ ମୁଦ୍ରାସ୍ଫୀତି, ବେକାରୀ, ଓଡ଼ିଶା ପାଇଁ ସ୍ୱତନ୍ତ୍ର ବର୍ଗ ରାଜ୍ୟ ମାନ୍ୟତା ଦାବି, ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଉଛି, ଓଡ଼ିଶାରେ ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ପାଉଛି, ନୂଆପଡ଼ା ଉପନିର୍ବାଚନରେ ବଡ଼ ଧରଣର ନିର୍ବାଚନ ଅନିୟମିତତା ଦେଖାଦେଇଛି ଏବଂ ଅତୀତରେ ଓଡ଼ିଶାରେ ମଧ୍ୟ ୨୦୨୪ ନିର୍ବାଚନର ନିର୍ବାଚନୀ ବିସଙ୍ଗତି ନେଇ ନିର୍ବାଚନ କମିଶନ ନୂଆଦିଲ୍ଲୀକୁ ଅନେକ ଥର ଯୋଗାଯୋଗ କରିଥିଲେ। ଏହି ଡାଞ୍ଚା ସମ୍ପର୍କରେ ଆମର ଗମ୍ଭୀର ଚିନ୍ତା ଅଛି, ଓଡ଼ିଶାରେ ପୋଲିସ ନିଯୁକ୍ତି ଦୁର୍ନୀତିର ସିବିଆଇ ଦ୍ୱାରା ତଦନ୍ତ କରାଯାଉଛି, ପୋଲାଭରମ୍ ଏବଂ ମହାନଦୀ ବିବାଦ, ଚାଷୀଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ଦ୍ୱିଗୁଣିତ କରାଯିବା ଆବଶ୍ୟକ, କୋଇଲା ରୟାଲ୍ଟି ଏବଂ ସବୁଜ ଟିକସ ସଂଶୋଧନ, ସମ୍ବଲପୁର, କୋରାପୁଟ ଏବଂ ବାଲେଶ୍ୱରରେ ପୂର୍ଣ୍ଣାଙ୍ଗ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା, ଆଦିବାସୀ ବିକାଶ-ଓଡ଼ିଶାର ଏସଟି ତାଲିକା ପାଇଁ ୧୩୯ଟି ବିଚାରାଧୀନ ପ୍ରସ୍ତାବ, ୮ମ ସୂଚୀରେ ହୋ, ମୁଣ୍ଡାରୀ, ଭୂମିଜ, ସାଓରା ଏବଂ କୁଇ ଭାଷା ଅନ୍ତର୍ଭୁକ୍ତ କରିବା, କେନ୍ଦୁ ପତ୍ର ଉପରେ ଜିଏସଟି ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ସଂଯୋଗୀକରଣ-ଜାତୀୟ ରାଜପଥ, ଉପକୂଳ ରାଜପଥ, ରେଳ ସଂଯୋଗୀକରଣ, ମୋବାଇଲ୍ ଏବଂ ଡିଜିଟାଲ୍ ସଂଯୋଗୀକରଣ।

# ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଅଭିମୁଖୀକରଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# ପ୍ରତ୍ୟେକ ଶିଶୁ ପାଇଁ ପରିବାର ହେଉଛି ଏକ ସୁରକ୍ଷା ବଳୟ : ଅତିରିକ୍ତ ଜିଲ୍ଲାପାଳ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀ ନାଏକ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ପ୍ରତ୍ୟେକ ଶିଶୁ ପାଇଁ ପରିବାର ହେଉଛି ଏକ ସୁରକ୍ଷା ବଳୟ ଏବଂ ଏଥିପାଇଁ ତାର ପିତାମାତା, ବନ୍ଧୁ ପରିଜନ ଓ ସମାଜ ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବେ ଯାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝି ଯୋଗ ଦେଇ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ଥିବା ନ୍ୟାୟିକ ପ୍ରକ୍ରିୟା ଏବଂ ପୋଲିସ ଅଧିକାରୀଙ୍କ ଦାୟିତ୍ୱବୋଧ ଉପରେ ଆଲୋକପାତ କରିବା ସହ ଏହାର ଆଇନଗତ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ହେଲେ ସମନ୍ୱିତ ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ମାଝି କହିଥିଲେ। ଆଡପ୍ସନ୍ ବିଶେଷଜ୍ଞ ତଥା ଲିଗାଲ ଅଫିସର ଅକ୍ଷୟ କୁମାର ସ୍ୱାଇଁ ବିଶେଷ ଆବଶ୍ୟକତା ଥିବା ଶିଶୁଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିବା ପ୍ରକ୍ରିୟା, ଆଡପ୍ସନ୍ ରେଗୁଲେସନ -୨୦୨୨ ଏବଂ ମିଶନ ବାତ୍ସଲ୍ୟ ପୋର୍ଟାଲ ଉପରେ ବିଭିନ୍ନ ଉଦାହରଣ ଓ କେସଷ୍ଟଡି ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଛି ଶିଶୁ ପିତାମାତାଙ୍କୁ ହରାଇ ନାନା ଅସୁବିଧାକୁ ସାମ୍ନା କରୁଛନ୍ତି, ତେଣୁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ମଧ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ, ଯାହା ପିଲାଙ୍କୁ ଏକ ପରିବାର ଭିତରେ ରହିବାର ସୁଯୋଗ ଦେଇଥାଏ। ଏହି ଅବସରରେ ପୂର୍ବରୁ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଅଭିଭାବକମାନେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିଡିପିଓ ଶାନ୍ତିଲତା ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଡିସିପିଓ ନିରଞ୍ଜନ କର, ଶିଶୁ ମଙ୍ଗଳ କମିଟି ସଦସ୍ୟ ତୃପ୍ତି ଜେନା ଓ ଜୟନ୍ତ ଗୋସ୍ୱାମୀ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ଼ା. ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ମିହିର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅର୍ଚ୍ଚନା କୁମାରୀ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶେଷ ପୃଷ୍ଠା

ଭୁବନେଶ୍ୱର
୦୧ ଡିସେମ୍ବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

### ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପ୍ରସଙ୍ଗ

# ମିଳୁନି ଜଙ୍ଗଲ ଓ ପରିବେଶ ବିଭାଗ ଅନୁମତି

**ପୁରୀ, ୩୦/୧୧ ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣକୁ ନେଇ ଏବେ ଆଶା ଆଶଙ୍କା ଦେଖାଦେଇଛି । ପୁରୀରେ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ଆବଶ୍ୟକ ଥିବା ବେଳେ ରାଜ୍ୟ ସରକାରଙ୍କୁ ବିମାନ ବନ୍ଦର ନିର୍ମାଣ ହେବାକୁ ଥିବା ସ୍ଥାନକୁ ବିଭାଗ ପକ୍ଷରୁ ଏନଓସି ଦିଆଯାଇନାହିଁ । ପୁରୀ ଉପକଣ୍ଠରେ ଥିବା ସିପସରୁବାଲି ମୌଜାରେ ଏହି ବିମାନ ବନ୍ଦର ନିର୍ମାଣ ନେଇ ଓଡ଼ିଶା ସରକାର ଯୋଜନା କରୁଥିବା ବେଳେ ଉକ୍ତ ସ୍ଥାନଟି ପରିବେଶ ଦୃଷ୍ଟିରୁ ବହୁତ୍ ସମ୍ବେଦନସ୍ଥଳ ଅଞ୍ଚଳ ଅଟେ । ଏହା ଜଙ୍ଗଲ ଜମି ହୋଇଥିବା ବେଳେ ଅନେକ ମୂଲ୍ୟବାନ ବୃକ୍ଷ ରହିଛି । ସେହିପରି ଏଠାରେ ହରିଣ, ମୟୂର ଏବଂ ଗାଡଭାଲୁ ସମେତ ଅନେକ ଜୀବଜନ୍ତୁ ରହିଛନ୍ତି । ଏପରି କି ନିର୍ମାଣ ହେଉଥିବା ବିମାନ ବନ୍ଦରଟି ସମୁଦ୍ର ଉପକୂଳ ନିକଟରେ ରହିଛି । ଫଳରେ ଉକ୍ତ ସ୍ଥାନକୁ ବିରଳ ଅଲିଭ ରିଡଲେ କଇଁଛଙ୍କ ଆଗମନ ସହିତ ଅଣ୍ଡାଦାନ କରିଥାଆନ୍ତି । ତେଣୁ ଏହି ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣକୁ ବିରୋଧ କରିଛନ୍ତି ବୁଦ୍ଧିଜୀବୀ । ନିକଟରେ ଚିଲିକା ଥିବାରୁ ସେଠାକୁ ଅନେକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ । ଏଣୁ ଉକ୍ତ ଅଞ୍ଚଳରେ ଜୈବ ବିବିଧତା ରହିଛି । ଏଠାରେ ବିମାନ ଯାତାୟାତ ବେଳେ ଅନେକ ଶବ୍ଦ ସୃଷ୍ଟି ହେବା ସହ ଆଲୋକ ପ୍ରଦୂଷଣ ସୃଷ୍ଟି ହେବ । ଯାହାକି ଅଲିଭ ରିଡଲେ କଇଁଛ ଓ ବିଦେଶାଗତ ପକ୍ଷୀଙ୍କ ଆଗମନ ଉପରେ ପ୍ରଭାବ ପଡ଼ିବା ସହ ଉକ୍ତ ଅଞ୍ଚଳରେ ବିମାନ ବନ୍ଦର ପାଇଁ ଗଛ କଟାହେଲେ ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡ଼ିବ । ଏଣୁ ବିମାନ ବନ୍ଦର ନିର୍ମାଣକୁ ପରିବେଶବିତ୍ ଓ ବୁଦ୍ଧିଜୀବୀ ବିରୋଧ କରୁଛନ୍ତି । ଏହି ବେଆଇନ ନିର୍ମାଣକୁ ରୋକ୍ ଲଗାଇବା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ମଧ୍ୟ ମାମଲା ଚାଲିଛି । ନିକଟରେ ପୁରୀ ଡିଏଫ୍‌ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲକୁ ସତ୍ୟପାଠ ଦେଇ କହିଛନ୍ତି, ଉକ୍ତ ଅଞ୍ଚଳଟି ପରିବେଶ ଦୃଷ୍ଟିରୁ ବହୁତ୍ ସମ୍ବେଦନଶୀଳ । ବିମାନ ବନ୍ଦର ନିର୍ମାଣ ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗକୁ ଅନୁମତି ପାଇଁ ଆବେଦନ କରାଯାଇଛି । ତେବେ କେନ୍ଦ୍ର ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ଅନୁମତି ନଥିବା ବେଳେ କିଭଳି ସେଠାରେ ପୂର୍ବ ସରକାର ଜମି ଅଧିଗ୍ରହଣ କଲେ ଓ ପାଚେରୀ ନିର୍ମାଣ କଲେ, ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଆଇନଜୀବୀ । ପୂର୍ବ ସରକାର ଉକ୍ତ ଅଞ୍ଚଳ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ବୋଲି ଜାଣି ମଧ୍ୟ ବେଆଇନ ଭାବେ ବିମାନ ବନ୍ଦର ପାଇଁ ଉଦ୍ୟମ କରିଥିଲେ, ଯାହା କେବଳ ନିର୍ବାଚନ ଭେଳିକି ଥିଲା । ଏବେ ନୂଆ ସରକାର ମଧ୍ୟ ବିମାନ ବନ୍ଦର ନିର୍ମାଣ ନେଇ ପ୍ରୟାସ ଜାରି ରଖିଛନ୍ତି । ଯାହା ସମ୍ଭବ ନୁହେଁ ବୋଲି କହିଛନ୍ତି ଆଇନଜୀବୀ ଶରତ ରାୟଗୁରୁ ।

## ବଢିଲା ଶୁଭଙ୍କରଙ୍କ ଅଡୁଆ : ସିଂହଦ୍ୱାର ଥାନାରେ ଏତଲା

**ପୁରୀ, ୩୦/୧୧ ନ୍ୟୁଜ ବ୍ୟୁରୋ**




ସୋସିଆଲ ମିଡିଆ ଇନଫ୍ଲୁଏନ୍ସରେ ଶ୍ରୀମନ୍ଦିରକୁ ନେଇ ଶୁଭଙ୍କର ମିଶ୍ରାଙ୍କର ବିବାଦୀୟ ଟିପ୍ପଣୀ ଘଟଣାକୁ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଶୁଭଙ୍କର ମିଶ୍ରାଙ୍କ ନାଁରେ ରୁଜୁ ହୋଇଛି ଏତଲା । ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ଏହି ଏତଲା ଦେଇଛନ୍ତି । ଶୁଭଙ୍କରଙ୍କ ଏଭଳି ଟିପ୍ପଣୀ ନିନ୍ଦନୀୟ ବୋଲି ସେ କହିଛନ୍ତି । ମହାପ୍ରଭୁଙ୍କ ଶ୍ରୀମନ୍ଦିର ବିଷୟରେ ଏଭଳି ଅଶୁଭ ଟିପ୍ପଣୀ ଦେବା ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

ସୂଚନାଥାଉକି, ସୋସିଆଲ ମିଡିଆ ଇନଫ୍ଲୁଏନସର ଶୁଭଙ୍କର ମିଶ୍ରା ପୁରୀ ଶ୍ରୀମନ୍ଦିରକୁ ନେଇ ନିକଟରେ ବିବାଦୀୟ ଟିପ୍ପଣୀ ରଖିଥିଲେ । ସେ ମନ୍ଦିର ଉପରେ ବଡ ଆରୋପ ଲଗାଇଥିଲେ । ସେ କହିଥିଲେ ଯେ, କୌଣସି ପ୍ରେମୀ ଯୁଗଳ ଯଦି ମନ୍ଦିର ଯାଆନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ । ଏନେଇ ସେ ତାଙ୍କ ପଡକାଷ୍ଟରେ କହିଥିଲେ । ବଡ ବଡ ଚ୍ୟାନେଲରେ ନ୍ୟୁଜ୍ ଆଙ୍କର ଭାବେ କାମ କରି ସାରିଥିବା ଶୁଭଙ୍କରଙ୍କ ଏଭଳି ଟିପ୍ପଣୀକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ସେପଟେ ପୁରୀ ଏସ୍‌ପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ୟୁଟ୍ୟୁବର ଶୁଭଙ୍କର ମିଶ୍ରାଙ୍କ ବିରୁଦ୍ଧରେ ଦିଆଯାଇଥିବା ଏତଲାକୁ ସିଂହଦ୍ୱାର ପୋଲିସ ଗ୍ରହଣ କରିଛି । ପୋଲିସ ଏହି ଏତଲାକୁ ଅନୁଧ୍ୟାନ କରି କୌଣସି ବେଆଇନ୍ କାର୍ଯ୍ୟ ହୋଇଥିଲେ ୟୁଟ୍ୟୁବର ଶୁଭଙ୍କର ମିଶ୍ରାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।' ସେପଟେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଜଗନ୍ନାଥ ସଂସ୍କୃତି ବିଷୟରେ ଭୁଲ୍ ତଥ୍ୟ ଦେଇ ଅପପ୍ରଚାର କରିବା ଠିକ୍ ନୁହେଁ । ଏଭଳି କାର୍ଯ୍ୟ ଯେଉଁମାନେ କରୁଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।'



ଭୁବନେଶ୍ୱର : ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣାର୍ଥୀମାନେ । (ଫଟୋ : ସମ୍ବାଦ କଳିକା)

## ଆଠଗଡ଼ରେ ପ୍ରତିଷ୍ଠା ହେବ ଶୀତଳ ଭଣ୍ଡାର : ଉପମୁଖ୍ୟମନ୍ତ୍ରୀ

**ଆଠଗଡ଼ ୩୦ ।୧୧ ନ୍ୟୁଜ ବ୍ୟୁରୋ**

ଆଠଗଡ଼ ଗସ୍ତରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏକ ବିରାଟ ପଟୁଆରରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ବାରୁଣୀ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଲୋକ ସହ ଚାଲି ଚାଲି ଯାଇଥିଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ବିଜେପି ନେତା ଅଭୟ କୁମାର ବାରିକ୍ ଆଠଗଡ଼ରେ ଦୀର୍ଘ ବର୍ଷ ଧରି ବନ୍ଦ ଥିବା ଶୀତଳ ଭଣ୍ଡାରର ପୁନଃରୁଦ୍ଧା କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଠଗଡ଼ରେ ଏକ ଶୀତର ଭଣ୍ଡା କରିବାକୁ ଆମ ସରକାର ଯାଉଛନ୍ତି । ଯାହାଦ୍ୱାରା କି ଆଠଗଡ଼ର ଶୀତଳ ଭଣ୍ଡାର ସମସ୍ୟାର ସମାଧାନ ହୋଇଯିବ । ସେହିପରି ବନ୍ଦେ ମାତରଂ ୧୫୦ ବର୍ଷ ଉତ୍ସବ ପାଳନରେ ଯୋଗଦେବା ସହିତ ରାଜ୍ୟରେ ପ୍ରଥମ କରି ଆଠଗଡ଼ରେ ଆଳୁ ବଣ୍ଟନର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏହି ଅବସରରେ ଆଠଗଡ଼ ପକ୍ଷରୁ ଦିଆଯାଇଥିବା ସ୍ୱାଗତ ସମ୍ବର୍ଦ୍ଧନା ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି ଉପ ମୁଖ୍ୟମନ୍ତ୍ରୀ ।

### କିସ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ଉତ୍ସବ

# ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ଜୀବନର ମୂଳମନ୍ତ୍ର: ପ୍ରଫେସର ଗଣେଶୀ ଲାଲ

**ଭୁବନେଶ୍ୱର, ୩୦ ।୧୧ ନ୍ୟୁଜ ବ୍ୟୁରୋ**




ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ହେଉଛି ଜୀବନର ମୂଳମନ୍ତ୍ର ବୋଲି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ରବିବାର କିସ୍ ବିଶ୍ୱବିଦ୍ୟାଳୟ ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଲାଲ୍ କହିଲେ, ମୁଁ କିଏ, ମୁଁ କେଉଁଠି ଅଛି ଓ ମୁଁ କାହିଁକି ଅଛି ଏ ଅସମାହିତ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ । ମାତ୍ର କିସ୍ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କୁ ଏହି ଅସମାହିତ ପ୍ରଶ୍ନର ଉତ୍ତର ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଦେଇପାରିଛନ୍ତି । କିସ୍ ଆଜି ବିଶ୍ୱ ପାଇଁ ଏକ ଐତିହ୍ୟ ପାଲଟିଛି । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ସବୁବେଳେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜ ଅନ୍ତରାତ୍ମା ବା ଇନର ନେଟ୍‌କୁ ପଚାରି ଯେ କୌଣସି କାର୍ଯ୍ୟ କରିବା ଉଚିତ । ଜୀବନରେ ସବୁବେଳେ ଅନୁସନ୍ଧିତ୍ସୁ ହେବା ସହ ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରତିବଦ୍ଧତା ରହିଲେ ସଫଳତା ହାସଲ ହୋଇପାରିବ ବୋଲି ପ୍ରଫେସର ଲାଲ୍ କହିଥିଲେ । ଏହି ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି ଟ୍ୟୁନିସିଆର ନୋବେଲ ବିଜେତା କୁଇଦେଦ୍ ବୋଚମୁଇ କହିଲେ, ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ନେତୃତ୍ୱକୁ ନିକଟରେ ପାଇଥିବାରୁ କିସ୍‌ର ଛାତ୍ରଛାତ୍ରୀମାନେ ଭାଗ୍ୟବାନ । ଶାନ୍ତି ଓ ସମାନତା ନିମନ୍ତେ ଶିକ୍ଷା ହେଉଛି ସବୁଠାରୁ ପ୍ରଭାବୀ ଅସ୍ତ୍ର । ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବା ବଦଳରେ ସେମାନଙ୍କ ପ୍ରତି ଦୟାଶୀଳ ଓ ଉଦାର ମନୋଭାବ ପୋଷଣ ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଓଡ଼ିଶାର ତିନିଜଣ ବିଶିଷ୍ଟ ବ୍ୟକ୍ତି ସାଂସଦ ଭର୍ତ୍ତୃହରି ମହତାବ, ଦୈନିକ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା । ସମ୍ମାନ ଗ୍ରହଣ କରି ଶ୍ରୀ ମହତାବ କହିଲେ, ଏହି ସମ୍ମାନସୂଚକ ଡିଗ୍ରୀ ମୋର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ନୁହେଁ, ସାଧାରଣ ଜୀବନରେ ଦୀର୍ଘ ୩୦ବର୍ଷର ମୋର କାର୍ଯ୍ୟର ସ୍ୱୀକୃତି । କିସ୍‌ର ଛାତ୍ରଛାତ୍ରୀମାନେ ଯେଉଁ ଶୃଙ୍ଖଳା ଓ ସଞ୍ଜମ ପ୍ରଦର୍ଶନ କରୁଛନ୍ତି ତାହା ଓଡ଼ିଶାର ଅନ୍ତର୍ନିହିତ ଶକ୍ତିକୁ ହିଁ ପ୍ରଦର୍ଶିତ କରୁଛି ବୋଲି ସେ କହିଥିଲେ । ସମ୍ମାନ ଗ୍ରହଣ ଶ୍ରୀ ପଟ୍ଟନାୟକ କହିଲେ, ଏପରି ସମାବର୍ତ୍ତନ ସଭା ପ୍ରଥମ ଥର ପାଇଁ ମୁଁ ମୋ ଜୀବନରେ ଦେଖୁଛି । ଏହି ସମ୍ମାନ ମୋତେ ଆଗକୁ ଆହୁରି କାର୍ଯ୍ୟ କରିବା ପାଇଁ ଅଧିକ ଶକ୍ତି ଯୋଗାଇବ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଶ୍ନ ପଚାରି ଶିଖ ଏବଂ ମାଆ, ମାଟି ଓ ମାତୃଭାଷା ପ୍ରତି ସମ୍ମାନ ରଖିଥାଅ । ସମ୍ମାନ ଗ୍ରହଣ ଶ୍ରୀ ଜଗଦାନନ୍ଦ କହିଥିଲେ, ନ୍ୟାୟ ଓ ସମ୍ମାନ କ୍ଷେତ୍ରରେ ଓଡ଼ିଶାର ଯାତ୍ରାକୁ ମୋର ଏହି ସମ୍ମାନ ପ୍ରତିଫଳିତ କରୁଛି । କିସ୍ ହେଉଛି ସମ୍ମାନ ଓ ସୁଯୋଗର ଉତ୍ସ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ୟୁଏଇସ୍ଥିତ କେଇଏଫ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଫଇଜଲ ଇଦାଭାଲାଥ କୋଟି କୋଟି କୋଲୋନ, ଇଂଲଣ୍ଡସ୍ଥିତ ମାଲହୋତ୍ରା ଗ୍ରୁପ୍ ପିଏଲ୍‌ସିର ଅଧ୍ୟକ୍ଷ ଜେ ଏମ୍ ମିନୁ ମାଲହୋତ୍ରା ପ୍ରମୁଖ ଯୋଗଦେଇଥିଲେ ।

ସମାବର୍ତ୍ତନରେ ମୋଟ ୪୬୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୨୦ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା । ସେହିପରି ସାମଗ୍ରିକ ଭାବେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ଏବଂ ଶୈକ୍ଷିକ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

### ବେଆଇନ ଖଣି କାରବାରରେ ଲାଗିଲା ଅଙ୍କୁଶ

## ଏଣିକି ଲାଇସେନ୍ସିଂ ପ୍ରକ୍ରିୟାକୁ କରାଯିବ ବାଧ୍ୟତାମୂଳକ

**ଭୁବନେଶ୍ୱର ୩୦/୧୧ ନ୍ୟୁଜ ବ୍ୟୁରୋ**

ବେଆଇନ ଖଣି କାରବାରରେ ଲାଗିଲା ରୋକ୍ । ଆସିଲା ନୂଆ ନିୟମ । ଖଣି କାରବାର ସହ ଖଣିଜ ପରିବହନ ସଂରକ୍ଷଣ, ପରିବହନ ନଜର ରଖାଯିବ । ଖଣି ଉତ୍ତୋଳନ ଠାରୁ ପରିବହନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ପାଇଁ ଲାଇସେନ୍ସ ବାଧ୍ୟତାମୂଳକ କରାଯାଇଛି । ଏନେଇ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁଯାଇ, ବେଆଇନ ଖଣି କାରବାର, ଖଣିଜ ପରିବହନ ସଂରକ୍ଷଣ, ପରିବହନ ଓ ବ୍ୟବସାୟ ପାଇଁ ନୂଆ ନିୟମ ଆସିଛି । ଏଆଇ କ୍ୟାମେରା, ଆନାଲାଇଜର, ଡିଜିଟାଲ ପ୍ଲାଟଫର୍ମ ଭଳି ଜ୍ଞାନକୌଶଳ ବ୍ୟବହାର କରାଯିବ । ବେଆଇନ କାରବାର ଉପରେ ଡ୍ରୋନରେ ନଜର ରଖାଯିବ । ଡିଜିଟାଲ ଏନଫୋର୍ସମେଣ୍ଟ ଜରିଆରେ କାରବାର ଉପରେ ନଜର ରଖାଯିବ । ରିଅଲ ଟାଇମ୍ ଡାଟା ସିଷ୍ଟମ ଜରିଆରେ ଗାଡ଼ିରେ ଥିବା ଖଣିଜ ହେବ ଦ୍ରବ୍ୟର ମାନ, ଓଜନ ଓ ଗାଡିର ବିବରଣୀ ନେଇ ଡିଜିଟାଲ ଡାଟା ବେଶ ତିଆରି କରାଯିବ ।। ଇ-ଟ୍ରାନଜିଟ୍ ପାସର ପ୍ରଚଳନ ହେବ । ବିନା ଲାଇସେନ୍ସରେ ଖଣି କାରବାର କଲେ ଜରିମାନା ସହିତ ଜେଲ ହୋଇପାରେ । ଖଣି ଖୋଲିବା ଠାରୁ ପରିବହନ ପର୍ଯ୍ୟନ୍ତ ଲାଇସେନ୍ସ ବାଧ୍ୟତାମୂଳକ ହେବ । ସମସ୍ତ କାର୍ଯ୍ୟ ସରକାରୀ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରିବା ଆବଶ୍ୟକ । ଖଣିଜ ପରିବହନ ପାଇଁ ପ୍ରକୃତ ସମୟ ମନିଟରିଂ, ସମନ୍ୱିତ ଓଜନ ସେତୁ ଏବଂ ବାଧ୍ୟତାମୂଳକ ଇ-ଟ୍ରାନଜିଟ୍ ପାସ୍ । ଡିଜିଟାଲ୍ ସିଷ୍ଟମ ସହିତ ଯେକୌଣସି ପ୍ରକାରର ହେରଫେର ହେଲେ ଲାଇସେନସ ନିଲମ୍ବନ/ବାତିଲ ହୋଇପାରେ ।



## ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ୩୦/୧୧ ନ୍ୟୁଜ ବ୍ୟୁରୋ**



ସମାଜରେ ଯଦି ଜନଜାତି ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରାଯାଏ ତେବେ ବର୍ତ୍ତମାନ ସମାଜରେ ଉପୁଜୁଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ରବିବାର କହିଛନ୍ତି ବିଶିଷ୍ଟ ସାନ୍ତାଳୀ ଲେଖିକା ଦମୟନ୍ତୀ ବେସ୍ରା । ଜନଜାତି ସଂସ୍କୃତିରେ ଯୌତୁକ ପ୍ରଥା ନାହିଁ ଏବଂ ମହିଳାଙ୍କୁ ଆଦିବାସୀ ସମାଜରେ ଅନେକ ସମ୍ମାନ ପ୍ରଦାନ କରାଯାଏ ବୋଲି ତୃତୀୟ ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିନରେ ନିଜ ବକ୍ତବ୍ୟରେ କହିଛନ୍ତି ପଦ୍ମଶ୍ରୀ ପୁରସ୍କାର ବିଜେତା ଶ୍ରୀମତୀ ବେସ୍ରା । ଓଡ଼ିଶାର ଜନଜାତି ସମ୍ପ୍ରଦାୟ ପ୍ରଭୁ ଜଗନ୍ନାଥଙ୍କୁ ପୂଜା କରିଥାନ୍ତି ଏବଂ ଓଡ଼ିଶାର ସଂସ୍କୃତି ଆଦିବାସୀମାନଙ୍କର ଜୀବନଶୈଳୀର ଅନୁଶୀଳନ ବୋଲି ଶ୍ରୀମତୀ ବେସ୍ରା କହିଛନ୍ତି । ଜନଜାତି ସମ୍ପ୍ରଦାୟ ତିନି ମୂର୍ତ୍ତୀ ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ତାଙ୍କର ଭଉଣୀ ଦେବୀ ସୁଭଦ୍ରାଙ୍କୁ ଆରାଧନା କରିଥାନ୍ତି । ସାରା ରାଜ୍ୟର ସାନ୍ତାଳ, କନ୍ଧ ଏବଂ ଶବର ସମ୍ପ୍ରଦାୟ ମଧ୍ୟ ତିନି ଠାକୁରଙ୍କୁ ଆରାଧ୍ୟ ଦେବତା ଭାବେ ବିବେଚନା କରିଥାନ୍ତି ବୋଲି ସେ କହିଛନ୍ତି । ଏହି ଅବସରରେ ୬୪ଟି ଜନଜାତି ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଉ ନଥିବାରୁ ଚିନ୍ତା ବ୍ୟକ୍ତ କରିବା ସହ ଏହା ଫଳରେ ଆଦିବାସୀ ପିଲାମାନେ ଏହି ସବୁ ଭାଷାର ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ବୋଲି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ସମାରୋହର ଦ୍ୱିତୀୟ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଜରୁରୀ କାର୍ଯ୍ୟବଶତଃ ସେ ଯୋଗ ଦେଇ ପାରିନଥିଲେ । ମୁଖ୍ୟମନ୍ତ୍ରୀ ଏହି ସାହିତ୍ୟ ଉତ୍ସବର ଆୟୋଜନ କରିଥିବାରୁ ସୋଆ ବିଶ୍ୱବିଦ୍ୟାଳୟକୁ ଏକ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ । ନିଜ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଏବଂ ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବାରେ ଭାଷାର ଯେତିକି ଭୂମିକା ରହିଛି, ଠିକ ସେମିତି ଭୂମିକା ରହିଛି ଲେଖକଙ୍କର । ସାହିତ୍ୟ ଉତ୍ସବର ପ୍ରସଙ୍ଗ 'ସଂସ୍କୃତି, ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତା'କୁ ସମୟ ଉପଯୋଗୀ ବୋଲି କହିବା ସହ ଏହି ଉତ୍ସବରେ ଯୋଗ ଦେଇଥିବା ଲେଖକ, କବି ଓ ବକ୍ତାମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ । ସୋଆର ଏଭଳି ପଦକ୍ଷେପ ବାସ୍ତବିକ ପ୍ରଶଂସନୀୟ ବୋଲି ଶ୍ରୀ ମାଝୀ କହିଥିଲେ । ଚଳିତ ବର୍ଷ ଆରମ୍ଭ କରାଯାଇଥିବା ସୋଆ ଯୁବ ସାହିତ୍ୟ ପୁରସ୍କାର ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆ ପୁଚି ନାରଙ୍ଗ' ନିମନ୍ତେ ପ୍ରଦାନ କରାଯାଇଥିଲା । ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଶ୍ରୀ ତ୍ରିପାଠୀଙ୍କୁ ଏକ ରୌପ୍ୟ ଫଳକ, ମାନପତ୍ର, ଉତ୍ତରୀୟ ଏବଂ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସମ୍ମାନ ଗ୍ରହଣ କରିବା ଅବସରରେ ନିଜ ଭାଷଣରେ ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆମେ ସମସ୍ତେ ଅସହିଷ୍ଣୁତା, ଆତ୍ମଗର୍ବ ଓ ଆତ୍ମମୁଗ୍ଧତାର ଗୋଲକଧନ୍ଦା ଭିତରୁ ବାହାରିବାର ଆବଶ୍ୟକତା ରହିଛି । ସାହିତ୍ୟ ଏବଂ ଶିକ୍ଷା ହିଁ ସମାଜକୁ ସୁଦୃଢ଼ କରିପାରିବ ବୋଲି ସେ କହିଥିଲେ ।

## ଆଜିଠାରୁ କୋଣାର୍କ ଉତ୍ସବ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**କୋଣାର୍କ,୩୦ ।୧୧ ନ୍ୟୁଜ ବ୍ୟୁରୋ**

ଡିସେମ୍ବର ୧ ତାରିଖ ଅର୍ଥାତ୍ ସୋମବାର ଠାରୁ ଆରମ୍ଭ ହେଉଛି କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ । ଅର୍କକ୍ଷେତ୍ର କୋଣାର୍କ ହୋଇ ଉଠିଛି ଉତ୍ସବମୁଖର । ଏହି ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ସଂଧ୍ୟାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଶେଷ ପର୍ଯ୍ୟାୟ କାର୍ଯ୍ୟ ଅନୁଧ୍ୟାନ କରିଥିଲେ ।

ପ୍ରକାଶ ଅପେକ୍ଷାରେ...

"କଥାକଳିକା"
ଡିସେମ୍ବର -୨୦୨୫ ସଂଖ୍ୟା




ଏଥର ସଂଖ୍ୟାରେ ଆମ ଗାଳ୍ପିକ...

**ସ୍ମରଣୀୟ କଥା :** ଭାସ୍କର ଜେନା
**ସମକାଳର କଥା :** ସଚ୍ଚିଦାନନ୍ଦ କର, ଶରତ କୁମାର ଜେନା, ସଂଯୁକ୍ତା ଦାଶ, ସନ୍ତୋଷୀ ସ୍ୱାଇଁ ବରଦା ପ୍ରସନ୍ନ ଦାସ, କାଳିକିଙ୍କର, ଗୀତା ଦାସ, ମଧୁମିତା ମହାନ୍ତି, ଆନନ୍ଦ କୁମାର ମାଇତି, ଭାଗିରଥୀ ବେହେରା, ଅରବିନ୍ଦ ଦାସ ।
**ଅନ୍ୟ ଭାଷାର କଥା :** ତ୍ରିନାଥ ପଟ୍ଟନାୟକ
**ଯୁବ ମାନସର କଥା :** ଗୀତାଞ୍ଜଳି ସ୍ୱାଇଁ, କୃଷ୍ଣଚନ୍ଦ୍ରରଥ, ସୋମନାଥ ବିଷୋୟୀ, ପରିମତା ସାହୁ, ସତ୍ୟବ୍ରତ ସାହୁ, ସରିତାସିଂହ ମହାନ୍ତି ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

### ୩୩ ୱାରେଣ୍ଟ୍ ଆସାମୀଙ୍କୁ ପଳାତକ ଘୋଷଣା

# ମାସେ ମହଲତ, ଆତ୍ମସମର୍ପଣ ନ କଲେ ସମ୍ପତ୍ତି ବାଜ୍ୟାପ୍ତି

**କଟକ, ୩୦/୧୧ ନ୍ୟୁଜ ବ୍ୟୁରୋ**




ବହୁ ଜଘନ୍ୟ ଅପରାଧ ମାମଲାରେ ସମ୍ପୃକ୍ତ ରହିଛନ୍ତି । ପୁଲିସର ଗିରଫଦାରୀକୁ ଏଡ଼ାଇବା ପାଇଁ ୧୦, ୧୨ ବର୍ଷ ହେଲା ଲୁଚି ବୁଲୁଛନ୍ତି । ଯେତେ ଖୋଜିଲେ ବି ଧରାଛୁଆଁ ଦେଉନାହାନ୍ତି । ଜାମିନ ବିହୀନ ପରୱାନା (ଏନ୍‌ବିଡବ୍ଲୁ) ଜାରି ପରେ ବି ଚେତୁନାହାନ୍ତି ଅଭିଯୁକ୍ତ । ଫଳରେ ଅଦାଲତରେ ମାମଲା ବିଚାର ସମ୍ପୂର୍ଣ୍ଣ ହୋଇପାରୁନାହିଁ । କଟକ ଜିଲ୍ଲାରେ ଏପରି ବର୍ଷ ବର୍ଷ ହେଲା ଫେରାର୍ ଥିବା ୩୩ ଜଣ ୱାରେଣ୍ଟ୍ ଆସାମୀଙ୍କୁ କଟକ ଜିଲ୍ଲା ପୁଲିସ ପଳାତକ ଘୋଷଣା କରିଛି । ସମ୍ପୃକ୍ତ ୩୩ ଜଣ ଯାକ ୱାରେଣ୍ଟ୍ ଆସାମୀଙ୍କ ସ୍ଥାୟୀ ଠିକଣାରେ ଥାନା ଅଧିକାରୀମାନେ ପହଞ୍ଚିଛନ୍ତି । ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା ଆସାମୀଙ୍କ ଗାଁରେ ପୁଲିସ ଡେଙ୍ଗୁରା ବଜାଇ ଓ ମାଇକ୍‌ରେ ସତର୍କ କରାଇଛି । ମାସକ ଭିତରେ ଥାନାରେ ଆତ୍ମସମର୍ପଣ କରିବା ପାଇଁ ବିଏନ୍‌ଏସ୍ ଧାରା ୮୪ରେ ପୁଲିସ ନୋଟିସ୍ ଜାରି କରିଛି । ଜାରି ହୋଇଥିବା ନୋଟିସ୍‌କୁ ସମ୍ପୃକ୍ତ ଆସାମୀମାନଙ୍କ ଘର କାନ୍ଥରେ ଓ ଗ୍ରାମ ପଞ୍ଚାୟତ ଅଫିସରେ ପୁଲିସ ଲଟ୍‌କା ଜାରି କରିଛି । ମାସକ ଭିତରେ ଆତ୍ମସମର୍ପଣ ନ କଲେ ସମ୍ପୃକ୍ତ ୩୩ ଜଣ ଯାକ ୱାରେଣ୍ଟ୍ ଆସାମୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ବିଏନଏସ୍‌ଏସ୍ ଧାରା ୮୫ ବଳରେ ଥାନା ଅଧିକାରୀ କୋର୍ଟକୁ ନିବେଦନ କରିବେ ବୋଲି ଜିଲ୍ଲାର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି । ପୁଲିସର ଏପରି କଡ଼ା ଆଭିମୁଖ୍ୟକୁ ନେଇ ଜିଲ୍ଲାରେ ଆତ୍ମଗୋପନ କରିଥିବା ୱାରେଣ୍ଟ୍ ଆସାମୀଙ୍କ ମହଲରେ ଭାଳେଣି ପଡ଼ିଛି । ପ୍ରାଥମିକ ପର୍ଯ୍ୟାୟରେ ୩୩ ଜଣଙ୍କ ବିରୋଧରେ କଠୋର ପଦକ୍ଷେପ ଆରମ୍ଭ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଅନ୍ୟ ଆସାମୀମାନଙ୍କ ପାଇଁ ଏହି ନିୟମ ଲାଗୁ କରାଯିବ ବୋଲି ସୂଚନା ମିଳିଛି । ତେବେ ମାସକ ଭିତରେ ଥାନାରେ ପ୍ରତ୍ୟକ୍ଷ ଭାବେ ପହଞ୍ଚି ଦେଖା ନକଲେ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ପୁଲିସ ଯେଉଁ ଚରମବାଣୀ ଶୁଣାଇଛି ଏଥିରେ ବଡ଼ମ୍ବା ଥାନା ଅଞ୍ଚଳରେ ସର୍ବାଧିକ ୭ ଜଣ ଆସାମୀ ଥିବା ସୂଚନା ମିଳିଛି । ସାଲେପୁର ଓ ତିଗିରିଆ ଥାନା ଅଞ୍ଚଳରେ ୫ ଜଣ ଲେଖାଏଁ ରହିଥିବା ବେଳେ ମାହାଙ୍ଗା ଓ ଗୋବିନ୍ଦପୁର ଥାନା ଅଞ୍ଚଳରେ ୩ ଜଣ ଲେଖାଏଁ, କାନପୁର, ଖୁଣ୍ଟୁଣୀ, ନେମାଳ, ନିଆଳି ଥାନା ଅଞ୍ଚଳରେ ୨ ଜଣ ଲେଖାଏଁ, ନିଶ୍ଚିନ୍ତକୋଇଲି ଓ ଗୁରୁଡ଼ିଝାଟିଆରେ ଜଣେ ଲେଖାଏଁ ଆସାମୀ ଥିବାର ସୂଚନା ମିଳିଛି । ସମ୍ପୃକ୍ତ ଆସାମୀମାନଙ୍କ ମଧ୍ୟରୁ ଅନେକ ୮/୧୦ ବର୍ଷ ହେଲା ଫେରାର୍ ଥିବା ପୁଲିସ କହିଛି । ଫଳରେ ଅଦାଲତରେ ୩୩ଟି ମାମଲାର ବିଚାର ଶେଷ ହୋଇପାରିନାହିଁ । କୋର୍ଟରେ ବିଚାର ପ୍ରକ୍ରିୟାରେ ଅଭିଯୁକ୍ତମାନଙ୍କ ଉପସ୍ଥିତି ଜରୁରି ଥିଲେ ସେମାନେ ଗିରଫଦାରୀ ଏଡ଼ାଇବାକୁ ଯାଇ ବର୍ଷ ବର୍ଷ ହେଲା ଆତ୍ମଗୋପନ କରିଛନ୍ତି । ଫଳରେ ଅଦାଲତର ବିଚାର ପ୍ରକ୍ରିୟାରେ ସମସ୍ୟା ହୋଇଛି । ଏହାକୁ ଦୃଷ୍ଟିରେ ରଖି ଫେରାର ଥିବା ୩୩ ଜଣ ଯାକ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରୁ ଅନୁମତି ନେଇ ଏନବିଡବ୍ଲୁ ଜାରି କରିଥିଲା । ଏନ୍‌ବିଡବ୍ଲୁ ଜାରି ପରେ ମଧ୍ୟ ସେମାନେ ଧରାଛୁଆଁ ନ ଦେବାରୁ ପୁଲିସ ପଳାତକ ଘୋଷଣା କରିଛି ।